

ଆଜି କଳିଙ୍ଗରେ
ହକି ଇଣ୍ଡିଆ ଲିଗ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-202 •SATURDAY •17 JANUARY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୦୨ •ଶନିବାର •୧୭ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ପ୍ରତିବର୍ଷ ବଢୁଛି ବିଜୁଳି ଆବଶ୍ୟକତା

# ଆଗକୁ ଅସମ୍ଭାଳ

## ୨୦୩୦ ବେଳକୁ ଲୋଡ଼ା ୯୫୦୦ ମେଗାୱାଟ

■ ଭୁବନେଶ୍ୱର, ୧୬ ।୧ (ସମିସ): ଓଡ଼ିଶାରେ ପ୍ରତିବର୍ଷ ବଢ଼ିବଢ଼ି ଚାଲିଛି ବିଜୁଳି ଚାହିଦା । ୨୦୦୭-୦୮ ବର୍ଷରେ ରାଜ୍ୟର ବିଜୁଳି ଚାହିଦା ୧୮୮୪୬ ମେଗା ୟୁନିଟ୍ ଥିବାବେଳେ ୨୦୨୪ରେ ଏହା ପାଖାପାଖି ଅଢ଼େଇଗୁଣ ବୃଦ୍ଧି ପାଇ ୪୬ ହଜାର ମେଗା ୟୁନିଟ୍‌ରେ ଛୁଇଁଛି । ମାତ୍ର ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ଶକ୍ତି ଚାହିଦା ଦୁଇଗୁଣ ବୃଦ୍ଧି ପାଇବ ଓ ୨୦୩୦ ବେଳକୁ ପିକ୍ ସମୟରେ ଏହା ୯୪୫୬ ମେଗା ୟୁନିଟ୍ ଅତିକ୍ରମ କରିବ । ଓଡ଼ିଶା ରାଜ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଆର୍‌ଏପି ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇବା ପରେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସ୍ଥିତି ଓ ଭବିଷ୍ୟତ ଆବଶ୍ୟକତାକୁ ମଧ୍ୟରେ ବିପୁଳ ପାର୍ଥକ୍ୟ ସୃଷ୍ଟି ହେବା ଆଶଙ୍କା କରାଯାଉଛି ।

ବର୍ତ୍ତମାନ ସମୟରେ ରାଜ୍ୟରେ ରାଜ୍ୟରେ ବିଜୁଳି ସମସ୍ୟା ନାହିଁ। ଆବଶ୍ୟକ ତୁଳନାରେ ବିଜୁଳି ଉପଲବ୍ଧ ହେଉଛି। ମାତ୍ର ଭବିଷ୍ୟତରେ ବିଜୁଳି ଚାହିଦା ଢ଼େର ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୧୫-୧୬ରେ ରାଜ୍ୟରେ ୨୨୧୨୧ ମେଗା ୟୁନିଟ୍ ବିଜୁଳିର ଆବଶ୍ୟକତା ଥିବାବେଳେ ୨୧୯୫୯ ମେଗା ୟୁନିଟ୍ ବିଜୁଳି ଉପଲବ୍ଧ ହେଉଥିଲା। ମାତ୍ର ଘରୋଇ ସଂସ୍ଥାଗୁଡ଼ିକର ତାପଜ ବିଦ୍ୟୁତ କେନ୍ଦ୍ରରୁ ବିଦ୍ୟୁତ କିଣି ସରକାର ଆବଶ୍ୟକତାକୁ ଭରଣା କରୁଥିଲେ। ବର୍ତ୍ତମାନ ମଧ୍ୟ ରାଜ୍ୟରେ ସମାନ ସ୍ଥିତି ରହିଛି। ସରକାରଙ୍କ ଅଧୀନସ୍ଥ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଜୁଳି ରାଜ୍ୟର ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ



ହେଉନାହିଁ। ଅଧିକାଂଶ ସମୟରେ ଗ୍ରୀଡ୍‌କୋ ଅନ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବିଦ୍ୟୁତ୍ କ୍ରୟ କରି ବିତରଣକାରୀ କମ୍ପାନୀମାନଙ୍କୁ ଯୋଗାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଅର୍ଥାତ୍ ପ୍ରାୟ ୫୭ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ପ୍ରସ୍ତୁତ ହେଉଛି। ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ହେଉଛି ମୋଟ ୩୦ ପ୍ରତିଶତ। ଅଣପାରମ୍ପରିକ ସୂତ୍ରରୁ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଯାବତୀୟ ଉଦ୍ୟମ ସତ୍ତ୍ୱେ ତାହା ଏଯାଏ ଉତ୍ସାହଜନକ ହୋଇପାରି ନାହିଁ। ରିପୋର୍ଟ ଅନୁସାରେ ଉଭୟ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୧୩ ପ୍ରତିଶତ ବି ଅତିକ୍ରମ କରିନାହିଁ। ବାୟୋମାସରୁ ମାତ୍ର ୨୦ ମେଗାୱାଟ୍ ବିଦ୍ୟୁତ୍ ▶ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ଅଖିଳେଶ

## ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ଦେଖାଯାଉଛି



■ ଭୁବନେଶ୍ୱର, ୧୬ ।୧ (ସମିସ): ଓଡ଼ିଶା ଗସ୍ତରେ ଥିବା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବା ପରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସାକ୍ଷାତ ସମ୍ପର୍କରେ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିବା ସହ ଅଖିଳେଶଙ୍କୁ ଭେଟି ଖୁସି ଲାଗିଲା ବୋଲି କହିଛନ୍ତି। ଅନେକ ସମସାମୟିକ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ନବୀନ କହିବା ସହ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଖିଳେଶ ଯାଦବ କହିଛନ୍ତି ଯେ ▶ପୃଷ୍ଠା-୭

# ୨୦ରେ ବିଜେପିକୁ ମିଳିବ ନୂଆ ଅଧ୍ୟକ୍ଷ

■ ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଜାନୁଆରୀ ୨୦ ତାରିଖରେ ଶାସକ ଦଳ ବିଜେପିକୁ ନୂଆ ଜାତୀୟ ସଭାପତି ମିଳିବ। ଦଳ ଶୁକ୍ରବାର ଏଥିପାଇଁ ବିଜ୍ଞପ୍ତି ଜାରି କରିଛି। ଏହା ଅନୁସାରେ, ଜାନୁଆରୀ ୧୯ରେ ନାମାଙ୍କନ ଦାଖଲ ହେବ ଓ ୨୦ରେ ଦଳର ନୂଆ ସଭାପତିଙ୍କ ନାମ ଘୋଷଣା କରାଯିବ। ଏବେ ନୀତିନ ନବୀନ ଦଳର କାର୍ଯ୍ୟକାରୀ ସଭାପତି ଅଛନ୍ତି ଓ ଦଳ ତାଙ୍କୁ ନିର୍ବିରୋଧରେ ଅର୍ଥାତ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ନୀତିନ ୧୯ରେ ତାଙ୍କର ନାମାଙ୍କନ ଦାଖଲ କରିବେ। ପୂର୍ବରୁ ତାଙ୍କୁ ଡିସେମ୍ବର ୧୪ରେ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ବିଜେପି ୨୦୨୦ରେ ଜେପି ନଡ୍ଡାଙ୍କୁ ଜାତୀୟ ସଭାପତି ଭାବେ ନିଯୁକ୍ତ କରିଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହୋଇଥିଲା। ସେବେଠାରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି ଓ ସେ ବିସ୍ତାରିତ କାର୍ଯ୍ୟକାଳରେ ଅଛନ୍ତି। ନଡ୍ଡା ଏବେ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ▶ପୃଷ୍ଠା-୭



**ଦଳ ତରଫରୁ ଜାରି ହେଲା ବିଜ୍ଞପ୍ତି**

**କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ହୋଇପାରନ୍ତି ନୂଆ ଅଧ୍ୟକ୍ଷ**

## ମହାରାଷ୍ଟ୍ର ପୌର ନିର୍ବାଚନ

# ୩ ଦଶନ୍ଧି ପରେ ଠାକ୍‌ରେ ପରିବାର ହରାଇବ ମୁମ୍ବାଇ

■ ମୁମ୍ବାଇ, ୧୬।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାୟୁତି ମେଣ୍ଟକୁ ବଡ଼ ସଫଳତା ମିଳିଛି। ବିଜେପି ନେତୃତ୍ୱାଧୀନ ଏହି ମେଣ୍ଟ ଏକପାଖିଆ ବିଜୟ ଅଭିମୁଖେ ଅଗ୍ରସର ହେଉଛି। ୧୯ରୁ ୨୩ ପୌର ନିଗମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ଆଗରେ ରହିଛି। ମୁମ୍ବାଇର ବୃହନମୁମ୍ବାଇ ନଗରପାଳିକା (ବିଏମସି)ରେ ବିଜେପି ଏବଂ ଶିବେସନା (ସିନ୍ଦେ) ମେଣ୍ଟ ମୋଟ ୨୨୭ ଆସନରୁ ୧୧୫ଟି ଆଗରେ ରହିଛି। ୯୦ ଆସନରେ ବିଜେପି ଏବଂ ୨୮ ଆସନରେ ଏକନାଥ ସିନ୍ଦେଙ୍କ ଶିବସେନା ଆଗରେ ଚାଲିଛି। ଏପରି ସ୍ଥିତିରେ ଦୀର୍ଘ ତିନି ଦଶନ୍ଧି ପରେ ଠାକରେ ପରିବାର ହାତରୁ ମୁମ୍ବାଇ ଖସି ଯାଇଛି। ସ୍ୱାଧୀନତା ପରେ ୭୭ ବର୍ଷ ହେଲା ବିଏମସି କଂଗ୍ରେସ ଏବଂ ଶିବସେନା ନିୟନ୍ତ୍ରଣରେ ରହିଥିଲା। ୧୯୪୭ରୁ ୧୯୬୭ ଯାଏଁ କଂଗ୍ରେସ ଏବଂ ୧୯୯୦ରୁ ୨୦୨୨ ପର୍ଯ୍ୟନ୍ତ ଅର୍ଥାତ ୩୦ ବର୍ଷ ହେଲା ମେୟର ଆସନ ଶିବସେନା ପାଖରେ ଥିଲା। ପ୍ରଥମ ଥର ପାଇଁ ମୁମ୍ବାଇ ମେୟର ପଦବୀ ବିଜେପି ହାତକୁ ଯାଇପାରେ। ୧୯୮୦ରେ ବିଜେପି ଗଠନ ପରେ ୧୯୯୨ରୁ ୨୦୧୭ ପର୍ଯ୍ୟନ୍ତ ଶିବସେନାକୁ ବିଜେପି ସମର୍ଥନ ଦେଇଥିଲା।

**୨୩ ନିଗମରେ ବିଜେପି ମେଣ୍ଟ ଆଗରେ**

**ଲାତୁରରେ କଂଗ୍ରେସ ବିଜୟୀ**

ଶିବସେନାର କିଶୋରୀ ପେଦନେକର ଶେଷ ଥର ପାଇଁ ମୁମ୍ବାଇ ମେୟର ପଦରେ ଥିଲେ। ସେ ୨୦୧୯ ନଭେମ୍ବର ୨୨ ରୁ ୨୦୨୨ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ମାତ୍ର ସେତେବେଳେ ଶିବସେନା ଭାଗ ଭାଗ ହୋଇ ନ ଥିଲା। ଦଳ ବିଭାଜନ ପରେ ମେୟର ପଦ ଖାଲି ରହିଥିଲା। ସେହି ଦିନଠାରୁ ବିଏମସି ପ୍ରଶାସନର ଦାୟିତ୍ୱ ନଗର ଆୟୁକ୍ତ ସମ୍ଭାଳୁ ଥିଲେ। ବିଏମସି ଏସିଆର ସବୁଠାରୁ ବଡ଼ ପୌର ନିଗମ। ଏହାର ବଜେଟ ପ୍ରାୟ ୭୪ ହଜାର କୋଟି। ବିଏମସି ବଜେଟ ଗୋଆ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ▶ପୃଷ୍ଠା-୭

# ବାଂଲାଦେଶ ସେନା ଦୁଇ ଫାଳ

## ଲାଗିଛି କ୍ଷମତା ଅକ୍ତିଆର ମୋହ; ଗୃହଯୁଦ୍ଧ ଆଶଙ୍କା

■ ଢାକା, ୧୬।୧ (ଏଜେନ୍ସି): ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ଉସମାନ ହାଦିଙ୍କ ହତ୍ୟା ପରଠୁ ବାଂଲାଦେଶ ଅଶାନ୍ତ ରହିଛି। ହିନ୍ଦୁଙ୍କୁ ନିଶାଣ କରି ହତ୍ୟା କରାଯାଉଛି। ଗତ ୧୮ ତାରିଖରୁ ଏ ପର୍ଯ୍ୟନ୍ତ ୭ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଛାତ୍ର ନେତା ଏହି ହିଂସା ପାଇଁ ସେନା ଏବଂ ପୁଲିସକୁ ଦାୟୀ କରୁଛନ୍ତି। ଆଉ ଏହା ପଛରେ ଏକ ବଡ଼ କାରଣ ରହିଥିବା ଦାବି କରିଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍‌ନାକୁ ଆସିଛି। ବାଂଲାଦେଶ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ଏଥିଯୋଗୁଁ ସେନା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ସରକାରକୁ ସମର୍ଥନ କରୁଥିବାବେଳେ ଅନ୍ୟ ଗୋଟିଏ ଜମାତ-ଇ-ଇସଲାମୀ ସପକ୍ଷରେ ରହି କ୍ଷମତା ଅକ୍ତିଆର କରିବାକୁ ପ୍ରୟାସ କରୁଛି। ବାଂଲାଦେଶ ସେନା ▶ପୃଷ୍ଠା-୭

# ମୋରମ ଖାଦାନରେ ଅତଡ଼ା ଧସି ୨ ଶ୍ରମିକ ମୃତ

■ ମାଲକାନଗିରି, ୧୬ ।୧ (ସମିସ): ମୋରମ୍ ଖୋଳୁଥିବା ବେଳେ ପଥର ଅତଡ଼ା ଧସି ଦୁଇ ଶ୍ରମିକଙ୍କ ମୃତ୍ୟୁ। ମାଲକାନଗିରି ସହର ପ୍ରବେଶ ଦ୍ୱାର ତାରିଣୀ ମନ୍ଦିର ପାର୍ଶ୍ୱରେ ଥିବା ଏକ ବେଆଇନ ମୋରମ୍ ଖଣିରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ମାଲକାନଗିରି ସତ୍ୟମଗୁଡ଼ା ଗ୍ରାମର ଟୁନା ଗାଦବା(୨୧) ଓ ଚମ୍ପାଖାରି ଗ୍ରାମର ମିଟୁ ମାଡ଼ି(୩୧)। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ମନ୍ଦିର ପାର୍ଶ୍ୱରେ ଥିବା ଏହି ବେଆଇନ ଖଣିରେ ଦୀର୍ଘ ଦିନ ହେବ ବେଆଇନ ଭାବେ ଖନନ କାର୍ଯ୍ୟ ଚାଲୁଥିଲା। ଆଜି କିଛି ଶ୍ରମିକ ମୋରମ୍ ଖନନ କରୁଥିବା ବେଳେ ହଠାତ୍ ପଥର ଅତଡ଼ା ଧସି ଯାଇଥିଲା ଏବଂ ତା' ତଳେ ଟୁନା ଓ ମିଟୁ ରହିଯାଇଥିଲେ। ଘଟଣାସ୍ଥଳରେ ଟୁନାଙ୍କ ମୃତ୍ୟୁ ଘଟିଥିବା ବେଳେ ସାଥୀ ଶ୍ରମିକମାନେ ମିଟୁଙ୍କୁ



ଉଦ୍ଧାର କରି ଚିକିତ୍ସା ଲାଗି ମାଲକାନଗିରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଓ ସତ୍ୟମଗୁଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଦା ହେବେ ଅପାରଗ ଅଧ୍ୟାପକ ଓ କର୍ମଚାରୀ

■ ଭୁବନେଶ୍ୱର, ୧୬ ।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ପରଖିବେ ସରକାର। ଦକ୍ଷତା ବିହୀନ ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରିବେ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**କାର୍ଯ୍ୟଦକ୍ଷତା ଓ ସାଧୁତା ସ୍ଥିତି ଯାଞ୍ଚ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ପାଇଁ ଅଧ୍ୟାପକ ଅଧ୍ୟାପିକାଙ୍କର ପ୍ରଦର୍ଶନର ସମୀକ୍ଷା କରାଯିବ। ଅଧ୍ୟକ୍ଷ ବା ନିରନ୍ତର ଭାବେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ପ୍ରଦର୍ଶନ ଓ ଆଚରଣକୁ ବିଚାର କରାଯିବ। ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରଦର୍ଶନକୁ ଯାଞ୍ଚ କରିବେ। ସେମାନଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଆସନ୍ତା ୩୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟାପକଙ୍କ ଉପରେ ରାଜ୍ୟ ▶ପୃଷ୍ଠା-୭

## ଋଣ କରି ଘିଅ ଖିଆ

# ଇଏମ୍‌ଆଇ ଜାଲରେ ଚାକିରିଆ

## ଆୟର ଅଧା ଋଣ ପରିଶୋଧରେ ଯାଉଛି

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ସମ୍ପ୍ରତି ଭାରତୀୟ ପରିବାଗୁଡିକରେ ସଞ୍ଚୟ କମୁଥିବାବେଳେ ଋଣ ଭାର ବଢ଼ି ଚାଲିଛି। ଗତ ଏକ ଦଶକ ମଧ୍ୟରେ ଦେଶରେ ପରିବାର ଗୁଡିକର କରଜ ପରିମାଣ ପାଖାପାଖି ଦୁଇ ଗୁଣ ବୃଦ୍ଧି ପାଇଥିବା ନେଇ ରିଜର୍ଭବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ବଜାରରେ ସହଜଲଭ୍ୟ ବାଏ ନାଓଁ, ପେ ଲ୍ୟାଟର (ଆଗ ସାମଗ୍ରୀ ନିଅ, ପଛରେ ପରିଶୋଧ କର) ଯୋଜନା ଏବଂ ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଲୋକଙ୍କୁ ସହରରେ ଋଣଗ୍ରସ୍ତ କରାଉଛି। ଇଏମ୍‌ଆଇ ମାଧ୍ୟମରେ ପରିଶୋଧ କରିବା ଲକ୍ଷ୍ୟରେ ଲୋକେ ଅଧିକ ମାତ୍ରାରେ ଋଣ କରିବାରେ ଲାଗିଛନ୍ତି। ବିଶେଷ କରି ଚାକିରିଆ ବର୍ଗ ଏହି ଇଏମ୍‌ଆଇ ଋଣ ଜାଲରେ ପଡୁଛନ୍ତି। ଏପରିକି



**ଦରମାର ୪୦% ଖାଇଯାଉଛି ଇଏମ୍‌ଆଇ**

**ଚାଳିଶି ଭାଗ ଋଣକାରୀ ଗୋଟିଏ କ୍ରେଡିଟ୍ କାର୍ଡର ବିଲ୍ ଅନ୍ୟ ଏକ କାର୍ଡରୁ ସୁଝୁଛନ୍ତି**

ଚାକିରିଆଙ୍କୁ ସେମାନଙ୍କ ଆୟର ଅଧା ଅର୍ଥ ଋଣ ପରିଶୋଧ ବାବଦରେ ବ୍ୟୟ ହେଉଛି। ପ୍ରାୟ ୮୫ ପ୍ରତିଶତ ଋଣଗ୍ରହୀତାଙ୍କ ରୋଜଗାରର ୪୦ ଭାଗ ଟଙ୍କା ଇଏମ୍‌ଆଇ ଖାଇଯାଉଛି। ଏମିତିକି ୪୦% ଋଣକାରୀ ଗୋଟିଏ କ୍ରେଡ଼ିଟ୍ କାଡର୍ ବିଲ୍ ପରିଶୋଧ ପାଇଁ ଅନ୍ୟ ଏକ କ୍ରେଡ଼ିଟ୍ କାଡର୍‌ର ଉପଯୋଗ କରୁଛନ୍ତି। ଋଣ କରି ଘିଅ ଖିଆ ଚାକିରିଆମାନଙ୍କ ସଉକରେ ପରିଣତ ହୋଇଛି ଓ ଏହା ଭବିଷ୍ୟତରେ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ଇରେଜୋଲ୍ୟୁସନ୍ କନସଲ୍ଟାନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ବାଏ ନାଓଁ, ପେ ଲ୍ୟାଟର ଯୋଜନା, ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଏବଂ ବ୍ୟକ୍ତିଗତ ଋଣ ହଜାର ହଜାର ଲୋକଙ୍କୁ ଏକ ବିପଦପୂର୍ଣ୍ଣ ଋଣ ଜାଲରେ ଫସାଇ ଦେଉଛି। ଏହି ସର୍ଭେରେ ଋଣ ଖିଲାପ, ଚେକ୍ ବାଉନ୍ସ ଏବଂ ରିକଭରୀ ଏଜେଣ୍ଟଙ୍କ ସହିତ ଜଡିତ ସମସ୍ୟା ଉପରେ ଆଚମ୍ବିତ କରିବା ଭଳି ଖବର ଆସିଛି। ୨୦୨୫ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ଦେଶବ୍ୟାପୀ ୧୦,୦୦୦ ଆର୍ଥିକ ▶ପୃଷ୍ଠା-୭




## ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍

ସିଓଲ, ୧୬ ।୧(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ-ସୁକ୍-ୟେଓଲଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି । ଡିସେମ୍ବର ୨୦୨୪ରେ ସେ ପଦରେ ଥିବା ସମୟରେ ଦେଶବ୍ୟାପୀ ସାମରିକ ଆଇନ ଲାଗୁ କରିବାକୁ ସେ ଚେଷ୍ଟା କରିଥିଲେ । ଏକ ସ୍ଥାନୀୟ କୋର୍ଟ ଏହାକୁ କ୍ଷମତାର ଅପବ୍ୟବହାର ବୋଲି ବିବେଚନା କରିଛନ୍ତି । ଶୁକ୍ରବାର ବିଚାରପତି ରାୟ ଦେଇ କହିଛନ୍ତି ଯେ, ୟୁନ୍ ଦେଶକୁ ଏକ ରାଜନୈତିକ ସଙ୍କଟକୁ ଠେଲି ଦେଇଥିଲେ । ରିପୋର୍ଟ ଅନୁଯାୟୀ, ୟୁନ୍ ତଦନ୍ତକାରୀ ଅଧିକାରୀଙ୍କୁ ନିଜ ଘରକୁ ପ୍ରବେଶ ନ କରାଇବା ପାଇଁ ଘର ବାହାରେ ଅନେକ ପ୍ରହରୀ ନିଯୁକ୍ତ କରିଥିଲେ । କିନ୍ତୁ ପୁଲିସ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା । ତାଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି । ଏଥି ମଧ୍ୟରୁ ବିଦ୍ରୋହର ଅଭିଯୋଗ ହେଉଛି ସବୁଠାରୁ ବଡ଼ ଅଭିଯୋଗ । ଯେଉଁମାନେ ତାଙ୍କ ବିରୋଧରେ କୋର୍ଟରେ ମାମଲା ଦାଏର କରିଥିଲେ ସେମାନେ ୟୁନଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ । ଫେବୃଆରୀରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## ଶିଶୁ କନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ

ଶାହାଦୋଲ, ୧୬ ।୧(ଏଜେନ୍ସି): ମଧ୍ୟପ୍ରଦେଶର ଶାହାଦୋଲ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପୋକସୋ କୋର୍ଟ ମାନବତାକୁ ଲଜ୍ଜିତ କରୁଥିବା ଏକ ମାମଲାରେ ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି । ଶିଶୁ କନ୍ୟାର ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋର୍ଟ ଅଭିଯୁକ୍ତ ରାମନାରାୟଣ ଧିମାରଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି । ୩ ବର୍ଷର ଜଣେ ଝିଅକୁ ଦୁଷ୍କର୍ମ କରିବା ପରେ ସେ ହତ୍ୟା କରିଥିଲା । କୋର୍ଟ ଏହି ଅପରାଧକୁ 'ବିରଳରୁ ବିରଳତମ' ଶ୍ରେଣୀଭୁକ୍ତ କରି କହିଛନ୍ତି ଯେ, ଏହା 'ନିର୍ଭୟା କାଣ୍ଡ'କୁ ମନେ ପକାଇ ଦେଇଛି । ଏହି ଲୋମଟାଙ୍କୁରା ଘଟଣା ଖଇରହା ଥାନା ଅଞ୍ଚଳରେ ଘଟିଥିଲା । ଏହି ମାମଲାରେ ଅଭିଯୁକ୍ତର ସ୍ତ୍ରୀ ପିଙ୍କି ଧିମାର ଓ ତାଙ୍କ ବନ୍ଧୁ ପ୍ରତ୍ୟେକଙ୍କୁ ୪ ବର୍ଷ ଲେଖାଏ ଜେଲ୍ଦଣ୍ଡ ଦିଆଯାଇଛି । ସମାଜରେ ଅଭିଯୁକ୍ତର ବଞ୍ଚିବାର କୌଣସି ଅଧିକାର ନାହିଁ ବୋଲି ବିଚାରପତି କହିଛନ୍ତି । ୨୦୨୩ ମାର୍ଚ୍ଚ ୧ରେ ପୀଡିତାଙ୍କ ମା' ପଡୋଶୀରେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ସେ ତାଙ୍କ ୩ ବର୍ଷର ଝିଅ ଶିବାଙ୍ଗନକୁ ଘରେ ବିଛଣାରେ ଶୁଆଇ ଦେଇଯାଇଥିଲେ । ସେହି ସମୟରେ ତାଙ୍କ ସ୍ୱାମୀଙ୍କ ବନ୍ଧୁ ରାମନାରାୟଣ ଧିମାର ଘରେ ଉପସ୍ଥିତ ଥିଲେ । ଫେରିବା ପରେ ମା ତାଙ୍କ ଝିଅକୁ ଅଚେତ ଦେଖିଥିଲେ । ପରେ ଶିଶୁ କନ୍ୟାଟି ଚିକିତ୍ସା ଅବସରରେ ମୃତ୍ୟୁବରଣ କରିଥିଲା । ରାମନାରାୟଣ ଶିଶୁ କନ୍ୟାକୁ ଦୁଷ୍କର୍ମ ଓ ହତ୍ୟା କରିଥିବାର ପ୍ରମାଣ ପୁଲିସକୁ ମିଳିଥିଲା ।

## ବ୍ରିଟେନ ସଂସଦରେ ଉଠିଲା ବାଂଲାଦେଶ ହିନ୍ଦୁଙ୍କ ଉପରେ ଅତ୍ୟାଚାର ମାମଲା

ଲଣ୍ଡନ, ୧୬ ।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବ୍ରିଟେନରୁ ଜଣେ ସାଂସଦ ବବ୍ ବ୍ଲାକ୍ମ୍ୟାନ ଏ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ଏକ ବଡ଼ ବିପର୍ଯ୍ୟୟ ବୋଲି ବର୍ଣ୍ଣନା କରିବା ସହ ସେ ବ୍ରିଟିସ ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି । ବ୍ଲାକମ୍ୟାନ ଅଭିଯୋଗ କରିଛନ୍ତି ଯେ, ବାଂଲାଦେଶରେ ହିନ୍ଦୁମାନଙ୍କୁ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେମାନଙ୍କ ଘର ଓ ମନ୍ଦିରରେ ନିଆଁ ଲଗାଇ ଦିଆଯାଉଛି । ଫେବୃଆରୀ ୧୨ରେ ବାଂଲାଦେଶରେ ସାଧରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବାବେଳେ ସେ ଦେଶର ଗଣତାନ୍ତ୍ରିକ ସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି । ମୁଖ୍ୟ ବିରୋଧୀ ଦଳ ଆବାମୀ ଲିଗ୍କୁ ନିର୍ବାଚନରୁ ବାଦ୍ ଦିଆଯାଇଥିବା ବେଳେ ଉଗ୍ରବାଦୀ ଓ କଠୋରପନ୍ଥୀ ଶକ୍ତିମାନେ ସମ୍ବିଧାନ ପରିବର୍ତ୍ତନ ପାଇଁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି । ବାଂଲାଦେଶର ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ମୁକ୍ତ ତଥା ଅବାଧ ନିର୍ବାଚନ ସୁନିଶ୍ଚିତ କରିବାକୁ ସେ ବ୍ରିଟେନ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

## ମୁକୁଲ ରୟଙ୍କୁ ସୁପ୍ରିମକୋର୍ଟଙ୍କ ରହିତାଦେଶ

ନୂଆଦିଲ୍ଲୀ, ୧୬ ।୧(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ପଶ୍ଚିମବଙ୍ଗ ରାଜନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ଅଯୋଗ୍ୟତା ଉପରେ ରହିତାଦେଶ ଜାରି କରିଛନ୍ତି । ଫଳରେ ମୁକୁଲଙ୍କୁ ଆଶ୍ୱସ୍ତି ମିଳିଛି । ପୂର୍ବରୁ କଲିକତା ହାଇକୋର୍ଟ ଦଳବଦଳ ବରୋଧୀ ଆଇନ୍ ଅନୁଯାୟୀ ତାଙ୍କୁ ବିଧାୟକ ପଦରୁ ଅଯୋଗ୍ୟ ଘୋଷିତ କରିଥିଲେ । ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ମୁକୁଲଙ୍କ ପୁଅ ଶୁଭ୍ରାଂଶୁ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ମାମଲାରେ ରହିତାଦେଶ ଜାରି କରିବା ସହ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ବିଜେପି ବିଧାୟକ ଅମ୍ବିକା ରାୟ, ବିଧାନସଭା ବାଚସ୍ପତି ଓ ଅନ୍ୟ ପ୍ରତିପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି ଏବଂ ୪ ସପ୍ତାହ ମଧ୍ୟରେ ସେମାନଙ୍କ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ କଂଗ୍ରେସ (ଟିଏମ୍ସି) ଛାଡ଼ି ମୁକୁଲ ୨୦୨୧ରେ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗ ଦେଇ କୃଷ୍ଣନଗର ଆସନରୁ ଜିତିଥିଲେ ।

### ବଦାନ୍ୟତା ନା କ୍ଷମତା ଲୋଭ

# ଟ୍ରମ୍ପଙ୍କୁ 'ନୋବେଲ ଶାନ୍ତି' ଦାନକଲେ ମାଚାଡୋ

ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଶା ପରିଶେଷରେ ପୂର୍ଣ୍ଣ ହେଉଛି । ଶୁଳ୍କ ଛାଟ ହେଉ ଅବା ଅମାନବିକ ପ୍ରତ୍ୟର୍ପଣ କିମ୍ବା ଅନ୍ୟ ଦେଶରେ ଆକ୍ରମଣ ପାଇଁ ସର୍ବଦା ବିବାଦରେ ଥିବା ଅଶାନ୍ତ ଟ୍ରମ୍ପ ଏବେ ଶାନ୍ତ ପଡ଼ିବେ ବୋଲି ଆଶା କରାଯାଉଛି । କାରଣ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ରାତିଅଧରେ ଅପହରଣ କରି ଆଣିବାକୁ ନିର୍ଦ୍ଦେଶ ଦେଇଥିବା ଆମେରିକା ରାଷ୍ଟ୍ରପତିଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି । ଗ୍ରୀନଲାଣ୍ଡ କବ୍ଜା ପାଇଁ ସ୍ୱପ୍ନ ଦେଖୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନୋବେଲ 'ଶାନ୍ତି' ପୁରସ୍କାର ମିଳିଛି । ମାତ୍ର ପ୍ରସିଦ୍ଧ ବୈଜ୍ଞାନିକ ଆଲଫ୍ରେଡ ନୋବେଲଙ୍କ ନାମରେ ଦିଆଯାଉଥିବା ଏହି ସମ୍ମାନ ନୋବେଲ କମିଟି ଦ୍ୱାରା ଦିଆଯାଇ ନାହିଁ । ଟ୍ରମ୍ପ ଏହି ପୁରସ୍କାର ଜିତିନାହାନ୍ତି, ବରଂ ତାଙ୍କୁ ଅଦିନିଆ ଦାନରେ ମିଳିଛି । ଭେନେଜୁଏଲା ବିପକ୍ଷ ନେତା ମାରିଆ କାରିନୋ ମାଚାଡ଼ୋ ହ୍ୱାଇଟ ହାଉସରେ ଟ୍ରମ୍ପଙ୍କୁ ଭେଟି ନିଜ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି । ନୋବେଲ ପୁରସ୍କାରର ଇତିହାସରେ ପ୍ରଥମ ଥର ପାଇଁ ଏପରି ହୋଇଛି । ମାତ୍ର ଏଭଳି ଦେବାନେବା ବେଆଇନ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି ।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଉଠାଇ ନେଇ ବନ୍ଦୀ କରିବା ପରେ ଟ୍ରମ୍ପ ପ୍ରଥମଥର ପାଇଁ କୌଣସି ଭେନେଜୁଏଲା ନେତା ସହ ସିଧାସଳଖ ମୁକାବିଲା କରିଛନ୍ତି । ଆଉ ଏହି ସାକ୍ଷାତ ଇତିହାସ ପାଲଟି ଯାଇଛି । ମାଚାଡ଼ୋ ଟ୍ରମ୍ପଙ୍କୁ ନିଜ



ନୋବେଲ ଶାନ୍ତି ପୁରସ୍କାର ଉପହାର ସ୍ୱରୁପ ପ୍ରଦାନ କରିଛନ୍ତି । ଆଜି ଭେନେଜୁଏଲା ବାସୀଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ମାଚାଡୋ ଏହି ଅବସରରେ କହିଛନ୍ତି । ବୈଠକ ପରେ ସମ୍ବାଦିକଙ୍କ ସହ କଥା ହେବା ବେଳେ, ମାଚାଡୋ ଟ୍ରମ୍ପଙ୍କୁ ତାଙ୍କ ପୁରସ୍କାର ପ୍ରଦାନ କରିବା ସମ୍ପର୍କରେ ଉଲ୍ଲେଖ କରିଥିଲେ । ତେବେ ସେ ଅନ୍ୟ କୌଣସି ବିବରଣୀ ପ୍ରଦାନ କରି ନଥିଲେ । ଟ୍ରମ୍ପ ପୁରସ୍କାରର ପଦକ ଗ୍ରହଣ କରିଛନ୍ତି କି ନାହିଁ ତାହା ହ୍ୱାଇଟ୍ ହାଉସ୍ ତରଫରୁ କୁହାଯାଇ ନ ଥିଲା । ହ୍ୱାଇଟ୍ ହାଉସ୍ ଛାଡ଼ିବା ପରେ ଟ୍ରମ୍ପଙ୍କୁ ବିଶ୍ୱାସ କରିବା ନେଇ ମାଚାଡ଼ୋ ନିଜ ମତ ରଖିଥିଲେ । କିନ୍ତୁ ଟ୍ରମ୍ପ ଏପର୍ଯ୍ୟନ୍ତ ମାଚାଡ଼ୋଙ୍କୁ ଭେନେଜୁଏଲାର ନୂଆ ନେତା ଭାବେ ସମର୍ଥନ କରିନାହାନ୍ତି । ପୂର୍ବରୁ ନରୱେର ନୋବେଲ ଇନ୍ଷ୍ଟିଚ୍ୟୁଟ୍ ସ୍ପଷ୍ଟ କରିଛି ଯେ, ନୋବେଲ ଶାନ୍ତି ପୁରସ୍କାର ଜଣେ ଅନ୍ୟ ଜଣକୁ ଦେଇପାରିବ ନାହିଁ କିମ୍ବା ସ୍ଥାନାନ୍ତରିତ ହୋଇପାରିବ ନାହିଁ । ନୋବେଲ ପୁରସ୍କାର ଥରେ ଘୋଷଣା କରାଯିବା ପରେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ । ଏହି ନିଷ୍ପତ୍ତି ଚୂଡାନ୍ତ ଓ ସବୁଦିନ ପାଇଁ ବୈଧ ବୋଲି ଇନ୍ଷ୍ଟିଚ୍ୟୁଟ ତରଫରୁ କୁହାଯାଇଛି ।

ଉଲ୍ଲେଖଥାଉ କି, ମାଚାଡୋଙ୍କୁ ଭେନେଜୁଏଲାରେ ଗଣତାନ୍ତ୍ରିକ ଅଧିକାର ପାଇଁ ତାଙ୍କର ନିରନ୍ତର ସଂଗ୍ରାମ ଏବଂ ଏକଛତ୍ରବାଦରୁ ଗଣତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପାଇଁ ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ସେତେବେଳେ ସେ ଏହି ପୁରସ୍କାର ଟ୍ରମ୍ପଙ୍କୁ ଉତ୍ସର୍ଗ କରିଥିଲେ । ତେବେ ଟ୍ରମ୍ପ ମାଚାଡୋଙ୍କଠାରୁ ନୋବେଲ ପୁରସ୍କାର ପଦକ ଗ୍ରହଣ କରିଛନ୍ତି ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରିଛନ୍ତି । ସୂଚନା ଯୋଗ୍ୟ ଟ୍ରମ୍ପ ପୂର୍ବରୁ ଏକାଧିକ ବାର ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜର ଇଚ୍ଛା ଜାହିର କରିଥିଲେ । ପୁରସ୍କାର ପାଇଁ ମାଚାଡୋଙ୍କ ନାମ ଘୋଷଣା କରାଯାବା ପରେ ସେତେବେଳେ ସେ ଅସନ୍ତୋଷ ପ୍ରକାଶ କରିଥିଲେ ।

## ଦିଲ୍ଲୀ ବାୟୁ ଗୁଣବତ୍ତା ବହୁତ ଖରାପ

ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଦିଲ୍ଲୀରେ ଶୀତ ସ୍ଥିର ରହିଥିଲେ ମଧ୍ୟ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଦେଇଥିବା ତଥ୍ୟ ଅନୁଯାୟୀ, ଦିଲ୍ଲୀର ବାୟୁ ଗୁଣବତ୍ତା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଶୁକ୍ରବାର ସକାଳ ୭ଟାରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୪୬ ରେକର୍ଡ କରାଯାଇଥିଲା । ଏହାକୁ ଅତ୍ୟନ୍ତ ଖରାପ ବର୍ଗର ବୋଲି କୁହାଯାଇପାରେ । ଦିଲ୍ଲୀର ଏକାଧିକ ଅଞ୍ଚଳରେ ଏକ୍ୟୁଆଇ ସ୍ତର ୩୦୦ ଉପରେ ରେକର୍ଡ କରାଯାଇଛି । ସକାଳ ୭ଟା ପର୍ଯ୍ୟନ୍ତ ସିପିସିବି ତଥ୍ୟ ଅନୁଯାୟୀ, ଆନନ୍ଦ ବିହାରରେ ଏକ୍ୟୁଆଇ ୩୫୪, ଆଶୋକ ବିହାରରେ ୩୬୭, ଆଇଟିଓରେ ୩୬୨ ଓ ଆରକେ ପୁରମ୍ରେ ୩୭୪ ରେକର୍ଡ କରାଯାଇଛି । ପାଟପରଗଞ୍ଜରେ ଏକ୍ୟୁଆଇ ୩୭୨, ୱାଜିରପୁରରେ ୩୭୪, ଚାନ୍ଦୀନୀ ଚୌକରେ ୩୭୦ ଓ ଦ୍ୱାରକା ସେକ୍ଟର-୮ରେ ୩୬୯ ରେକର୍ଡ କରାଯାଇଛି ।

### ମୃତଦେହ ପଡ଼ିଥିବାବେଳେ ମରିଗଲା ମାନବିକତା

## ସହାୟତା ପରିବର୍ତ୍ତେ ମାଛ ବୋହିନେଲେ ଲୋକେ

ସୀତାମଢି, ୧୬।୧ (ଏଜେନ୍ସି): ନୈତିକ ଅଧୋପତନ ଏବଂ ମାନବିକତାକୁ ଲଜ୍ଜିତ କଲାଭଳି ଏକ ବିଚଳିତ ଘଟଣା ବିହାର ସୀତାମଢ଼ିର ଝଝିହାଟ ଗ୍ରାମ ନିକଟରୁ ସାମନାକୁ ଆସିଛି । ଏଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସାଧାରଣ ଜନତାଙ୍କ ସମ୍ବେଦନହୀନ ମନୋବୃତ୍ତି ବିହାରକୁ ପୁଣି ଦେଶରେ ଲଜ୍ଜିତ କରିଛି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ସପ୍ତମ ଶ୍ରେଣୀ ଛାତ୍ରର ମୃତଦେହ ରାସ୍ତାରେ ପଡ଼ିଥିବାବେଳେ ଲୋକେ ଧକ୍କା ଦେଇ ଓଲଟି ପଡ଼ିଥିବା ଟ୍ରକରୁ ମାଛ ଲୁଟି ନେଇଛନ୍ତି । ରାସ୍ତାର ଗୋଟିଏ ପଟେ ପୀଡ଼ିତ ପରିବାର ପୁଅର ବିୟୋଗ ଦୁଃଖରେ ରାସ୍ତାରେ ବସି କାନ୍ଦୁଥିବାବେଳେ ଅନ୍ୟପଟେ ଆନର ସମ୍ପତ୍ତି ଲୁଟିବାର ଲୋଭ ନାଗରିକଙ୍କ ନୈତିକ ମୂଲ୍ୟବୋଧକୁ ବି ଭୁଲାଇ ଦେଇଛି ।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଛାତ୍ର ରିତେଶ କୁମାର ଓରଫ ଗୋଲୁ କୋଚିଂ ପାଇଁ ଯାଉଥିଲା । ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ପିକ୍ଅପ ଟ୍ରକ ତାଙ୍କୁ ଧକ୍କା ଦେଇଥିଲେ । ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଗୋଲୁ ପ୍ରାଣ ହରାଇଥିବାବେଳେ ଟ୍ରକ୍ଟି ଓଲିଟ ପଡ଼ିଥିଲା । ଏହି ଖବର ଶୁଣି ଗୋଲୁଙ୍କ ବାପା ସନ୍ତୋଷ ଦାସ ଏବଂ ପରିବାର ସଦସ୍ୟ ଘଟଣାସ୍ଥଳକୁ ପହଞ୍ଚି ଥିଲେ । ପୁଅକୁ ହରାଇବାର ଦୁଃଖରେ ମ୍ରିୟମାଣ ହୋଇ ପରିବାର ସଦସ୍ୟ ଶୋକରେ ବୁଡ଼ି ରହିଥିଲେ । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକଟି ଓଲଟି ପଡ଼ିବାରୁ ସେଥିରେ ଥିବା ମାଛ ଚାରିଆଡ଼େ ଖେଳାଇ ହୋଇ ପଡ଼ିଥିଲା । ଆଖପାଖରେ ଥିବା ଲୋକେ ଏହା ଦେଖି ପୀଡ଼ିତଙ୍କୁ ସହାୟତା କରିବା ପରିବର୍ତ୍ତେ ମାଛ ଲୁଟି ନେଇଥିଲେ । ଯିଏ ଯେଉଁଥିରେ ପାଇଲେ ମାଛ ବୋହି ନେଇ ଚାଲିଥିଲେ । କିଏ ଲୁଗାରେ ତ ଆଉ କିଏ ପିନ୍ଧିଥିବା ପୋଷାକରେ ମାଛ ନେଇ ପଳାଇ ଥିଲେ । ମାତ୍ର ପୀଡ଼ିତ ପରିବାରକୁ ଟିକିଏ ବି ଧ୍ୟାନ ଦେଇ ନ ଥିଲେ । କିଛି ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ଲୋକଙ୍କୁ ହଟାଇ ରିତେଶଙ୍କ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା । ଏବେ ମାମଲାର ତଦନ୍ତ ଜାରି ରହିଛି ।

### ଇରାନକୁ ଆମେରିକା ରାଷ୍ଟ୍ରଦୂତଙ୍କ ଚେତାବନୀ

## 'ଟ୍ରମ୍ପ କଥା କୁହନ୍ତିନି; ସିଧା କାର୍ଯ୍ୟାନୁଷ୍ଠାନ ନିଅନ୍ତି'

ୱାଶିଂଟନ, ୧୬ ।୧(ଏଜେନ୍ସି): ଜାତିସଙ୍ଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍ସି) ଜରୁରୀକାଳୀନ ବୈଠକରେ ଆମେରିକା ଇରାନକୁ କଡ଼ା ବାର୍ତ୍ତା ଦେବା ସହ ଚେତାବନୀ ଦେଇଛି । ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ୱାଲ୍ଜ କହିଛନ୍ତି ଯେ, ଇରାନରେ ଚାଲିଥିବା ଆନ୍ଦୋଳନ ତଥା ପ୍ରତିବାଦ ଉପରେ ନିଷ୍ଠୁର କାର୍ଯ୍ୟ ବନ୍ଦ କରିବା ପାଇଁ ସମସ୍ତ ବିକଳ୍ପ ଖୋଲା ଅଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ସେ ଇରାନ ନାଗରିକଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି । ଇତିହାସରେ ପୂର୍ବରୁ ଇରାନୀମାନେ ଏତେ ପ୍ରଭାବୀ ଢଙ୍ଗରେ କେବେ ବି ସ୍ୱାଧୀନତା ଦାବି କରିନାହାନ୍ତି । ଟ୍ରମ୍ପ କଥା କୁହାନ୍ତି ନାହିଁ, ସିଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି ବୋଲି ୱାଲ୍ଜ ସତର୍କ କରାଇ କହିଛନ୍ତି । ଏହିକ୍ରମରେ ସେ ଚେତାବନୀ ଦେଇ କହିଛନ୍ତି ଯେ, ଇରାନ ନେତୃତ୍ୱକୁ ଜାଣି ରଖିବା ଉଚିତ ଯେ ଆମେରିକା ଇରାନରେ ଚାଲିଥିବା ନରସଂହାର ରୋକିବାକୁ ଯେକୌଣସି କଡ଼ା ପଦକ୍ଷେପ ନେଇପାରେ । ଅବଶ୍ୟ ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ନିରାପତ୍ତା ପରିଷଦରେ ଇରାନ୍ ଉପ-ରାଷ୍ଟ୍ରଦୂତ ଘୋଲାମ ହୋସେନ ଦର୍ଜି ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଇରାନ ସଂଘର୍ଷ ଚାହୁଁନାହିଁ, କିନ୍ତୁ ଯଦି ଆମେରିକା କୌଣସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଇରାନ ଏହାର କଡ଼ା ଜବାବ ଦେବ ।

ଏହି ବୈଠକରେ ୱାଲ୍ଜ ଇରାନ ସରକାରଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ ।



ଇରାନ୍ରେ ଇଣ୍ଟରନେଟ୍ ବ୍ଲାକ୍ଆଉଟ୍ ହେବା କାରଣରୁ ଆନ୍ଦୋଳନକାରୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନର ପରିମାଣ ନିର୍ଣ୍ଣୟ କରିବା କଷ୍ଟକର ହୋଇଛି ବୋଲି ସେ କହିଛନ୍ତି । ଇରାନ ସରକାର ଜାନୁଆରୀ ୮ରୁ ସାରା ଦେଶରେ ଇଣ୍ଟରନେଟ୍ ପାଖାପାଖି ପୂରା ବନ୍ଦ କରିଦେଇଛନ୍ତି । ୱାଲ୍ଜ କହିଛନ୍ତି ଯେ, ସମ୍ପ୍ରତି ଇରାନ ସରକାର ଦାବି କରିଛନ୍ତି ଯେ, ଆନ୍ଦୋଳନକାରୀଙ୍କ ପଛରେ ବିଦେଶୀ ଶକ୍ତିର ହାତ ଅଛି । ଇରାନ ସରକାର ନିଜ ସରକାରଙ୍କୁ ଡରୁଛନ୍ତି ଓ ଅନ୍ୟ ମୁଣ୍ଡରେ ଦୋଷ ଲଦିବାକୁ ପ୍ରୟାସ କରୁଛନ୍ତି ବୋଲି ଏଥିରେ ସ୍ପଷ୍ଟ ହେଉଛି । ଟ୍ରମ୍ପ ଚାପ ପକାଇବା ଫଳରେ ଇରାନରେ ୮୦୦ ଲୋକଙ୍କୁ ଫାଶୀ ଦେବାର ପ୍ରକ୍ରିୟା ରୋକା ଯାଇଥିଲା । ମାନବାଧିକାର ସଂଗଠନଗୁଡିକ ଦେଇଥିବା ତଥ୍ୟ ଅନୁସାରେ, ଏପର୍ଯ୍ୟନ୍ତ ୩, ୪୨୮ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯାଇଛି ଓ ୧୮, ୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି । ସେପଟେ ଇରାନ ମାମଲାରେ ଆମେରିକା ହସ୍ତକ୍ଷେପ କରୁଛି ଓ ଏହା ଠିକ୍ ନୁହେଁ ବୋଲି ରୁଷିଆ କହିଛି । ଉଲ୍ଲେଖଥାଉ କି, ଡିସେମ୍ବର ୨୮ରୁ ଇରାନରେ ହିଂସ୍ରକ ଆନ୍ଦୋଳନ ଆରମ୍ଭ ହୋଇ ଏବେ ଉଗ୍ରରୂପ ଧାରଣ କରିଛି । ଦରଦାବ ବୃଦ୍ଧି, ଆର୍ଥିକ ସଙ୍କଟ, ବ୍ୟବସାୟୀଙ୍କ ଆନ୍ଦୋଳନ, ସରକାରଙ୍କ ବିରୋଧରେ ରୋଷ, ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଆମେରିକା, ଇସ୍ରାଏଲ ଭଳି ରାଷ୍ଟ୍ରଙ୍କ ହସ୍ତକ୍ଷେପ ଭଳି ବିଭିନ୍ନ କାରଣରୁ ଏହି ଆନ୍ଦୋଳନ ଦେଶରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି ।

### 'କୁନ୍ତୀଙ୍କୁ ଭେଟିବାର ଅଧିକାର କର୍ଣ୍ଣଙ୍କର ରହିଛି'

## ମା'ଙ୍କୁ ଖୋଜିବା ପାଇଁ ଭାରତରେ ନେଦରଲାଣ୍ଡସ ମେୟର

ନୂଆଦିଲ୍ଲୀ, ୧୬ ।୧(ଏଜେନ୍ସି): ନିଜ ମାଙ୍କୁ ଖୋଜିବା ପାଇଁ ସୁଦୂର ୟୁରୋପୀୟ ଦେଶ ନେଦରଲାଣ୍ଡସରୁ ଜଣେ ମେୟର ଭାରତ ଆସିଛନ୍ତି । ୪୧ ବର୍ଷ ପୂର୍ବେ ତାଙ୍କ ମା ତାଙ୍କୁ ଏକ ଆଶ୍ରୟସ୍ଥଳରେ ଛାଡ଼ି ଚାଲିଯାଇଥିଲେ । ୧୯୮୫ରେ, ଜଣେ ଅବିବାହିତ ମା ତାଙ୍କର ୩ ଦିନର ଶିଶୁକୁ ନାଗପୁରରେ ଏକ ଆଶ୍ରୟସ୍ଥଳରେ ପରିତ୍ୟାଗ କରିଥିଲେ । ଏହାର ଗୋଟିଏ ମାସି ପରେ ନେଦରଲାଣ୍ଡସର ଏକ ଦମ୍ପତି ତାଙ୍କୁ ଗ୍ରହଣ କରି ତାଙ୍କୁ ନେଇ ଯାଇଥିଲେ । ଏବେ ଏହି ଘଟଣାକୁ ପାଖାପାଖି ୪ ଦଶନ୍ଧି ବିତି ଗଲାଣି । ୩ ଦିନର ସେହି ଶିଶୁ ଏବେ ନେଦରଲାଣ୍ଡସର ରାଜଧାନୀ ଆମଷ୍ଟରଡାମ ନିକଟବର୍ତ୍ତୀ ସହର ହିମଷ୍ଟେଡରର ମେୟର ହୋଇଛି । ତାଙ୍କ ନାମ ହେଉଛି ଫାଲଗୁନ୍ ବିନ୍ନେଣ୍ଡିଜକ୍ । ଫାଲଗୁନ୍ ଏବେ ତାଙ୍କ ମାଙ୍କୁ ଖୋଜି ପାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ସେ ୨୦୨୫ ଡିସେମ୍ବରରେ ଶେଷଥର ପାଇଁ ଭାରତ ଆସିଥିଲେ । ଫାଲଗୁନ୍ କହିଛନ୍ତି ଯେ, ମୁଁ ମହାଭାରତ ପଢ଼ିଛି । ସେ ନିଜ ଜୀବନର ଏହି ଯାତ୍ରାକୁ ମହାଭାରତର 'କର୍ଣ୍ଣ ଓ କୁନ୍ତୀ'ଙ୍କ କାହାଣୀ ସହ ତୁଳନା କରିଛନ୍ତି ।



ମୋତେ ଲଗୁଛି ଯେ, ସବୁ କର୍ଣ୍ଣଙ୍କୁ ତାଙ୍କ ମା କୁନ୍ତୀଙ୍କୁ ଦେଖିବା ଓ ସାକ୍ଷାତ କରିବାର ଅଧିକାର ରହିଛି । ନିଜ ମାଙ୍କୁ ଥରେ ମାତ୍ର ଦେଖିବାକୁ ଚାହୁଁଛି ଓ ତାଙ୍କ କହିବାକୁ ଚାହୁଁଛି ଯେ, ମୋତେ ବହୁତ ଭଲ ପାଇବାର ସହ ବଡ଼ କରାଯାଇଛି । ୧୯୮୫ ଫେବୃଆରୀ ୧୦ରେ ଫାଲଗୁନ୍ଙ୍କ ଜନ୍ମ ହୋଇଥିଲା । ମା ତାଙ୍କୁ ନାଗପୁରର 'ମାତୃ ସେବା ସଂଘ' ନାମକ ଏକ ଆଶ୍ରୟ ସ୍ଥଳରେ ଛାଡି ଚାଲିଯାଇଥିଲେ । ଆଶ୍ରୟସ୍ଥଳର ନର୍ସ ତାଙ୍କ ନାମ ଫାଲଗୁନ ରଖିଥିଲେ । ଫାଲଗୁନ ୨୦୨୫ରେ ୩ଥର ଭାରତ ଆସିଛନ୍ତି । ଏହି ନର୍ସଙ୍କ ଏବେ ଫାଲଗୁନ ଭେଟିଛନ୍ତି । ବଦନାମ ଓ ସମାଜ ଡରରେ ମା ତାଙ୍କୁ ଆଶ୍ରୟସ୍ଥଳରେ ଛାଡି ଯାଇଥିଲେ । ୨୦୦୬ରେ ସେ ପ୍ରଥମଥର ପାଇଁ ଭାରତ ଆସିଥିଲେ । ସେ ନିଜ ମାଙ୍କୁ ଖୋଜି ପାଇବା ପାଇଁ କେତୋଟି ଏନ୍ଜିଓ, ପୌର ପାଳିକା ଓ ପୁଲିସର ସାହଯ୍ୟ ଲୋଡିଛନ୍ତି । ଏଥର ନହେଲେ ସେ ପୁଣି ଥରେ ନାଗପୁର ଆସି ନିଜ ମାଙ୍କୁ ଖୋଜିବାକୁ ଚେଷ୍ଟା କରିବେ ବୋଲି ଫାଲଗୁନ କହିଛନ୍ତି ।

## ସମ୍ପତ୍ତି ତାଲିକା ନ ଦେବାରୁ ୩ ମନ୍ତ୍ରୀ, ୨୯ ସାଂସଦ ନିଲମ୍ବିତ

ଇସଲାମାବାଦ, ୧୬।୧ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଆରା ଉଦାହରଣ ସୃଷ୍ଟି କରିଛି । ଏହି ଦେଶର ନିର୍ବାଚନ କମିଶନ (ପିଇସି) ୩ ମନ୍ତ୍ରୀ ଏବଂ ୨୯ ସାଂସଦଙ୍କ ସଦସ୍ୟତା ନିଲମ୍ବିତ କରିଦେଇଛନ୍ତି । ସମ୍ପତ୍ତି ବିବରଣୀ ଦେଇ ନ ଥିବା ଯୋଗୁଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପାକିସ୍ତାନରେ ପ୍ରତ୍ୟେକ ବର୍ଷ ସାଂସଦଙ୍କୁ ନିଜ ସମ୍ପତ୍ତି ବିବରଣୀ ଦେବାର ନିୟମ ରହିଛି । ଏହାକୁ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି । ପ୍ରଥମ ଥର ପାଇଁ ଏହି ମାମଲାରେ ଏତେ ସାଂସଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପିଇସିଙ୍କ ପକ୍ଷରୁ କୁହାଯାଇଛି ଯେ ମନ୍ତ୍ରୀ ଖାଲିଦ ମକବୁଲ ସିଦ୍ଦିକି, ସୈଦ ଅଲି ମୁସା ଗିଲାନୀ, ସୈଦ ଅବଦୁଲ କାଦିର ଗିଲାନିଙ୍କ ସମେତ ୨୯ ସାଂସଦ ଏବଂ ପଞ୍ଜାବ ବିଧାନପରିଷଦର ୫୨ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି । ଏହି ସଦସ୍ୟଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ । ଯଦି ଧାର୍ଯ୍ୟ ସମୟ ପୂର୍ବରୁ ସମ୍ପତ୍ତି ବିବରଣୀ ନ ଦେବେ ତେବେ ସଦସ୍ୟତା ରଦ୍ଦ କରିଦିଆଯିବ । ଦୁର୍ନୀତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ପୁଲୱାମାରେ ତାପମାତ୍ରା ବିୟୁକ୍ତ ୪.୬

ନୂଆଦିଲ୍ଲୀ, ୧୬ ।୧(ଏଜେନ୍ସି): ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି । ଜମ୍ମୁ-କଶ୍ମୀରର ପୁଲବାମାରେ ଗୁରୁବାର ରାତି ଚଳିତ ଶୀତଋତୁରେ ସବୁଠାରୁ ଥଣ୍ଡା ରାତି ବିବେଚିତ ହୋଇଛି ।ଏଠାରେ ତାପମାତ୍ରା ବିୟୁକ୍ତ ୪.୬ ଡ୍ରିଗୀ ସେଲସିୟସ ଥିଲା । ସେହିପରି ହରିୟାଣା ହିସାରରେ ଶୀତ ଦୁଇବର୍ଷର ରେକର୍ଡ ଭାଙ୍ଗି ତାପମାତ୍ରା ସର୍ବନିମ୍ନ ୦.୨ ଡିଗ୍ରୀ ରହିଛି । ଅନ୍ୟପଟେ ଉତ୍ତରପ୍ରଦେଶର ୩୫ଟି ଜିଲ୍ଲାରେ ଘନ କୁହୁଡ଼ି ଛାଇ ରହିଥିଲା । ଏହି ଦୁର୍ଘଟଣାଗୁଡିକରେ ୨୪ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ । ଏଥିରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ ଜଣ ଆହତ ହୋଇଥିଲେ । କୁହୁଡି କାରଣରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଞ୍ଜାବ ଜଳନ୍ଧର ଗସ୍ତ ବାତିଲ ହୋଇଛି । ଅମୃତସରରୁ ତାଙ୍କ ବିମାନ ଉଡ଼ାଣ ଭରିପାରି ନଥିଲା । ସେ ଏନ୍ଆଇଟି ଜଳନ୍ଧରର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା ।

# ଆଫଗାନିସ୍ତାନରେ ପୁଣି ସଙ୍କଟ; ଭୁଶୁଡ଼ିବ ତାଲିବାନ ସରକାର!

କାବୁଲ, ୧୬ ।୧(ଏଜେନ୍ସି): ଆଫଗାନିସ୍ତାନରେ କ୍ଷମତାସୀନ ତାଲିବାନ ସରକାର ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି । ତାଲିବାନ ଶାସନ ମଧ୍ୟରେ ଏକ ବଡ଼ ବିଭାଜନ ଦେଖା ଦେଇଛି । ସରକାରରେ କ୍ଷମତାକୁ ନେଇ ସଂଘର୍ଷ ସୃଷ୍ଟି ହୋଇଛି । ସର୍ବୋଚ୍ଚ ନେତା ହିବତୁଲ୍ଲା ଅଖୁନ୍ଦଜାଦା ଓ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀଙ୍କ ମଧ୍ୟରେ ଥିବା ମତଭେଦ ଏବେ ପଦାରେ ପଡ଼ିଛି । ଦେଶରେ ଇଣ୍ଟରନେଟକୁ ନିଷିଦ୍ଧ କରିବାର ଓ ଏହାକୁ ନେଇ ବିଦ୍ରୋହ ଭଳି ସ୍ଥିତି ସୃଷ୍ଟି ହୋଇଥିବାରୁ ଏବେ ଏହି ମତଭେଦ ତୀବ୍ର ହେବା ସହ ସାର୍ବଜନୀନ ହୋଇଛି । ଗତ ସେପ୍ଟେମ୍ବରରେ ଅଖୁନ୍ଦଜାଦା ସମଗ୍ର ଦେଶରେ ଇଣ୍ଟରନେଟ ବ୍ୟାନ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ କାବୁଲରେ ଥବା ହକ୍କାନୀ ଗୋଷ୍ଠୀ ଏହି ନିର୍ଦ୍ଦେଶକୁ ନମାନି ୩ ଦିନ ପରେ ହିଁ ଇଣ୍ଟରନେଟ ସେବା ପୁନଃସ୍ଥାପିତ



କରିଥିଲେ । ଏହାକୁ ଏକ ଅଭ୍ୟନ୍ତରୀଣ ବିଦ୍ରୋହ ଭାବେ ଦେଖାଯାଉଛି । ପୁଣି ଏବେ ତାଲିବାନ ଦୁଇଟି ଭାଗରେ ଯଥା କାବୁଲ ଓ କାନ୍ଦାହାର ଗୋଷ୍ଠୀରେ ବିଭକ୍ତ ହୋଇଛି । କାନ୍ଦାହରରୁ ଅଖୁନ୍ଦଜାଦା କଠୋର ଇସ୍ଲାମିକ ନିମୟ ଓ ପୃଥକୀକରଣ ଚାହୁଁଥିବା ବେଳେ କାବୁଲର ହକ୍କାନୀ ଓ ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ୟାକୁବ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଅର୍ଥନୈତିକ ସମ୍ପର୍କ ରଖିବା ସପକ୍ଷରେ ଅଛନ୍ତି । ଏକ ଲିକ୍ ହୋଇଥିବା ଭିଡିଓରେ ମତପାର୍ଥକ୍ୟ ନେଇ ପ୍ରମାଣ ମିଳିଛି । ଏଥିରେ ଅଖୁନ୍ଦଜାଦା ସତର୍କ କରାଇଛନ୍ତି କହିଛନ୍ତି ଯେ, କନ୍ଦଳ ଯୋଗୁଁ ତାଲିବାନ ଶାସନ ଭୁଶୁଡ଼ି ଯାଇପାରେ । ଇଣ୍ଟରନେଟ ବ୍ୟାନ କଲେ ଶାସନ ପରିଚାଳନ ଅସମ୍ଭବ ବୋଲି ହକ୍କାନୀ କହିଛନ୍ତି । ଏହି ମତ ପାର୍ଥକ୍ୟ ଦୂର ନହେଲେ ତାଲିବାନ ଶାସନ ଭୁଶୁଡିବା ନିଶ୍ଚିତ ବୋଲି କୁହାଯାଉଛି ।

### ୟୁପିଏ ଅମଳର ଆଉ ୨ଟି ଆଇନ୍ ବଦଳିବ

## ଶିକ୍ଷା ଅଧିକାର, ଖାଦ୍ୟ ସୁରକ୍ଷା ଆଇନରେ ସଂସ୍କାର ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୧୬ ।୧(ଏଜେନ୍ସି): ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ପୂର୍ବର ୟୁପିଏ ସରକାରଙ୍କ କାର୍ଯ୍ୟକାଳରେ ପ୍ରଣୀତ ଦୁଇଟି ପ୍ରମୁଖ ଆଇନ୍ରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ଦୁଇଟି ଆଇନ୍ ହେଲା ଶିକ୍ଷା ଅଧିକାର ଓ ଖାଦ୍ୟ ସୁରକ୍ଷା ଅଧିକାର ଆଇନ୍ । ଏଥିରେ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ଯୋଜନାଗୁଡ଼ିକର ଲୋକ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଓ ସମସ୍ତ ହିତାଧିକାରୀ ପଞ୍ଜିକୃତ ହେବା ନେଇ ସରକାର ନିଶ୍ଚିତ ହେବାକୁ ଚାହୁଁଛନ୍ତି । ଏହିକ୍ରମରେ ସରକାର ପ୍ରଥମେ ନିୟମ ଓ ନିର୍ଦ୍ଦେଶ ମାଧ୍ୟମରେ ସଂସ୍କାର କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ । ଯଦି ଏହା ବିଫଳ ହୁଏ, ତେବେ ନୂତନ ବିଲ୍ ସଂସଦରେ ଆଗତ କରାଯାଇପାରେ । ପୁଣି ସରକାର ଘର ପାଇବାର ଅଧିକାରକୁ ଏକ ଆଇନଗତ ଅଧିକାର କରିବାକୁ ମଧ୍ୟ ବିଚାର କରୁଛନ୍ତି ।

## ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି


ଭୁବନେଶ୍ୱର,୧୬ ।୧(ସମିସ): ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କୁ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ କରାଯାଇଛି ବୋଲି ଦଳର ବରିଷ୍ଠ ଉପସଭାପତି ପ୍ରତାପ ଜେନା ସୂଚନା ଦେଇଛନ୍ତି। ଉଭୟଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ପୂର୍ବତନ ସହକାରୀ ବନ ସଂରକ୍ଷକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର,୧୬।୧(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୁରୀ ବଣ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟର ପୂର୍ବତନ ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୁରେଶ ଚନ୍ଦ୍ର ରଥ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁକ୍ରବାର ଏହି ମାମଲାରେ ରାୟ ପ୍ରକାଶ କରି ସୁରେଶଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏକ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ, ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୧୩ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ରାୟ ଦେଇଛନ୍ତି।

ସୂଚନାନୁଯାୟୀ, ପୁରୀରେ ସୁରେଶ ଏସିଏଫ୍ ଥିବା ସମୟରେ ତାଙ୍କ ବିରୋଧରେ ଆୟ ବିହର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆସିଥିଲା। ୧୯୯୬ ମସିହା ମେ' ୧ ତାରିଖରେ ଭିଜିଲାନ୍ସ ପକ୍ଷରୁ ସୁରେଶଙ୍କ ଅଫିସ ଓ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ସମୟରେ ତାଙ୍କଠାରୁ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ସୁରେଶଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ ହେବା ପରେ ଶୁଣାଣି ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ସୁରେଶ ମୋଟ ୧୦ ଲକ୍ଷ ୩୭ ହଜାର ୫୪୦ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ପ୍ରମାଣିତ ହୋଇଥିଲା।

# ପୁଣି ରାଜଧାନୀରେ ବନ୍ଧୁକ ବେପାର



**ଅଭିଯୁକ୍ତ ଗିରଫ, ୬ ପିସ୍ତଲ୍, ୧୦ ଗୁଳି ଜବତ**

**୬ ମାସରେ ଜବତ ହେଲାଣି ୩୪ ବନ୍ଧୁକ**

ଭୁବନେଶ୍ୱର, ୧୬।୧(ସମିସ): ପୁଣି ଜଣେ ବନ୍ଧୁକ ବେପାରୀକୁ ଗିରଫ କରିଛି ଭୁବନେଶ୍ୱର କମିସନରେଟ୍ ପୁଲିସ। ସେ ହେଲା, ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନା ବୋଉ୍ଆ ଗ୍ରାମର ମନୋଜ କୁମାର ମଲ୍ଲିକ ଓରଫ୍ ପପ୍ପା। ତା'ଠାରୁ ପୁଲିସ ୬ଟି ସେମି ଅଟୋ-ମେଟେଡ୍ ପିସ୍ତଲ୍, ୧୦ ରାଉଣ୍ଡ ଗୁଳି, ୬ଟି ମାଗାଜିନ୍, ଗୋଟିଏ ମୋବାଇଲ୍ ଓ ବାଇକ୍ ଜବତ କରିଛି। ଗୁରୁବାର ରାତି ପ୍ରାୟ ୨ଟାରେ ପୁଲିସ୍ ଗ୍ରାହକ ବେଶରେ ତାକୁ ଚନ୍ଦକା ଅଞ୍ଚଳରୁ ଗିରଫ କରିଛି। ମନୋଜ ବିରୋଧରେ ପୂର୍ବରୁ ଏକ ଦୁଷ୍କର୍ମ ମାମଲା ରହିଛି ବୋଲି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ସୂଚନାନୁଯାୟୀ, ମନୋଜ ରାଜଧାନୀରେ ବନ୍ଧୁକ କାରବାର କରୁଛି ବୋଲି ସ୍ପୋଶାଲ କ୍ରାଇମ୍ ୟୁନିଟ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତାକୁ ଧରିବାକୁ ପୁଲିସ ଅଭିଯାନ ଆରମ୍ଭ କରିଥିଲା। ଗ୍ରାହକ ବେଶରେ ତା' ସହ ଯୋଗାଯୋଗ କରି ବନ୍ଧୁକ କିଣିବାକୁ ମୂଳଚାଲ କରିଥିଲା। ମୂଳଚାଲ କରୁଥିବା ପୁଲିସ ଅଧିକାରୀଜଣଙ୍କ ମନୋଜକୁ ବାରମ୍ବାର ଭରସା ଦେଇଥିଲେ ଯେ ବନ୍ଧୁକର ନିହାତି ଆବଶ୍ୟକତା ରହିଛି। ବନ୍ଧୁକ ନ ମିଳିଲେ, ବିରୋଧୀ ଗୋଷ୍ଠୀଙ୍କୁ ଚେକ୍ ଦେଇ ହେବ ନାହିଁ। ଏହା ଶୁଣି ମନୋଜ ଲୋଭରେ ପଡ଼ି ଯାଇଥିଲା ଓ ବଡ଼ ମାଛ ହାତରେ ଲାଗିଛି ଭାବି ୬ଟି ବନ୍ଧୁକ ବିକିବାକୁ ରାଜି ହୋଇଯାଇଥିଲା। ସେ ଚନ୍ଦକାସ୍ଥିତ କୁଜିମହଲ ଖେଳପଡ଼ିଆରେ ବନ୍ଧୁକ ବିକିବାକୁ ଅପେକ୍ଷା କରିଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା।

ମନୋଜ ବିହାରୀ ବନ୍ଧୁକ ବେପାରୀ ଗ୍ୟାଙ୍ଗର ସଦସ୍ୟ ବୋଲି ପୁଲିସ ଜାଣିବାକୁ ପାଇଛି। ବିଗତ ଦିନରେ ସେ ଭୁବନେଶ୍ୱରରେ ବହୁ ବନ୍ଧୁକ ବିକ୍ରି କରିଛି। ବିହାରୀ ବନ୍ଧୁକ କାରବାର ଲିଙ୍କ୍‌ରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଏକାଧିକ ଅଭିଯୁକ୍ତ ମନୋଜ ନାଁ ନେଇଥିଲେ ହେଁ ପୁଲିସ ତାକୁ ଠାବ କରିପାରୁନଥିଲା। କିନ୍ତୁ ଏକ ବିଶ୍ୱସ୍ତ ସୂତ୍ରରୁ ପୁଲିସ ମନୋଜକୁ ଟ୍ରାକ୍ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ ମାସ ମଧ୍ୟରେ କମିସନରେଟ୍ ପୁଲିସ ୩୪ ବନ୍ଧୁକ ଜବତ କରିବା ସହ ଅନେକଙ୍କୁ ଗିରଫ କରିଛି। ଏହା ସତ୍ତ୍ୱେ ବନ୍ଧୁକ ବେପାର ଉପରେ ରୋକ୍ ଲାଗି ପାରୁନାହିଁ। ଏହା ପୁଲିସର ଚିନ୍ତା ବଢ଼ାଇ ଦେଇଛି।

## ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ନିଯୁକ୍ତ

କଟକ, ୧୬ ।୧(ସମିସ): ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ



କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସମାଜର ଦଳିତ ଓ ଅବହେଳିତ ଜନସାଧାରଣ କିଭଳି ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବେ, ସେଥିପାଇଁ ଆଇନ ସେବା ସଂସ୍ଥାଗୁଡ଼ିକ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଏହି ଅବସରରେ ଜଷ୍ଟିସ ମହାପାତ୍ର ପରାମର୍ଶ ଦେଇଛନ୍ତି। ତତ୍‌ସହିତ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନିପା ଭାଇରସ୍ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬ ।୧(ସମିସ): ପଶ୍ଚିମବଙ୍ଗରେ ନିପା ଭାଇରସ କେସ ଚିହ୍ନଟ ହେବା ପରେ ଓଡିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି। ବର୍ତ୍ତମାନ ରାଜ୍ୟରେ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ରାଜ୍ୟ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି।

ବୈଠକ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ରାଜ୍ୟର ବର୍ତ୍ତମାନ ସ୍ଥିତି, ସତର୍କତା ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୁନା ପରୀକ୍ଷା, ଆଇସୋଲେସନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ସମ୍ପୂର୍ଣ୍ଣ ଆଲୋଚନା କରାଯାଇଛି।

## +୨ ସାର୍ଟିଫିକେଟ ଓ ମାର୍କସିଟ୍ ଯାଞ୍ଚ ଫି' ଦୁଇଗୁଣା

**ଏଆଇଡିଏସ୍‌ଓର ବିକ୍ଷୋଭ ଓ ନିଷ୍ପତ୍ତି ପ୍ରତ୍ୟାହାର ଦାବି**




ଭୁବନେଶ୍ୱର, ୧୬ ।୧(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ +୨ ସାର୍ଟିଫିକେଟ ଓ ମାର୍କସିଟ୍ ଯାଞ୍ଚ ଫି' ବୃଦ୍ଧି କରାଯାଇଛି। ପୂର୍ବରୁ ଏଥିପାଇଁ ୧୦୦ ଟଙ୍କା ଫି' ଧାର୍ଯ୍ୟ ହୋଇଥିବାବେଳେ ଏହାକୁ ଦୁଇଗୁଣା ଅର୍ଥାତ୍ ୨୦୦ ଟଙ୍କା କରାଯାଇଛି। ଯାହାକୁ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ରାଜ୍ୟ ପରିଷଦ ପକ୍ଷରୁ ବିରୋଧ କରାଯିବା ସହ ପରିଷଦ କାର୍ଯ୍ୟାଳୟରେ ସଂଗଠନର କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିକ୍ଷାର ଭାର ସରକାର ବହନ କରିବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦେବା ନିଷ୍ପତ୍ତିକୁ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଦର୍ଶାଇ ଫି' ବୃଦ୍ଧି ନିଷ୍ପତ୍ତିକୁ ଅବିଳମ୍ବେ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ସଂଗଠନର ରାଜ୍ୟ ସଂପାଦକ ସିଦ୍ଧାର୍ଥ ରଥ, ଅଫିସ ସଂପାଦକ ନସିମ ସରକାର, ଶତ୍ରୁର୍ଷିନୀ ରାଉଳ, ଶ୍ରୀକାନ୍ତ ନାୟକ, ମନୋଜ ପାତ୍ର, ରୂପାଲି ଦିଗଲ, କ୍ରିପା ହେମ୍ବ୍ରମ, ରାକେଶ କାଣ୍ଡି ପ୍ରମୁଖ ପରିଷଦର ସମ୍ପାଦକଙ୍କ ସହିତ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଆଞ୍ଚଳିକ କାର୍ଯ୍ୟାଳୟରେ ପ୍ରତିବାଦ କରାଯାଇଛି। ଅବିଳମ୍ବେ ଫି' ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ୧୫ ସାଂଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତି ବାଛିଲା ବିଜେଡି

ଭୁବନେଶ୍ୱର,୧୬ ।୧(ସମିସ): ରାଜ୍ୟର ୧୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୨୬ ବ୍ଲକ୍ ସଭାପତି ଓ ୪୧ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ମଧ୍ୟରେ ବୌଦ୍ଧ, ବରଗଡ଼, କଟକ, ଦେବଗଡ଼, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାଉରକେଲା, ରାୟଗଡ଼ା, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ରହିଛି।

ପୂର୍ବରୁ ୯ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଆଜିର ଘୋଷଣାସହ ମୋଟ ୨୪ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ୍ ଓ ନଗର ସଭାପତିଙ୍କ ନାମ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ଏହି ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ଦଳର ତୃଣମୂଳସ୍ତରର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବ। ନବନିଯୁକ୍ତ ବ୍ଲକ୍ ଓ ନଗର ସଭାପତିମାନେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜୁ ଜନତା ଦଳର ଦୃଷ୍ଟିକୋଣ ଓ ନୀତିକୁ ସାଧାରଣଲୋକଙ୍କ ନିକଟକୁ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଦଳ କହିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଙ୍ଗଠନିକ ଶିଷ୍ଟାଚାର, ତୃଣମୂଳ ସଶକ୍ତୀକରଣ ଓ ଓଡ଼ିଶାର ଜନସାଧାରଣଙ୍କ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଶିମିଳିପାଳରୁ ମାଈ ହାତୀର ମୃତଦେହ ଉଦ୍ଧାର

ବାରିପଦା, ୧୬।୧(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ଠାକୁରମୁଣ୍ଡା ରେଞ୍ଜ ଅସନକୁଡ଼ା



ଅଞ୍ଚଳରୁ ବନବିଭାଗ ଏକ ମାଈହାତୀର ମୃତଦେହ ଉଦ୍ଧାର କରିଛି। ମୃତ ହାତୀର ବୟସ ପାଖାପାଖି ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ୧୪ତାରିଖ ସନ୍ଧ୍ୟାରେ ମୃତଦେହକୁ ଠାବ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ନିୟମାନୁଯାୟୀ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି।

ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀଟିର ମୃତଦେହକୁ ଠାବ କରିଥିଲେ। ସେମାନେ ରେଞ୍ଜ ଅଧିକାରୀଙ୍କୁ ଅବଗତ କରିବା ପରେ ୧୫ ତାରିଖରେ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ବୋମା ଖାଇ ଗୁରୁତର ହାତୀର ମୃତ୍ୟୁ

ଅନୁଗୋଳ,୧୬ ।୧(ସମିସ): ବୋମା ଖାଇ ଗୁରୁତର ଅବସ୍ଥାରେ ଗୁରୁବାର ଠାବ ହୋଇଥିବା ଏକ ହାତୀର ଆଜି ମୃତ୍ୟୁ ହୋଇଛି। ଚିକିତ୍ସା ପାଇଁ ତାକୁ କପିଳାସ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲ୍ଲା ବନ୍ତଳା ବନାଞ୍ଚଳ



ବାଲୁଅକଟା ଗାଁ ନିକଟରେ ଗୁରୁବାର ସକାଳେ ଏକ ୫ ବର୍ଷର ହାତୀ ଗୁରୁତର ହୋଇପଡ଼ିଥିଲା। ହାତୀଟି କୌଣସି କେଉଁ ସ୍ଥାନରୁ ବୋମା ଖାଇଦେଇଥିବା ବେଳେ ତାହା ଫୁଟି ପାଟିରେ ଗଭୀର କ୍ଷତ ହୋଇଥିଲା। ପାଟିରୁ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ହାତୀଟି ମାଟିରୁ ଉଠିପାରିନଥିଲା। ଖବର ପାଇ ବନବିଭାଗ କର୍ମଚାରୀ ବାଲୁଅକଟାରେ ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ରାତି ପର୍ଯ୍ୟନ୍ତ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଅଧିକ ଚିକିତ୍ସା ଲାଗି ଗୁରୁବାର ରାତିରେ ସ୍ୱତନ୍ତ୍ର 'ଐରାବତ' ଗାଡ଼ିରେ ତାକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତା'ର ମୃତ୍ୟୁ ହୋଇଯାଇଥିଲା। ହାତୀ ହିନ୍ଦୋଳ ବନାଞ୍ଚଳରୁ ୫୧ଟିକିଆ ହାତୀ ସହ ଅନୁଗୋଳ ଆସିଥିବା କୁହାଯାଉଥିବା ବେଳେ କେଉଁ ସ୍ଥାନରୁ ବୋମା ଖାଇଲା, ସେ ସୂଚନା ବନ ବିଭାଗ ପାଖରେ ନାହିଁ।

## ୩ ଛେଳି ମାରିଲା କଲରାପତରିଆ

ମହୁଲଡିହା, ୧୬ ।୧ (ସମିସ): ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ମଣ୍ଡଳଝରି ଗ୍ରାମ ନିକଟ ଜଙ୍ଗଲରେ ଏକ କଲରାପତରିଆ ବାଘ ୩ଟି ଛେଳିକୁ ମାରିଥିବା ଜଣାପଡ଼ିଛି। ଏହି ଖବର ପଦାକୁ ଆସିବା ପରେ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ବାଘଟି ଗୋଟିଏ ଛେଳିକୁ ଖାଇ ଦେଇଥିବା ବେଳେ ଆଉ ୨ଟି ଅଧା ଖାଇଛି। ବାଘ ମାତିଥିବାରୁ ଚାଷୀ ଆତଙ୍କିତ ହୋଇପଡିଛନ୍ତି। କିଛି ଦିନ ତଳେ ଡଙ୍ଗାଡିହା ଗ୍ରାମରେ ବାଘଟି ଗୋଟିଏ ଛେଳି ଶିକାର କରିଥିଲା। ମଣ୍ଡଳଝରି ଗ୍ରାମକୁ ଜଙ୍ଗଲ ଲାଗି ରହିଛି। ଗାଁ ମୁଣ୍ଡରେ ଚାନ୍ଦୁ ସଏ ସ୍ୱାମୀ ଭୀମଙ୍କ ଘର। ଗତ ୧୪ତାରିଖରେ ତାଙ୍କର ୭ଟି ଛେଳି ମଧ୍ୟରୁ ୪ଟି କୁଆଡ଼େ ହଜି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଆଜି ପାଖ ଜଙ୍ଗଲରୁ ସେ ଛେଳି ୩ଟିର ମୃତଦେହ ଠାବ କରିଥିଲେ।

**ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ**


## କାର୍ଯ୍ୟାଦେଶ ପ୍ରଦାନ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ

କଟକ,୧୬ ।୧(ସମିସ): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାଠାରେ ନିର୍ମାଣ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଉପଖଣ୍ଡ ଚିକିତ୍ସାଳୟର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ପ୍ରସଂଗରେ ରୁଜୁ ମାମଲାକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ସ୍ୱଚ୍ଛତା ଓ ସରକାରୀ ଅର୍ଥର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟାଦେଶ ପ୍ରଦାନ ଉପରେ ଅନ୍ତରୀଣ ରୋକ ଲଗାଇଛନ୍ତି ହାଇକୋର୍ଟ। ଟେଣ୍ଡର୍ ପ୍ରକ୍ରିୟାର ଉଦ୍ଦେଶ୍ୟ କେବଳ ସ୍ୱଚ୍ଛତା ନୁହେଁ, ବରଂ ସର୍ବୋତ୍ତମ ମୂଲ୍ୟରେ କାର୍ଯ୍ୟ ସଂପାଦନ କରିବା। ଅଧିକ ମୂଲ୍ୟ ଦେଇ ସରକାରୀ ଅର୍ଥର ଅପବ୍ୟୟକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଏମଏସ ପ୍ରୋଜେକ୍ଟ ତରଫରୁ ଦାୟର ଏହି ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ଅନୁମତି ବିନା ସଂପୃକ୍ତ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାଦେଶ ପ୍ରଦାନ କରିପାରିବେ ନାହିଁ କିମ୍ବା ଚୁକ୍ତିନାମା ସ୍ୱାକ୍ଷର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଏଥିସହ ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରି ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାଠାରେ ନୂତନ ୧୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଗୃହ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଆବେଦନାକରୀ ସଂସ୍ଥା ଅଂଶଗ୍ରହଣ କରି ସବୁଠାରୁ କମ୍ ମୂଲ୍ୟ ବିଡ୍ ଦାଖଲ କରିଥିଲା। ପ୍ରାରମ୍ଭିକ ବୈଷୟିକ ଯାଞ୍ଚରେ ଉକ୍ତ ସଂସ୍ଥାକୁ ଯୋଗ୍ୟ ବିବେଚିତ କରାଯାଇଥିଲା ଏବଂ ସେମାନଙ୍କର ଆର୍ଥିକ ବିଡ୍ ଖୋଲାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ, କିଛି ବୈଷୟିକ କାରଣ ଦର୍ଶାଇ କର୍ତ୍ତୃପକ୍ଷ ସଂସ୍ଥାଟିକୁ ଅଯୋଗ୍ୟ ଘୋଷଣା କରି ଦ୍ୱିତୀୟ ସର୍ବନିମ୍ନ ବିଡରଙ୍କୁ ସଫଳ ବିଡର ଭାବେ ଘୋଷଣା କରାଯାଇଥିଲା। ଆବେଦନକାରୀ ସଂସ୍ଥା ବିଏମଏସ୍ ପ୍ରୋଜେକ୍ଟ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ସେମାନଙ୍କ ଦ୍ୱାରା ଦିଆଯାଇଥିବା ମୂଲ୍ୟ ଦ୍ୱିତୀୟ ସର୍ବନିମ୍ନ ବିଡରଙ୍କ ତୁଳନାରେ ପ୍ରାୟ ୨.୬୩ କୋଟି ଟଙ୍କା କମ୍ ଥିଲା। ଏହା ସତ୍ତ୍ୱେ ସେମାନଙ୍କୁ ବାଦ୍ ଦେଇ ଅଧିକ ମୂଲ୍ୟରେ କାମ ଦେବା ଦ୍ୱାରା ସରକାରୀ କୋଷାଗାର ଉପରେ ଅତିରିକ୍ତ ବୋଝ ପଡ଼ିବାର ଆଶଙ୍କା ରହିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରୀ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି।




FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category



NAAC 'A' 25

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ମରୁମ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~

*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା – ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର



● ପଥରକୁଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ପୁନରୁଦ୍ଧାର ପାଇଁ ଖର୍ଚ୍ଚହେବ ୧୦ କୋଟି



ଆନନ୍ଦପୁର,୧୬।୧(ସମିସ): ଚାଷଜମିକୁ ଜଳସେଚନ ପାଇଁ ସରକାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି; ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଆନନ୍ଦପୁର ପୌରାଞ୍ଚଳ ଶୈଲଙ୍ଗ ହୁଡ଼ି ନିକଟରେ ଥିବା ପଥରକୁଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବହୁବର୍ଷ ହେଲା କାମରେ ଆସୁନି। ବର୍ଷର ୮ ମାସ ପ୍ରକଳ୍ପ ଶୁଖିଲା ପଡୁଥିବାରୁ ଚାଷଜମିକୁ ପାଣି ମାଡୁନି। ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ପ୍ରାୟ ୧୦ କୋଟି (୯.୯) ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ୪୫ ବର୍ଷ ତଳେ ଶୈଲଙ୍ଗ ପାହାଡ଼ ନିକଟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପାହାଡ଼ରୁ ଖସି ଆସୁଥିବା ପାଣିକୁ ଗଚ୍ଛିତ ରଖି ଚାଷଜମିକୁ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରକଳ୍ପରେ ସ୍ଲୁଇସ୍ ଗେଟ୍ ଓ କେନାଲ ନିର୍ମାଣ ହୋଇଥିଲା। ନିର୍ମାଣ ପରଠାରୁ ଏହା କୌଣସି କାମରେ ଆସୁନାହିଁ। କମ୍ ଗଭୀର ହୋଇଥିବାରୁ ଆବଶ୍ୟକ ପାଣି ସଂରକ୍ଷିତ ରହିପାରୁ ନାହିଁ। ସ୍ଲୁଇସ୍ ଗେଟ୍ ମଧ୍ୟ ଠିକ୍‌ରେ କାମ କରୁନି। ଜାନୁଆରୀ ବେଳକୁ ପ୍ରକଳ୍ପରେ ଆଉ ପାଣି ରହୁ ନଥିବା ନେଇ ସ୍ଥାନୀୟ ବାସିନ୍ଦା ଭାଗୀରଥି ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ନିକଟରେ ଥିବା ଶୈଲଙ୍ଗ ପାହାଡ଼ରେ ବିଶ୍ୱଗୁରୁ ବାୟାବାବାଙ୍କ ସାଧନାପୀଠ ସ୍ମାରକୀରେ ବର୍ଷତମାମ ଭିଡ଼ ଦେଖିବାକୁ ମିଳୁଛି। ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଗଲେ ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ ବୋଲି ସ୍ଥାନୀୟ ଯୁବକ ସତ୍ୟନାରାୟଣ ସାହୁ କହିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ବିଭାଗ ପକ୍ଷରୁ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସେଠୀ କହିଛନ୍ତି, ଓସିସିକୁ ବ୍ୟୟ ଅଟକଳ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୯.୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ଇତିମଧ୍ୟରେ ୪ ଥର ଟେଣ୍ଡର କରାଯାଇଥିଲେ ବି ବାତିଲ ହୋଇଯାଉଛି। ଆବେଦନ କରୁଥିବା ଠିକାଦାରମାନେ ବିଶ୍ୱବ୍ୟାଙ୍କ ନିୟମାବଳୀକୁ ପୂରା କରୁନଥିବାରୁ ଟେଣ୍ଡର ବାତିଲ ହେଉଛି। ପୁଣିଥରେ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେଲା ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଧାନ ବସ୍ତା ମଜୁରି ନେଇ ମଣ୍ଡିରେ ଅଚଳାବସ୍ଥା

# ଖୋଲାମେଲା ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ



ତେଲକୋଇ, ୧୬।୧(ସମିସ): ଚାଷୀଙ୍କୁ ଧାନକୁ ସୁରୁଖୁରୁରେ ଉଠାଇବା ପାଇଁ ସରକାର ପ୍ରଶାସନ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇଥିବା ବେଳେ ଅବ୍ୟବସ୍ଥା ଯୋଗୁଁ ଧାନ ମଣ୍ଡିରେ ବ୍ୟାଘାତ ସୃଷ୍ଟି ହୋଇଛି। ଧାନ ବସ୍ତା ବୋହୁଥିବା ଶ୍ରମିକ ଓ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କ ମଧ୍ୟରେ ଧାନ ବସ୍ତା ବୋହା ମଜୁରୀକୁ ନେଇ କଥା କଟାକଟି ହୋଇଥିଲା। ଫଳରେ ବସ୍ତା ବୋହିବାକୁ

### ଧାନ ବିକ୍ରିରେ ଚାଷୀ ହଟହଟା

ଅଚଳାବସ୍ଥା ଦେଖାଦେଇଛି। ଫଳରେ ଧାନ କିଣା ଆରମ୍ଭରୁ କେନ୍ଦୁଝର ଜିଲ୍ଲାରେ ପରିସ୍ଥିତି ଅସ୍ୱାଭାବିକ ଆଡ଼କୁ ଗତି କରୁଛି। ଆଗାମୀ ଦିନରେ ଏହି ଅବ୍ୟବସ୍ଥା ଆହୁରି ଜଳ ଜଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏପଟେ ଶହ ଶହ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି ହଟହଟା ହେଉଛନ୍ତି। ଖୋଲାମେଲାରେ ଶହ ଶହ କ୍ୟୁଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଛି। ଏନେଇ ତେଲକୋଇ ସମବାୟସମିତିରେ ଶୁକ୍ରବାର ଧାନ କିଣାରେ ଆସିଥିବା ଶ୍ରମିକମାନେ ମଜୁରୀକୁ ନେଇ ଅସନ୍ତୁଷ୍ଟ ହେବା ସହିତ କାର୍ଯ୍ୟ ଛାଡ଼ି ଚାଲି ଯାଇଥିଲେ। ଯାହାଫଳରେ ଶୁକ୍ରବାର ସମବାୟ ସମିତିରେ ଧାନକିଣା ଠପ୍ ହୋଇପଡ଼ିଛି। ସମବାୟ ସମିତି ପରିଚାଳକ ଯେତେ ବୁଝାସୁଝା କରିବା ପରେ ମଧ୍ୟ ଶ୍ରମିକ ମାନେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ତେବେ ପ୍ରକାଶ ଥାଉକି, ମଣ୍ଡିରେ ବସ୍ତା ବୋହିବାକୁ ନେଇ ଗୋଟିଏ ବସ୍ତା ପିଛା ସମିତି ଶ୍ରମିକ ମଜୁରୀ ଭାବେ ୫ ଟଙ୍କା ୫୦ ପଇସା ଦେଉଥିବା ବେଳେ ଚାଷୀ ମାନେ ବସ୍ତା ପିଛା ୧ ଟଙ୍କା ଦେବାର ସ୍ଥିର ହୋଇଥିଲା। ଏହିକ୍ରମରେ ଚଳିତ ବର୍ଷ ଧାନ କିଣା ମଧ୍ୟ ବଳବତ୍ତର ରହିଥିଲା। ଆଜି ଏହି ମଜୁରୀକୁ ନେଇ କେତେ ଜଣ ଚାଷୀ ଓ ଶ୍ରମିକଙ୍କ ମଧ୍ୟରେ ମୂଲଚାଲ ହୋଇଥିଲା। ଅଙ୍କ ଅଛିଣ୍ଡା ରହିଥିଲା। ଯାହାକୁ ନେଇ ବଚସା ସୃଷ୍ଟି ହେବା ସହିତ ମଜୁରୀ ବଢିବାକୁ ନେଇ କାର୍ଯ୍ୟ ବନ୍ଦ କରିଥିଲେ ସମୂହ ଶ୍ରମିକମାନେ। ତେବେ ଏହି ଧାନ କିଣା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଧାନ କିଣା ପ୍ରକ୍ରିୟା କିଭଳି ସୁରୁଖୁରୁରେ ଚାଲିବ ସେନେଇ ସମିତି ପରିଚାଳକ ଯତ୍ନବାନ ହେବାକୁ ଦାବି ହୋଇଛି।

# ସ୍ୱାମୀର ମାଡ଼ରେ ସ୍ତ୍ରୀ ମୃତ; ଅଭିଯୁକ୍ତ ଗିରଫ

ତେଲକୋଇ, ୧୬।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ବନବିହାରୀପୁର ଜୁଆଙ୍ଗସାହିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀର ବିଧା ଗୋଇଠା ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମା ଜୁଆଙ୍ଗ (୩୦)। ଖବର ପାଇ ତେଲକୋଇ ପୁଲିସ ମୃତଦେହକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଅଭିଯୁକ୍ତ ହେଲା ହୃଷୀକେଶ ଜୁଆଙ୍ଗ (୩୨)। ତେବେ ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ମକର ପର୍ବ ଉପଲକ୍ଷେ ନିକଟସ୍ଥ ଅଞ୍ଚଳରେ ମେଳା ମହୋତ୍ସବ ଅନୁଷ୍ଠିତ ହେଉଥିଲା। ଗୁରୁବାର ମେଳା ଦେଖି ଯିବା ପାଇଁ ଅର୍ଥକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସନ୍ଧ୍ୟା ସମୟରେ ଅଭିଯୁକ୍ତ ସ୍ୱାମୀ ପତ୍ନୀ ପଦ୍ମାଙ୍କୁ ପିଟାମରା କରିବା ସହିତ ଘରୁ ବାହାର କରିଦେଇଥିଲା। ପଦ୍ମା ମୁମୂର୍ଷୁ ଅବସ୍ଥାରେ ଘରୁ ବାହାରି ଆସି ନିକଟସ୍ଥ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ସକାଳେ ଗଛ ମୂଳରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ତେଲକୋଇ ପୁଲିସ ୧୬/୨୬ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି।

# କୁଶଳେଶ୍ୱର ମହାବିଦ୍ୟାଳୟ ଇତିହାସ ବିଭାଗର ପାଠଚକ୍ର



ଆନନ୍ଦପୁର, ୧୬।୧ (ସମିସ): ରେଙ୍ଗୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ପାଠଚକ୍ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଡ.ବିଜୟ କୁମାର ସାହୁ ବରେଣ୍ୟ ଅତିଥିଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତିହାସ ସମ୍ମାନ ବିଭାଗର ତୃତୀୟ ବର୍ଷ ଛାତ୍ରୀ ଶୁଭଶ୍ରୀ ସାହୁ ପାଠଚକ୍ରର ବିଷୟ "ଶ୍ରୀ ଜଗନ୍ନାଥ ସଂସ୍କୃତି' ସମ୍ପର୍କରେ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନା ଗବେଷଣା କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଗବେଷକ ପ୍ରଦୀପ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ପ୍ରଫେସର ରମାକାନ୍ତ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଇତିହାସ ବିଭାଗର ପ୍ରାଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସାହୁ ଜାତୀୟ ତଥା ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଭବାନୀ ପ୍ରସାଦ ବଳ, ଅମରେନ୍ଦ୍ର ମିଶ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ଅଧ୍ୟାପିକା କାଦମ୍ବିନୀ ଜେନା, ଅଳକା ପାଢ଼ୀ, ଲିପିରାଣୀ ସାହୁ, ପ୍ରୀତି ପରମିତା ପୃଷ୍ଟି, ଲିପିସ୍ମିତା ସାହୁ, ଅନିତା ସା, ବିଜୟ କୁମାର ଚକ୍ର ମଙ୍ଗୁଳି ଚରଣ ସାହୁ ଉପସ୍ଥିତ ଥିଲେ। ଇତିହାସ ବିଭାଗ ଅଧ୍ୟାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବ୍ରତ ସାହୁ, ଲିଜାରାଣୀ ସାହୁ, ବର୍ଷାରାଣୀ ଜେନା, ଦେବସ୍ମିତା କେଶୀ, ଲିଜା ସାହୁ, ସତ୍ୟବ୍ରତ ଯେନା, ଓମପ୍ରକାଶ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ସର୍ବଭାରତୀୟ ମା'ମଙ୍ଗଳା କପ୍ କ୍ରିକେଟ




ଆନନ୍ଦପୁର, ୧୬।୧ (ସମିସ): ଘସିପୁରା ବ୍ଲକ ପଡ଼ିଆଠାରେ ଚାଲିଥିବା ସର୍ବଭାରତୀୟ ମା' ମଙ୍ଗଳା କପ କ୍ରିକେଟ ଟୁର୍ନାମେଣ୍ଟରେ ଭଦ୍ରକକୁ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ଟୁକୁନା ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ଅଶୋକ କୁମାର ରାଉତ ଓ ସୁନୀଲ ସ୍ୱାଇଁ ସ୍କୋରର ଭାବେ ଖେଳରେ ସହଯୋଗ କରିଥିଲେ। ମନୋରଞ୍ଜନ ଦାଶ, ସମ୍ବିତ କୁମାର ଜେନା ଜନ୍ମେଜୟ ଦାଶ ମାନସ ସାହୁ, ଦାମୋଦର ସାହୁ, ତୋଫାନ ସାହୁ, ଚିନ୍ମୟ ନାୟକ, ରାଜେଶ ପଣ୍ଡିତ, ଉଜ୍ଜଳ ସେନାପତି, ସତ୍ୟଜିତ ଜେନା ରାଜମଙ୍ଗଲ ନାୟକ ସାହିର ଖାନ, ରାଜକିଶୋର ପେରେଇ, ବାପୁନ, ଦେବ, ବବୁଲ, ସାଇ ଶୁଭଙ୍କର ପାଢ଼ୀ, ଶୁଭଙ୍କର, ମୁନା ସୁରେଶ ସାହୁ ରମେଶ ସାହୁ, ବୁଲୁ ପଟ୍ଟନାୟକ, ତାପସ ପଢିଆରୀ ଖେଳ ପରିଚାଳନା କରିଥିଲେ।

# ବ୍ୟବସାୟୀଙ୍କ ପରଲୋକରେ ଶୋକ



ଯୋଡ଼ା, ୧୬।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡରେ ବସବାସ କରୁଥିବା ଧର୍ମପରାୟଣ ତଥା ଜଣାଶୁଣା ବ୍ୟବସାୟୀ ଦୁଃଶାସନ ସାହୁଙ୍କ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି, ଦୃଢ ନେତୃତ୍ୱ, ମେଳାପୀ, ହୃଦୟବାନ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପ୍ରସାର ହେବା ପରେ ପାର୍ଥିବ ଶରୀର ଦର୍ଶନ ପାଇଁ ଯୋଡ଼ା ସହରର ନାମୀଦାମୀ ଲୋକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କ ସୁଅ ଛୁଟିଥିଲା। ଯୋଡ଼ା ସହରର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଉଦ୍ୟୋକ୍ତା ଥିବାବେଳେ ତାଙ୍କ ପ୍ରଚେଷ୍ଟାରେ ଯୋଡ଼ାଠାରେ ଲକ୍ଷ୍ମୀ ମା'ଙ୍କ ଏକ ଭବ୍ୟ ମନ୍ଦିର ନିର୍ମିତ ହୋଇ ପାରିଛି। ଧନୀ ଗରିବ ସମସ୍ତ ବ୍ୟକ୍ତିଙ୍କୁ ସେ ଭଲ ପାଉଥିବା ବେଳେ ସର୍ବଦା ଲୋକଙ୍କୁ ସାହାଯ୍ୟ କରୁଥିଲେ। ଶେଷ ମୁହୂର୍ତ୍ତରେ ଭୁବନେଶ୍ୱରସ୍ଥିତ ଆପୋଲୋ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦେହ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ବଡ଼ପୁଅ ଯୋଡ଼ା ପୌରାଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ମଝିଆ ପୁଅ ବିଶିଷ୍ଟ ଶିଳ୍ପପତି ତଥା ଖଣି ମାଲିକ ଶ୍ରୀନିବାସ ସାହୁ ଓ ପରିବାରବର୍ଗ ସମସ୍ତେ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ପ୍ରଥମେ ତାଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି କାଳିକା ପ୍ରସାଦ ଗ୍ରାମକୁ ନେଇଥିଲେ। ପରେ ଯୋଡ଼ା ଅଣାଯାଇଥିଲା। ପୁଣି ଭୁବନେଶ୍ୱରଠାରେ କିଛି ସମୟ ଶେଷ ଦର୍ଶନ ପାଇଁ ରଖାଯାଇ ପୁରୀ ଅନ୍ତିମ ଯାତ୍ରା ସ୍ୱର୍ଗଦ୍ୱାର ନିମନ୍ତେ ବାହାରିଥିଲା। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ପୁତ୍ର, ପୁତ୍ରବଧୂ ନାତିନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ତରିମୂଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୬।୧ (ସମିସ): ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପତି ସଭାପତିତ୍ୱରେ ଆହୂତ ବୈଠକରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦପୁର ଶରତ କୁମାର ରାଉତ, ମୁଖ୍ୟବକ୍ତା ଭାବରେ ବରିଷ୍ଠ କବି ଓ ଶିକ୍ଷାବିତ୍ ଶ୍ରୀକାନ୍ତ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ସାହୁ, ବିଶେଷ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ, ହରିଚନ୍ଦନପୁର ପ୍ରଦୀପ କୁମାର ଚକ୍ର ଓ ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ରାଜୀବ ଲୋଚନ ରାଉତ ଓ ପ୍ରାକ୍ତନ ବରିଷ୍ଠ ହିନ୍ଦୀ ଶିକ୍ଷକ ନରହରି ପାଣିଗ୍ରାହୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବ୍ରଜକିଶୋର ସାହୁ, କାଦମ୍ବିନୀ ବଳ, ଶୁଭଶ୍ରୀ ରାଉତ, କିରନଜ୍ୟୋତି ପଣ୍ଡିତ, ଧର୍ମପ୍ରିୟା ବେହେରା, ଦାଶରଥି ଦେହୁରୀ, ଦିଲ୍ଲୀପ କୁମାର ରାଉତ, ମମତା ରାଉତ, ଦୀପ୍ତିମୟୀ ସାହୁ, ରଘୁନାଥ ଟୁଡୁ, ସୁଶାନ୍ତ ରାଉତ, ପ୍ରମିଳା ଜେନା, କୁଳମଣି ବଳ ଓ ସୁଧିର କୁମାର ବଳ ସହଯୋଗ କରିଥିଲେ।

## କାଳୀ ପଡ଼ିଆରେ ମିଶନ ଶକ୍ତି ସ୍ୱଦେଶୀ ମେଳା

# ୩୦ ଜିଲ୍ଲାରୁ ୧୬୦ ଏସ୍‌ଏଚ୍‌ଜି ସାମିଲ



କେନ୍ଦୁଝର, ୧୬।୧(ସମିସ): କେନ୍ଦୁଝର କାଳୀ ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ତଥା ସ୍ୱଦେଶୀ ମେଳା ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ସାଂସଦ ଅନନ୍ତ ଚରଣ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ମେଳାରେ ୩୦ ଜିଲ୍ଲାର ୧୬୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମେତ ୨୪ଟି ସରକାରୀ ବିଭାଗ ସାମିଲ ଅଛନ୍ତି। ମେଳାରେ ୧୬ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି। ମେଳା ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲିବ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ୩୦ ଜିଲ୍ଲାର ପ୍ରତିନିଧିତ୍ୱ ରହିଛି।

ମେଳାକୁ ଉଦଘାଟନ କରି ସାଂସଦ ଶ୍ରୀ ନାୟକ ଅପରେସନ ସିନ୍ଦୂର ଉଦାହରଣ ଦେଇ କହିଲେ ଯେ ବିଦେଶୀ ଶକ୍ତି ଆମ ଦେଶରେ ବ୍ୟବସାୟ କରି ଆମରି ଟଙ୍କାରେ ଆମ ବିରୋଧରେ ଅସ୍ତ୍ର ପ୍ରୟୋଗ କରୁଛନ୍ତି। ତେଣୁ ଆମେ ସମସ୍ତେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ ଯାହାଦ୍ୱାରା ଦେଶ ଆତ୍ମନିର୍ଭର ହେବା ସହ ଆମ ଅର୍ଥନୀତି ସୁଦୃଢ ହୋଇପାରିବ। ସାଂସଦ ଶ୍ରୀ ନାୟକ ଉପସ୍ଥିତ ମା'ମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଶପଥ ପାଠ କରାଇଥିଲେ। ଉତ୍ସବରେ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉଦଘାଟନ ସମାରୋହରେ ଜିଲ୍ଲାପାଳ ବିଶାଲ ସିଂ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଓ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ଅନୁକୂଳ ଶିକ୍ଷା ସଚେତନତା

ଆନନ୍ଦପୁର, ୧୬।୧ (ସମିସ): ଘସିପୁରା ବ୍ଲକର ଖାଳିଆମେଣ୍ଟା ଧନେଇ ବିଦ୍ୟାପୀଠରେ ବ୍ଲକସ୍ତରୀୟ ସଶକ୍ତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ମେଧା ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପରିବେଶ ଅନୁକୂଳ ଶିକ୍ଷା ଏବଂ ଜୀବନଶୈଳୀ ସମ୍ପର୍କିତ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୋସନାମୟୀ ବରାଳ ସଭାପତିତ୍ୱ କରିଥିଲେ। ସହକାରୀ ଜିଲ୍ଲା ସହକାରୀ ଅଧିକାରୀ ପ୍ରକାଶ ବେହେରା, ବିଜେପି ନେତା ଦେବ ଜେନା, ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ସହକାରୀ ଅଧିକାରୀ ହାଡ଼ିବନ୍ଧୁ ସାହୁ ସରପଞ୍ଚ ବୃନ୍ଦାବନ ଜେନା ପରିଚାଳନା ସଭାପତି ବିଭୁତି ଜେନା ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଖଣି ପ୍ରଭାବିତ ୪ ପଞ୍ଚାୟତ ସହ ଚମ୍ପୁଆ ଏନ୍‌ଏସିର ବିକାଶ ଅବହେଳିତ



ଚମ୍ପୁଆ, ୧୬।୧(ସମିସ): ଖଣି ପ୍ରଭାବିତ ହେଉଥିଲେ ମଧ୍ୟ ଖଣିଜ ପାଣ୍ଠି ଅନୁଦାନରୁ ବଞ୍ଚିତ ରହିଛି ଚମ୍ପୁଆ ଏନଏସି। ଏହାସହ ଚମ୍ପୁଆ ବ୍ଲକର ଚାରି ପଞ୍ଚାୟତ ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ମୌଳିକ ସୁବିଧା ସୁଦ୍ଧା ଏହି ଅଞ୍ଚଳକୁ ଯୋଗାଇ ଦିଆଯାଉନାହିଁ। ସ୍ଥାନୀୟ ଲୋକ ସ୍ୱର ଉଠାଇଥିବା ବେଳେ ଏନେଇ ପଞ୍ଚାୟତ ଓ ଏନଏସିକୁ ଡିଏମଏଫରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହାସହିତ ଜିଲ୍ଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଖଣିଜ ସହର ଯୋଡ଼ା ଓ ବଡବିଲ ସହର

### ମିଳୁନି ଡିଏମ୍‌ଏଫ୍ ଅନୁଦାନ

ବର୍ତ୍ତମାନ ଧୂଳିଧୂଆଁର ସହର ପାଲଟି ଯାଇଥିବାବେଳେ ଏହାର ପ୍ରଭାବ ଚମ୍ପୁଆ ସହର ଉପରେ ପଡୁଛି। ୪ଟି ପଞ୍ଚାୟତର ଛାତି ଉପରେ ଯାଇଥିବା ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଟନ ଖଣିଜ ପରିବହନ ଟ୍ରକ ଓ ଟ୍ରେଲର ଯୋଗେ ପରିବହନ କରାଯାଉଛି। ବର୍ଷର ୩୬୫ ଦିନ ଏହି ପଞ୍ଚାୟତ ଓ ଏନଏସିବାସୀ ଧୂଳିଧୂଆଁରେ ପ୍ରଭାବିତ ହେଉଥିଲେ ମଧ୍ୟ ଜିଲ୍ଲା ଖଣିଜ ପାଣ୍ଠି ଅଧୀନରେ ଏହା ସାମିଲ ନ ହେବା ପରିତାପର ବିଷୟ ପାଲଟିଛି। ସୂଚନା ଅନୁସାରେ, ଖଣି ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନ ବ୍ୟବହାର କରାଯାଇ ବିଭିନ୍ନ ଆନୁଷଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଖଣି ଦ୍ୱାରା ସୃଷ୍ଟି ହେଉଥିବା ଧୂଳି ଓ ଧୂଆଁ ଦ୍ୱାରା ଚମ୍ପୁଆ ବ୍ଲକର ପାର୍ଶଲା, ରିମୁଳି, ରଳିଆ ଓ କାଳିକାପ୍ରଶାଦ ପଞ୍ଚାୟତ ସମେତ ଚମ୍ପୁଆ ଏନଏସି ମଧ୍ୟ ପ୍ରଭାବିତ ହେଉଥିଲେ ମଧ୍ୟ ଖଣିଜ ପାଣ୍ଠି ଅଧୀନରେ ସାମିଲ ହୋଇପାରିନାହିଁ। ଅନ୍ୟ ପକ୍ଷରେ ଆକାଶ ପଥରେ ଖଣି ଅଞ୍ଚଳ ଏହି ପଞ୍ଚାୟତ ଓ ଏନଏସିଠାରୁ ୧୦ କିମି ଦୂର ହୋଇଥିବା ଏବଂ ଖଣି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣି ନଦୀ ଚମ୍ପୁଆର ଲାଇଫ ଲାଇନ କୁହାଯାଉଥିବା ବେଳେ ଏହା ମଧ୍ୟ ପ୍ରଭାବିତ ହେଉଛି। ମାତ୍ର ଏହି ପ୍ରଭାବିତ ଅଂଚଳ ଖଣିଜ ପାଣ୍ଠି ଅନୁଦାନରୁ କିପରି ବଞ୍ଚିତ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବୈତରଣୀ ବାମତଟ ବନ୍ୟାସୁରକ୍ଷା କାର୍ଯ୍ୟରେ ଅନିୟମିତତା



ହାଟଡ଼ିହୀ,୧୬।୧(ସମିସ): ବୈତରଣୀ ବାମତଟ ବନ୍ୟା ସୁରକ୍ଷା କାର୍ଯ୍ୟରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ବଞ୍ଚୋ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିଡୋଭଠାରୁ ଶିବନାରାୟଣପୁର ପର୍ଯ୍ୟନ୍ତ ବୈତରଣୀ ନଦୀର ବାମପାର୍ଶ୍ୱରେ ପଥର ପ୍ୟାକିଂ ସହ ବନ୍ୟାସୁରକ୍ଷା ପାଚେରି ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ନିର୍ମାଣ କାର୍ଯ୍ୟଟି ଆରମ୍ଭ ପୂର୍ବରୁ ସବିଶେଷ ବିବରଣୀକୁ ନେଇ କୌଣସି ସୂଚନା ଫଳକ ଲାଗି ନଥିବା ଦେଖିବାକୁ ମିଳିଛି। ଏଥିସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ତଦାରଖ ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟରେ ନିଶ୍ଚିତ ଭାବେ ଅନିୟମିତତା ହେଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଥର ପ୍ୟାକିଂ ଓ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟର ମାନ ଏବଂ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣଧୀନ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମଣ କୁମାର ମାରାଣ୍ଡିଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ। ଏଭଳି ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏହାର ତଦନ୍ତ କରାଇବା ଏବଂ କାର୍ଯ୍ୟର ମାନ ଉପରେ ସଠିକ୍ ତଦାରଖ କରାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ରାସ୍ତା କଡ଼ରେ ବସୁଛି ସାପ୍ତାହିକ ହାଟ

# ବିପଦପୂର୍ଣ୍ଣ ଭାବେ ହାଟରେ ଚାଲିଛି କିଣାବିକା

**ରାଇରଙ୍ଗପୁର, ୧୬।୧(ସମିସ)**



ଦିନେ କି ଦୁଇଦିନ ନୁହେଁ, ବର୍ଷ ବର୍ଷ ଧରି ରାଇରଙ୍ଗପୁର ସହରର ରାସ୍ତା କଡ଼ରେ ଚାଲିଛି ସାପ୍ତାହିକ ହାଟ। ଜାତୀୟ ରାଜପଥ କଡ଼ରେ ବିପଦପୂର୍ଣ୍ଣ ଭାବେ ହାଟରେ ବେପାର ଚାଲିଛି। କିନ୍ତୁ ଏଥିପ୍ରତି ପ୍ରଶାସନର ତିଳେ ହେଲେ ନିଘା ନାହିଁ। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଗାଡ଼ି ଚୋରି ହେଉଛି। ହାଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହେଉଛି।

ମହୁଲଡିହାସ୍ଥ ବଡ଼ବନ୍ଧ ସମ୍ମୁଖରେ ସପ୍ତାହକରେ ଥରେ ଶୁକ୍ରବାର ରାଇରଙ୍ଗପୁର ସାପ୍ତାହିକ ହାଟ ବସିଥାଏ। ଉକ୍ତ ହାଟକୁ ରାଇରଙ୍ଗପୁର ସମେତ ଆଖପାଖ ଅଞ୍ଚଳର ଅନେକ ଗ୍ରାମର ଲୋକେ ସଉଦା, ପନିପରିବା ଆଦି ନେବାକୁ ଆସିଥା'ନ୍ତି। ରାଞ୍ଚିରୁ ବିଜୟୱାଡାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନମ୍ବର ୨୨୦ କଡ଼ରେ ଉକ୍ତ ହାଟ ବସିଥାଏ। ବହୁ ସଂଖ୍ୟକ ଭାରୀଯାନ ଚଳାଚଳ କରୁଥିବାବେଳେ ବିପଦକୁ ଆମନ୍ତ୍ରଣ କରି ଏଠାରେ ହାଟ ବସୁଛି। ରାଇରଙ୍ଗପୁର ସହରରେ ଭାରୀଯାନ ଚଳାଚଳ କଟକଣା ଜାରି ନିମନ୍ତେ ପ୍ରତିଦିନ ସକାଳ ୬ରୁ ପୂର୍ବାହ୍ନ ୧୧ ଓ ଅପରାହ୍ନ ୩:୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳରେ କଟକଣା କରି ନୋଏଣ୍ଟ୍ରି ଲଗାଯାଇଛି। ଭାରୀଯାନଗୁଡ଼ିକ ଉଭୟ ପାର୍ଶ୍ୱରେ ଯଥା ଦାଣ୍ଡବୋଷର ପୁରୁଣାପାଣି ଓ ପୁରୁଣା ଘାଟି ଅଞ୍ଚଳରେ ଅଟକି ରହିଥାଏ। ଉକ୍ତ ସମୟ ପରେ ଭାରୀଯାନ ଚଳାଚଳ କରିଥାଏ। ହାଟ, ଦୋକାନ ରାସ୍ତା ଉପରେ ଅବରୋଧ କରି ବସିଥିବା ଗାଡି ମୋଟର ଯାତାୟତରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ରାସ୍ତାରେ ଜନସମାଗମ ସହ ଗାଡ଼ି ର୍କିଂ ହୋଇଥାଏ। ଯାହାଫଳରେ ରାସ୍ତା ସଂକୁଚିତ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଯଦ୍ୱାରା ଭାରୀଯାନ ଚଳାଚଳ କରୁଥିବାବେଳେ ଦୁର୍ଘଟଣା ଘଟି ପ୍ରାଣହାନି ହେବାର ସମ୍ଭାବନା ରହିଛି। ଉକ୍ତ ଜାତୀୟ ରାଜପଥ ଦେଇ ବାଦାମପାହାଡ଼, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ସୁନ୍ଦରଗଡ଼ ଆଦି ଅଞ୍ଚଳରୁ ଲୁହା ପଥର ବୋଝେଇ ଟ୍ରକ ଟାଟା, ରାଞ୍ଚି, ବୋକାରୋ, ଦୁର୍ଗାପୁର ଆଦିକୁ ନିୟମିତ ଯାତାୟତ କରିଥା'ନ୍ତି। ହାଟ ଯୋଗୁଁ ଜାତୀୟ ରାଜପଥ ଉପରେ ଦିନତମାମ ଭିଡ଼ ଲାଗି ରହୁଥିବାବେଳେ ବିପଦକୁ ଆମନ୍ତ୍ରଣ କରୁଛି। ଏହାସହିତ ହାଟ ଅଞ୍ଚଳରୁ ନିୟମିତ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହେଉଛି। ବିପଦପୂର୍ଣ୍ଣ ଭାବେ ରାସ୍ତା କଡ଼ରେ ହାଟ ଚାଲିଥିବାବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ ମନନିବେଶ

▶▶ ବାରମ୍ବାର ଘଟୁଛି ଦୁର୍ଘଟଣା, ହେଉଛି ଗାଡ଼ି ଚୋରି

▶▶ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

କରାଯାଉନି। ଜାତୀୟ ରାଜପଥର ବାଇପାସ ରାସ୍ତା ନିର୍ମାଣ କାମ ଜାରି ରହିଥିବାବେଳେ ତାହା ସମ୍ପୂର୍ଣ୍ଣ ହେବାକୁ ଆହୁରି ସମୟ ଲାଗିବ। କିନ୍ତୁ ଉକ୍ତ ହାଟ ସେ ସମୟ ମଧ୍ୟରେ ଜନସାଧାରଣଙ୍କ ବିପଦର କାରଣ ସାଜିବାର ସମ୍ଭାବନା ରହିଛି। ରାଇରଙ୍ଗପୁର ସହରର ରୂପରେଖ ପରିବର୍ତ୍ତନ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ସଡ଼କ ସୁରକ୍ଷା ସଚେତନତା



**ଉଦଳା, ୧୬।୧(ସମିସ):** କପ୍ତିପଦା ଉପଖଣ୍ଡ ଉଦଳାଠାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ୧୯ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଉଦଳା କଲେଜ ରାସ୍ତାରେ ଉଦଳା କଲେଜ ଛାତ୍ରଛାତ୍ରୀ ଓ ଉଦଳା ଘରୋଇ ବସ ମାଲିକ ସଙ୍ଘ ମିଳିତ ଭାବେ ପାଳନ କରିଛନ୍ତି। ଉଦଳା କଲେଜ ଛାତ୍ରଛାତ୍ରୀ, ଆଞ୍ଜେଲ ଟ୍ୟୁଟୋରିଆଲର ଅନ୍ତେବାସୀ, ଘରୋଇ ବସ ମାଲିକ ସଙ୍ଘ କାର୍ଯ୍ୟକର୍ତ୍ତା, ଉଦଳା ପୁଲିସ ଓ ବୁଦ୍ଧିଜୀବୀ ସଚେତନତା ବାର୍ତ୍ତା ନେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉଦଳା ବଜାର ମୁଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଞ୍ଚଳିକ ମଟର ଯାନ ବିଭାଗ ଏମଭିଆଇ ଜ୍ୟୋତି ପ୍ରକାଶ ସେଠୀ ଓ କର୍ମଚାରୀ ଯୋଗ ଦେଇଥିବାବେଳେ ବସ ସଙ୍ଘ ସଭାପତି ରମେଶ ଚନ୍ଦ୍ର ବେହେରା, ସମ୍ପାଦକ କମଳାକାନ୍ତ ରଣା, ସଦସ୍ୟ, ଆଞ୍ଜେଲ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ସତ୍ୟଜିତ ବେହେରା, ମଟର କର୍ମଚାରୀ ମାନଭଞ୍ଜନ ମହାନ୍ତି, ଉଦଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକ ଯୋଗ ଦେଇଥିଲେ। ଏ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଚେତନ ବାର୍ତ୍ତା ଲେଖା ପୋଷାକ ବିତରଣ କରାଯାଇଥିଲା। ଶେଷରେ ବସ୍‌ଷ୍ଟାଣ୍ଡରେ ସଭା ଅନୁଷ୍ଠିତ ହୋଇଥିଲା। ବସ୍ ସଙ୍ଘ ସଭାପତି ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଜନସାଧାରଣଙ୍କୁ ଜୀବନ ମୂଲ୍ୟବାନ ଓ ଦୁର୍ଘଟଣାର ଶିକାର ଲୋକଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ରେଳ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରାସଗୋବିନ୍ଦପୁର, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଟିକପଦା ଗାଁ ନିବାସୀ ମଙ୍ଗଳ ଟୁଡୁ (୨୪)ଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ସେ ଗୋକୁଲ ଟୁଡୁ ଓ ଗୁରୁବାରୀ ଟୁଡୁଙ୍କ ପୁଅ ବୋଲି ଜଣାପଡ଼ିଛି। ମଙ୍ଗଳ ଟୁଡୁ ୧୪ ତାରିଖରେ ବିଶାଖାପାଟଣା ରେଳ ଷ୍ଟେସନରୁ ବାଲେଶ୍ୱର ଆସୁଥିବା ସମୟରେ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ରେଳ ଷ୍ଟେସନ ନିକଟରେ ରାତି ପ୍ରାୟ ମଧ୍ୟରାତ୍ରିରେ ଅଚାନକ ରେଳ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଘଟଣା ପରେ ରେଳବାଇ ପୁଲିସ ଓ ସ୍ଥାନୀୟ ପ୍ରଶାସନ ମୃତଦେହକୁ ଉଦ୍ଧାର କରି ଶ୍ରୀକାକୁଳମ ସରକାରୀ ହସ୍ପିଟାଲରେ ରଖିଛନ୍ତି। ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି। ଏହି ଦୁଃଖଦ ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକେ ତୁରନ୍ତ ମୃତଦେହ ଆଣିବା ପାଇଁ ପ୍ରଶାସନର ସହାୟତା ଲୋଡି ଥିବାବେଳେ ଏଏଲଓ ମୋନିକା ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଏକ ଆମ୍ବୁଲାନ୍ସ ଯୋଗାଡ଼ କରି ମୃତଦେହ କେମିତି ଶୀଘ୍ର ତାଙ୍କ ପରିବାରବର୍ଗଙ୍କ ପାଖରେ ପହଞ୍ଚାଇବେ, ସେନେଇ ଯୋଜନା କରୁଛନ୍ତି।

## ଦିବ୍ୟାଙ୍ଗ ସାର୍ଟିଫିକେଟ୍ କରାଇଦେବା ନାଁରେ ଟଙ୍କା ହଡ଼ପ ଅଭିଯୋଗ



**ରାସଗୋବିନ୍ଦପୁର, ୧୬।୧(ସମିସ):** ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୋଳ ପଞ୍ଚାୟତର ଜଣେ ୱାର୍ଡ ମେମ୍ବର ବିକଳାଙ୍ଗ ସାର୍ଟିଫିକେଟ କରାଇଦେବ କହି ଏକରୁ ଅଧିକ ଦିବ୍ୟାଙ୍ଗଠାରୁ ଟଙ୍କା ଠକି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଦେବଶୋଳ ପଞ୍ଚାୟତସ୍ଥ ବାଛୁରିପାଳ ଗ୍ରାମର ବଂଶୀଧର ସିଙ୍କ ପତ୍ନୀ ସରୋଜିନୀ ସି ଜନ୍ମରୁ ଦିବ୍ୟାଙ୍ଗ। ଏଯାବତ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇପାରିନଥିଲେ। ୱାର୍ଡ ମେମ୍ବର ଭଦ୍ରା ହାଁସଦା ଉକ୍ତ ସରୋଜିନୀଙ୍କ ପାଖକୁ ଯାଇ ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଦେବାର ପ୍ରତିଶ୍ରୁତି ଦେବା ସହ ବିଭିନ୍ନ ଆଳଦେଖାଇ ପ୍ରଥମେ ଚାରି ହଜାର ନେଇଥିଲେ। ପରବର୍ତ୍ତୀ ସମୟରେ କ୍ରମଶଃ ୧୪ ହଜାର ୫ ଶହ ଟଙ୍କା ନେଇଥିଲେ। ତେବେ ଏଯାବତ ଅସହାୟ ସରୋଜିନୀଙ୍କୁ ନା ଦେଇପାରିଛନ୍ତି ଦିବ୍ୟାଙ୍ଗ ସାର୍ଟିଫିକେଟ ନା ଫେରାଇଛନ୍ତି ନେଇଥିବା ଟଙ୍କା। ଶେଷରେ ସରୋଜିନୀ ଉକ୍ତ ଟଙ୍କାକୁ ନେଇ ଥାନାର ଦ୍ୱାରସ୍ଥ ହେବା ସହ ଭଦ୍ରା ହାଁସଦାଙ୍କ ନାମରେ ଅଭିଯୋଗ ଦେଇଛନ୍ତି।

ସେହିପରି ବାଛୁରିପାଳ ଗ୍ରାମର ଅନ୍ୟଜଣେ ଦିବ୍ୟାଙ୍ଗ ମମତା ଡାକୁଆଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଦେବା ଓ ପକ୍ଷପାତ ରୋଗରେ ପଡ଼ିଥିବା ତାଙ୍କ ଶଶୁର ସନ୍ତୋଷ ମହାନାୟକ ପାଉଥିବା ହଜାରେ ଟଙ୍କା ଭତ୍ତାକୁ ବଢ଼ାଇ ତିନି ହଜାର ଟଙ୍କା କରାଇ ଦେବ କହି ମମତାଙ୍କ ସ୍ୱାମୀ କୃତ୍ତିବାସଙ୍କଠାରୁ ସମୁଦାୟ ୧୬ ହଜାର ଟଙ୍କା ନେଇଥିବା ନେଇ ଅଭିଯୋଗ ହୋଇଛି। ସରକାର ଅସହାୟ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଭତ୍ତା ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଅଭିପ୍ରାୟ ରଖିଥିବାବେଳେ ଗ୍ରାମରେ ବୁଲୁଥିବା କିଛି ଠକ, ଦଲାଲ ଅସହାୟ ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କୁ ଏହି ଯୋଜନା ମାଧ୍ୟମରେ ସାମିଲ କରାଇବାର ମିଛ ପ୍ରତିଶ୍ରୁତି ଦେଇ ଟଙ୍କା ହଡ଼ପ କରୁଥିବାରୁ ଅସହାୟ ଲୋକ ନାହିଁ ନ ଥିବା ଅସୁବିଧାର ପଡ଼ି ଥାନାର ଦ୍ୱାରସ୍ଥ ହେଉଛନ୍ତି। ଏଭଳି ଲୋକଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୁବଛାତ୍ର ମଞ୍ଚର ପ୍ରତିଷ୍ଠା ଦିବସ



**ଶୁଳିଆପଦା, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଯୁବଛାତ୍ର ସଂଗଠନ ଯୁବଛାତ୍ର ମଞ୍ଚର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବ ଦିବସ ଓ ଯୁବଛାତ୍ର ମଞ୍ଚର ପଞ୍ଚମ ପ୍ରତିଷ୍ଠା ଦିବସ ଶୁଳିଆପଦା ବ୍ଲକ ବଡ଼ଭାଲିଆ ପଞ୍ଚାୟତ କୁଲାଧୂଆଣୀଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ କାର୍ଯ୍ୟକର୍ତ୍ତା ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପାଠ କରାଯାଇଥିଲା। ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପରେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ଉକ୍ତ ଦିବସରେ ଯୁବଛାତ୍ର ମଞ୍ଚ ସଭାପତି ସମୀର ମହାନ୍ତ, କାର୍ଯ୍ୟକାରୀ ସଦସ୍ୟ ରମା ନାଏକ, ଦିବ୍ୟରଞ୍ଜନ ସାସମଲ, ସମାଜସେବୀ ଦିଲ୍ଲୀପ ତୁଙ୍ଗ, ଲକ୍ଷ୍ମଣ ନାଏକ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟଜଳ ଭଳି ସମସ୍ୟାକୁ ନେଇ ପ୍ରଶାସନ ପାଖକୁ ପହଞ୍ଚାଇବା ସହ ସମସ୍ତ ଲୋକେ କିଭଳି ସମସ୍ତ ସରକାରୀ ସୁବିଧା ପାଇପାରିବ ସେ ନେଇ ଯୁବ ଛାତ୍ର ମଞ୍ଚ କାର୍ଯ୍ୟ କରିବ।

## ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ



**ବାରିପଦା/ମୋରଡା, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକସ୍ଥ ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚବିଦ୍ୟାଳୟ, ଚଡ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲ୍ଲାରେ ହକି ପ୍ରତିଭାଙ୍କ ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ଏ ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ୧୧ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ହକି ଷ୍ଟିକ୍ ଓ ବଲ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିପ୍ସା ଦଣ୍ଡସେନା, ପ୍ରିୟା ସି ଓ ଅନୀତା ହାଁସଦା ଓ ତତସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଚଡେଇଗାଁ କ୍ଲଷ୍ଟରର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ରୁ ରାଜ୍ୟସ୍ତରୀୟ ଆନ୍ତଃକଲେଜ ସାଂସ୍କୃତିକ ମହୋତ୍ସବ



**ବାରିପଦା, ୧୬।୧(ସମିସ):** ୨୭ତମ ରାଜ୍ୟସ୍ତରୀୟ ଆନ୍ତଃକଲେଜ ସାଂସ୍କୃତିକ ମହୋତ୍ସବ ଇଉଫରିୟା ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଏହାର ରୂପରେଖକୁ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସଭାପତି ତାପସ ପାଢ଼ୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୮ରୁ ୩୧ ତାରିଖ ୪ଦିନ ଧରି ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ପୂର୍ବ ବର୍ଷ ଭଳି ରାଜ୍ୟ ତମାମ ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ସହମତି ପ୍ରଦାନ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ୨୬ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବୁ ବର୍ଷ ଭଳି ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ରଙ୍କୁ ଏହି ମଞ୍ଚରେ ଦେଖିବାକୁ ମିଳିବ।

ତତ୍‌ସହିତ ଓଲିଉଡ଼ ଚକୋଲେଟ ହିରୋ ସ୍ୱରାଜ ବାରିକ, ଇଣ୍ଟରନ୍ୟାସନାଲ ୟୁଟୁବର ଲବ ହାଁସଦା ମଧ୍ୟ ଉପସ୍ଥିତ ରହିବେ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ଅସିତ ଗିରି, ପଙ୍କଜ ସାହୁ, ସ୍ନିଗ୍ଧ ଚନ୍ଦନ, ସତ୍ୟସ୍ୱରୂପ ଦାସ, ଅଙ୍କୁର ଖୁରାନା, ସିଦ୍ଧାର୍ଥ ପଟ୍ଟନାୟକ, ପୁରୁଷୋତ୍ତମ ଅଗ୍ରୱାଲ, ପିଣ୍ଟୁ ମାଇତି, ରାକେଶ ମହାନ୍ତି, ଜିତ ପଟନାୟକ, ଜୟଶ ପାତ୍ର, ମହେଶ ସାହୁ, ଆଭାସ ଦେ, ରାଜ ଗୁପ୍ତା, ଧନଞ୍ଜୟ ସାହୁ, ଚନ୍ଦନ ପାଣି, ସିଦ୍ଧାର୍ଥ ଟୁବିଡ, ବିଶ୍ୱାସ ମହାନ୍ତି, ଦେବବ୍ରତ ଦେ, ଆୟୁଷ ପ୍ରିୟଦର୍ଶୀ ଓ ମୁକ୍ତି ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପୁସ୍ତିକା ଉନ୍ମୋଚନ କରିଥିଲେ।

## ବଳଭଦ୍ରପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବଡ଼ସାହି, ୧୬।୧(ସମିସ):** ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି। ସମାଜସେବୀ ତଥା ରଣଜୀ ଖେଳାଳି ଲଲାଟେନ୍ଦୁ ନେଇଥିଲା। ମହାଦେବ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ୱିକେଟ ହରାଇ ୧୩୬ ରନ କରିଥିଲା। ଜବାବରେ ମହାଦେବ ଷ୍ଟ୍ରାଇକର ୭



ବେହେରା ଓ ସମିତିସଭ୍ୟ ସନତ ସେଠୀ ଅତିଥି ଭାବେ ଯୋଗ ଦେଇ ଫିତା କାଟି ଏହାକୁ ଉଦଘାଟନ କରିଛନ୍ତି। ଉଦଘାଟନୀ ମ୍ୟାଚ ସୋନି ୱାରିଅର୍ସ ଓ ମହାଦେବ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ସୋନି ୱାରିଅର୍ସ ଟସ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ଓଭରରେ ଗୋଟିଏ ୱିକେଟ ହରାଇ ୧୩୭ ରନ କରି ବିଜୟୀ ହୋଇଥିଲା। କ୍ଲବ୍‌ର ସଦସ୍ୟ ରଣଜିତ ଆଚାର୍ଯ୍ୟ, ଦୀପକ ମହାନ୍ତ, ତପନ ମହାନ୍ତ, ମହେନ୍ଦ୍ର ସିଂ, ସାଇସ୍ୱରୂପ ଗିରି, ଅଭିଲାଷ ଆଚାର୍ଯ୍ୟ, ରଞ୍ଜନ ସେଠୀ ଓ ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର 'ଭାରତକୁ ବୁଝିବା' କାର୍ଯ୍ୟକ୍ରମ



**ବାରିପଦା, ୧୬।୧(ସମିସ):** ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ 'ଭାରତକୁ ବୁଝିବା' ପାଠ୍ୟକ୍ରମ ଆଧାରରେ ଏକ ଶୈକ୍ଷିକ ପରିଦର୍ଶନ ଆୟୋଜିତ ହୋଇଛି। ଏହି କ୍ରମରେ ଛାତ୍ରଛାତ୍ରୀ ବାରିପଦା ସହରରେ ଅବସ୍ଥିତ ବେଲଗାଡ଼ିଆ ରାଜପ୍ରସାଦ ଭ୍ରମଣ କରି ଏହାର ଐତିହାସିକ ମହତ୍ୱ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ପ୍ରାସାଦ ପ୍ରାଙ୍ଗଣରେ ପ୍ରଫେସର ଓ ଛାତ୍ରଛାତ୍ରୀଙ୍କ ଏକ ସ୍ୱଳ୍ପକାଳୀନ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚକ ଭାବେ ଡ. ସରୋଜ ନାୟକ ଯୋଗଦେଇ ପ୍ରାସାଦର ନିର୍ମାଣ ବିକାଶ ସହିତ ରାଜବଂଶର ଅଭ୍ୟୁଦୟ, ମୟୂରଭଞ୍ଜର ସମ୍ୟକ ଇତିହାସ, ବୈଶିଷ୍ଟ ଛାତ୍ରଛାତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଦିଲ୍ଲୀପ କୁମାର ଦଳେଇ, ଡକ୍ଟର ନିରୁପମା ନାୟକ, ସୁଶାନ୍ତ କୁମାର ରଣା, ସବିତା ପ୍ରଧାନ, ସୁଶ୍ରୀ ସଙ୍ଗୀତା ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ଜାତୀୟତା ମନୋଭାବର ବିକାଶ ପାଇଁ ପ୍ରୟାସ କରିଥିଲେ।

## ବାଇପାସ୍ ରାସ୍ତା କାମ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ରାଇରଙ୍ଗପୁର, ୧୬।୧(ସମିସ)**

ରାଇରଙ୍ଗପୁର ସହରବାସୀଙ୍କ ବହୁ ପ୍ରତିକ୍ଷୀତ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ବାଧକ ସମାଧାନ ହେବା ପରେ ନିର୍ମାଣ କାମ ଜାରି ରହିଛି। ଉକ୍ତ ନିର୍ମାଣ ସ୍ଥଳକୁ ଶୁକ୍ରବାର ଜିଲ୍ଲାପାଳ ହେମକାନ୍ତ ସୟ ପରିଦର୍ଶନ

**କାମ ତ୍ୱରାନ୍ୱିତ କରିବାକୁ ଦେଲେ ନିର୍ଦ୍ଦେଶ**

କରିଛନ୍ତି। ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଜମା ବିବାଦର ସମାଧାନ କରି ନିର୍ମାଣ କାର୍ଯ୍ୟ ନିମନ୍ତେ ଜମି ହସ୍ତାନ୍ତର କରିଛନ୍ତି।

ରାଞ୍ଚି-ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥର ଇପିସି ମୋଡ଼ରେ ୨୦୨୨-୨୦୨୩ ବାର୍ଷିକ ଯୋଜନାରେ ଦୁଇ



ଲେନ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଯାହାକୁ ନେଇ ନିର୍ମାଣ କାମ ଜାରି ରହିଛି। ଜିଲ୍ଲାପାଳ ଶ୍ରୀ ସୟ ପରିଦର୍ଶନ ସମୟରେ ପୁରୁଣାପାଣିଠାରୁ ନୂଆଗାଁ ପର୍ଯ୍ୟନ୍ତ ୭ କିମିରୁ ଊର୍ଦ୍ଧ୍ୱ ରାସ୍ତା ଓ ୮୦୦ ମିଟର ପୋଲ ନିର୍ମାଣ କାମକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାସ୍ତାରେ ମାଟି ପଡ଼ି ସମତୁଲ ହେଉଥିବାବେଳେ ତାହାକୁ ମଧ୍ୟ ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଶ୍ରୀ ସୟ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଆସନ୍ତା ଫେବୃଆରୀ ମାସରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ମିଶ୍ରା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଜମି ଅଧିଗ୍ରହଣ ନେଇ ନିର୍ମାଣ ପାଇଁ ମଝିରେ ସମସ୍ୟା ସୃଷ୍ଟି ହୋଇଥିଲା। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏହାର ସମାଧାନ କରି ଜମି ଅଧିଗ୍ରହଣ ହେଉଥିବା ସମସ୍ୟାର ସମାଧାନ କରିଛନ୍ତି। ଯାହାକୁ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉକ୍ତ ବାଇପାସ ରାସ୍ତାଟି ଯଶିପୁର ଜାତୀୟ ରାଜପଥକୁ ସଂଯୋଗ କରିବ। ଜିଲ୍ଲାପାଳଙ୍କ ଅନୁଧ୍ୟାନ ସମୟରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସମ୍ଭାବନା ଦୁଇଟି। ଆମେ ବିଶ୍ୱ ବ୍ରହ୍ମାଣ୍ଡରେ ଏକା ଅଛୁ କିମ୍ବା ଏକା ନାହୁଁ। ଉଭୟ ସ୍ଥିତି ଅତି ଭୀତିପ୍ରଦ।

-କାର୍ଲ ସାଗାନ୍

## ମଦର ଆଦର ଧାନରେ ନାହିଁ

ଆମରାଜ୍ୟରେ ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳତା ଜାତୀୟ ଦୃଶ୍ୟପଟ୍ଟ ଦୃଷ୍ଟିରୁ ବିଚାର କଲେ ଅତି ଦୟନୀୟ। ଜାତୀୟସ୍ତରରେ ଚାଷୀଙ୍କ ଆୟ ତାଲିକାର ସର୍ବନିମ୍ନରେ ଝାଡ଼ଖଣ୍ଡ ଥିବାବେଳେ ତା'ଠାରୁ ମାତ୍ର ଗୋଟିଏ ପାହାଚ ଆଗରେ ଅଛି ଓଡ଼ିଶା। କିନ୍ତୁ ଚାଷୀଙ୍କଠାରୁ ଧାନ ସଂଗ୍ରହରେ ଆମ ରାଜ୍ୟରେ ଯେଉଁଭଳି ଅନିୟମିତତା ଲାଗି ରହିଛି ସେଥିରୁ ସରକାରଙ୍କ ଆଭିମୁଖ୍ୟ ବାରି ହୋଇପଡୁଛି। ଚାଷୀଙ୍କୁ ନ୍ୟାୟ ଦେବାରୁ ବଞ୍ଚିତ କରୁଥିବା ସରକାର ସେମାନଙ୍କ ଆୟବୃଦ୍ଧି ନେଇ କେତେଦୂର ସଚେତନ ତାହା ସହଜରେ ଅନୁମେୟ। ଧାନର କ୍ୱିଣ୍ଟାଲ ପିଛା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଇନ୍‌ପୁଟ୍ ସବ୍‌ସିଡି (ବୋନସ) ୮ ଶହ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ନିଜ ଘୋଷିତ ନୀତିରୁ ଓହରି ଯାଇଛନ୍ତି। ପ୍ରଥମ ବର୍ଷ ଧାନ ସଂଗ୍ରହ ବେଳେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଇ ପ୍ରତିଶ୍ରୁତି ରକ୍ଷାର ଯେଉଁ ପ୍ରଚାର ଓ ପ୍ରସାର ସରକାର କରିଥିଲେ ସେଥିରୁ କାହିଁକି ଓହରି ଗଲେ ତାହା ସ୍ପଷ୍ଟ ହେଉନାହିଁ। ଏଠାରେ ସୂଚାଇ ଦିଆଯାଇପାରେ କି କେନ୍ଦ୍ର ସରକାର ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ୬୯ ଟଙ୍କା ବଢ଼ାଇବାରୁ ମନେ ହେଲା ତାହା ଉପରେ ୮ ଶହ ଟଙ୍କା ବୋନସ ଚାଷୀ ପାଇବେ। ଅଥଚ ଏବର୍ଷ ଖରିଫ ଧାନ ସଂଗ୍ରହ ଆରମ୍ଭରୁ ବୋନସ ୮୦୦ ଟଙ୍କାରୁ ବର୍ଦ୍ଧିତ ମୂଲ୍ୟ ୬୯ ଟଙ୍କା ବାଦ ଦେଇ ତାହାକୁ ୭୩୧ ଟଙ୍କାରେ ସୀମିତ ରଖାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ବଡ଼ ଚାଷୀଙ୍କ ଠାରୁ ୧୫୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନକ୍ରୟ କ୍ଷେତ୍ରରେ ଏହି ୭୩୧ ଟଙ୍କା ବୋନସ ମିଳିବ ନାହିଁ ଘୋଷଣା କରାଗଲା। ଦୁଇ ମାସ ହେଲା ମଣ୍ଡିଖୋଲିବା ଆରମ୍ଭ ହୋଇଥିଲେ ମଧ୍ୟ ଧାନ ସଂଗ୍ରହ ବ୍ୟବସ୍ଥା ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇନାହିଁ। ସବୁଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୮୦୦ ଟଙ୍କା ବୋନସ ପ୍ରଦାନକୁ ପ୍ରଚାରର ଅସ୍ତ୍ରକରି ପ୍ରଶଂସା ସାଉଁଟୁ ଥିବା ସରକାରଙ୍କ ପାଇଁ ଧାନ ସଂଗ୍ରହ ଏବେ ବୋଝ ହୋଇପଡ଼ିଥିବା ଭଳି ମନେ ହେଉଛି। ଏ ବାବଦରେ ସରକାର ସମ୍ମୁଖୀନ ହେଉଥିବା ଅତିରିକ୍ତ ବ୍ୟୟ ଭାର କେଉଁ ସୂତ୍ରରୁ ଭରଣା କରିବେ ତାହାର ବାଟ ଖୋଜି ପାଉ ନ ଥିବାରୁ ବଜେଟ ପୂର୍ବରୁ ଏଭଳି ଏକ ଅପ୍ରିୟ ନିଷ୍ପତ୍ତି ନେବାକୁ ପଡ଼ିଛି। ଅଥଚ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଇ ସରକାର ଅବକାରୀ ରାଜସ୍ୱ ବଢ଼ାଇବାକୁ ଗୁରୁତ୍ୱ ଦେଇଛନ୍ତି। ଲାଇସେନ୍ସବ୍ରାଣ୍ଡି ଡିଲର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ମଦବିକ୍ରି କଲେ ଓଡ଼ିଶା ବେଭେରେଜ୍ କର୍ପୋରେସନ ପକ୍ଷରୁ ପୁରସ୍କୃତ କରାଯାଉଛି। ଗୋଟିଏ ପଟେ ଚାଷୀଙ୍କ ବୋନସ ଅର୍ଥ କଟା ଯାଉଥିବା ବେଳେ ମଦବେପାରୀଙ୍କୁ ପୁରସ୍କାର ମାଧ୍ୟମରେ ପ୍ରୋତ୍ସାହିତ କରିବା କିଭଳି ଜନହିତକର ନିଷ୍ପତ୍ତି ତାହା ରାଜ୍ୟବାସୀଙ୍କ ବିଚାରସାପେକ୍ଷ। କହିବା ବାହୁଲ୍ୟ ଯେ ରାଜ୍ୟରେ ଯେଉଁ ହାରରେ ଅପରାଧ ବୃଦ୍ଧି ପାଉଛି ତାହା ପଛରେ ମଦର ପ୍ରସାର ଅନ୍ୟତମ ମୁଖ୍ୟ କାରଣ। ଏବେ ମଧ୍ୟ ରାଜ୍ୟରେ ମଦ ବିକ୍ରିକୁ ବିରୋଧ କରି ମହିଳାଙ୍କ ଜାଗରଣ ଓ ଆନ୍ଦୋଳନ ବଳବତ୍ତର ରହିଛି। ଉଜୁଡ଼ି ଯାଉଥିବା ପରିବାରର ସୁରକ୍ଷା ଓ ନିରାପତ୍ତା ସକାଶେ ସେମାନେ ଲଢୁଛନ୍ତି। କିନ୍ତୁ ଏସବୁ ଉର୍ଦ୍ଧ୍ୱରେ ବର୍ଦ୍ଧିତ ଅବକାରୀ ରାଜସ୍ୱ ଉପରେ କ୍ଷମତାର ନିର୍ଭରଶୀଳତାକୁ ଏଡ଼ାଇ ଯିବା ମଧ୍ୟ ଏତେ ସହଜ ନୁହେଁ।

ସରକାରଙ୍କ ବାଧ୍ୟବାଧକତା ନିକଟରେ ଆନ୍ଦୋଳନ, ଧାରଣା, ବିକ୍ଷୋଭ ଆଦି ଦିନକୁ ଦିନ ଅର୍ଥହୀନ ହୋଇପଡୁଛି। କ୍ଷମତା ବାହାରେ ରହି ଅନ୍ନଦାତାଙ୍କ ସ୍ୱାର୍ଥରକ୍ଷା ସପକ୍ଷରେ ସ୍ଲୋଗାନ ଦେବା ଏବଂ କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି ରକ୍ଷା କରି ନ ପାରିବାର ଅକ୍ଷମତାକୁ କେବଳ ଅହଂକାର ପ୍ରଦର୍ଶନ କରି ଏଡ଼ାଇ ଦିଆଯାଇପରେ। ●

## ନାଟୋରେ ଫାଟ

ଶୀତଳ ଯୁଦ୍ଧ ସମୟରେ ବିଶ୍ୱରେ ଦୁଇ ପ୍ରମୁଖ ଶକ୍ତିକେନ୍ଦ୍ରକୁ ନେଇ ଗଢ଼ି ଉଠିଥିବା ସାମରିକ ମେଣ୍ଟ ସୋଭିଏତ ରୁଷର ବିଭାଜନ ପରେ ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ନେଇ ଆମେରିକା ନେତୃତ୍ୱରେ 'ନାଟୋ' ଏବେ ମଧ୍ୟ ସକ୍ରିୟ ରହିଛି। କିନ୍ତୁ ପରିବର୍ତ୍ତିତ ସ୍ଥିତିରେ ଆମେରିକାର ଏକଚାଟିଆ ପ୍ରାଧାନ୍ୟ ଓ ପତିଆରା ବୃଦ୍ଧି 'ନାଟୋ'ର ସହଯୋଗୀ ରାଷ୍ଟ୍ରଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରିପକାଉଛି। ଯେଉଁ ପରିସ୍ଥିତି ପାଇଁ ରୁଷ–ୟୁକ୍ରେନ ଯୁଦ୍ଧ ଅନେକାଂଶରେ ଦାୟୀ। ଯୁଦ୍ଧ ବିରାମ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଚାଲିଥିବା ବିଚାରବିମର୍ଶ ରୁଷ ସ୍ୱାର୍ଥକୈନ୍ଦ୍ରିକ ହୋଇଥିବାରୁ ୟୁରୋପୀୟ ରାଷ୍ଟ୍ରଙ୍କ ପକ୍ଷରୁ ତାହାକୁ ବିରୋଧ କରାଯାଉଛି। ଏକ୍ଷେତ୍ରରେ 'ନାଟୋ'ରେ ପରିଲକ୍ଷିତ ଅସହମତି ଗ୍ରୀନଲାଣ୍ଡ ପ୍ରସଙ୍ଗକୁ ନେଇ ଆହୁରି ଉତ୍କଟ ହେବାରେ ଲାଗିଛି। ଆମେରିକା ଆବଶ୍ୟକ ପଡ଼ିଲେ ସାମରିକ ଶକ୍ତି ପ୍ରୟୋଗ କରି ଗ୍ରୀନଲାଣ୍ଡକୁ ଦଖଲ କରିବାର ଯେଉଁ ଧମକ ଦେଇଛି ତାହାକୁ ବିରୋଧ କରିଛନ୍ତି 'ନାଟୋ'ର ସହଯୋଗୀ ରାଷ୍ଟ୍ର। ଏଥିମଧ୍ୟରେ ଫ୍ରାନ୍ସ ଓ ନରୱେ ପ୍ରତୀକାତ୍ମକ ଭାବେ ଗ୍ରୀନ୍‌ଲାଣ୍ଡକୁ ସେନା ପ୍ରେରଣ କରିଛନ୍ତି। ଗ୍ରୀନଲାଣ୍ଡକୁ ସ୍ୱାୟତ୍ତତା. ପ୍ରଦାନ କରାଯାଇଥିଲେ ମଧ୍ୟ ତାହାର ପରରାଷ୍ଟ୍ର ଓ ପ୍ରତିରକ୍ଷା ନୀତି ନିର୍ଦ୍ଧାରଣ ଦାୟିତ୍ୱ ଏବେ ମଧ୍ୟ ଡେନମାର୍କ ଦାୟିତ୍ୱରେ ରହିଛି। 'ନାଟୋ'ର ସଦସ୍ୟତା ସତ୍ତ୍ୱେ ସେମାନଙ୍କ ସାର୍ବଭୌମତା ପ୍ରତି ଆମେରିକା ପକ୍ଷରୁ ସୃଷ୍ଟି ହୋଇଥିବା ବିବାଦ ଅନ୍ୟ ସହଯୋଗୀଙ୍କୁ କେବଳ କ୍ଷୁବ୍ଧ କରି ନାହିଁ, ବରଂ ଯେଉଁ ସୁରକ୍ଷା ପାଇଁ ମେଣ୍ଟ ଗଠନ କରାଯାଇଥିଲା ତାହା ଏବେ ବିପନ୍ନ ବୋଲି ସେମାନେ ଅନୁଭବ କରୁଛନ୍ତି।

ଟ୍ରମ୍ପ କହିଛନ୍ତି ଗ୍ରୀନଲାଣ୍ଡ ଆମେରିକାର ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ। ଏକ୍ଷେତ୍ରରେ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। ଅଥଚ ଗ୍ରୀନ୍‌ଲାଣ୍ଡ ଅଧିବାସୀ ସ୍ପଷ୍ଟ କରିଦେଇଛନ୍ତି ତାଙ୍କ ରାଷ୍ଟ୍ରକୁ ନେଇ କିଣାବିକା କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ହ୍ୱାଇଟ ହାଉସରୁ ସ୍ପଷ୍ଟ ସୂଚନା ମିଳିଛି ଯେ ଏହି ଆର୍କଟିକ୍ ଦ୍ୱୀପକୁ ଆବଶ୍ୟକ ହେଲେ ଦଖଲକୁ ନେବା ପାଇଁ ବଳ ପ୍ରୟୋଗ କରାଯିବ। ମାତ୍ର ୫୭,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ବରଫାବୃତ୍ତ ଦ୍ୱୀପରେ ବିରଳ ଖଣିଜ ସାମଗ୍ରୀ ମହଜୁଦ ଅଛି। ତେବେ ଟ୍ରମ୍ପଙ୍କ କହିବା କଥା ରୁଷ ଓ ଚୀନର ମୁକାବିଲା ପାଇଁ ସେଠାରେ ଆମେରିକା ସାମରିକ ଘାଟି ପ୍ରତିଷ୍ଠା କରିବାକୁ ଚାହେଁ। 'ନାଟୋ'ର ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଏଭଳି ପ୍ରସ୍ତାବକୁ ବିରୋଧ ନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆମେରିକାର ସାମରିକ ଶକ୍ତି ପ୍ରୟୋଗକୁ ମୁକାବିଲା କରିବା ସ୍ଥିତିରେ ଡେନମାର୍କ କିମ୍ବା ଅନ୍ୟ ସହଯୋଗୀଙ୍କ ସେଭଳି ସାମର୍ଥ୍ୟ ନାହିଁ। କିନ୍ତୁ 'ନାଟୋ' ସହଯୋଗୀ ହିସାବରେ ସେମାନଙ୍କ ପ୍ରତିବାଦ କରିବାର ଅଧିକାର ଅଛି। ଅଥଚ ଆମେରିକାର ଅଯଥାର୍ଥ ଓ ଅବିମୃଶ୍ୟକାରୀ ନିଷ୍ପତ୍ତିକୁ ସମର୍ଥନ ଦେଇ 'ନାଟୋ' ସହଯୋଗୀ ରାଷ୍ଟ୍ର ଇରାକ ଠାରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ସବୁ ରଣକ୍ଷେତ୍ରରେ ନିଜକୁ ସାମିଲ କରି ଲଢ଼ିଛନ୍ତି। ଯେତେବେଳେ ସେମାନଙ୍କ ନିରାପତ୍ତା ଓ ସାର୍ବଭୌମତା ପ୍ରତି ଖୋଦ ମୁଖିଆଙ୍କ ପକ୍ଷରୁ ବିପଦ ସୃଷ୍ଟି ହେବ ଏଭଳି ସାମରିକ ମେଣ୍ଟରେ ଆବଶ୍ୟକତା ଶେଷ ହୋଇଛି ବୋଲି ଧରିନେବାକୁ ହେବ। ●

## ଅଲୋଡ଼ା ନୁହନ୍ତି ବୟସ୍କ

ମଞ୍ଜୁଲତା ସିଂହ

ବାର୍ଦ୍ଧକ୍ୟ ମଣିଷ ଜୀବନର ଏକ ପର୍ଯ୍ୟାୟ। ଏହା ସମୟାନ୍ତରେ ନିଶ୍ଚୟ ଶରୀରକୁ ସ୍ପର୍ଶ କରିବ ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ମଣିଷ ଚାହେଁ ତାରୁଣ୍ୟର ଛଟା ତା' ଶରୀରରେ ସର୍ବଦା ସତେଜ ହୋଇ ରହିଥାଉ। ଯୌବନର ଦୀପ୍ତିରେ ଝଟକୁ ଥାଉ ତା' ଶରୀର। ସୌନ୍ଦର୍ଯ୍ୟ ତା'ର ସର୍ବଦା ଅତୁଟ ରହୁ ଏବଂ ସେ ସବୁବେଳେ ସୁସ୍ଥ ସବଳ ରହିଥାଉ। କିନ୍ତୁ ଏପରି ହୁଏନା। କାଳର ନିୟମାନୁଯାୟୀ ସଠିକ ସମୟରେ ବାର୍ଦ୍ଧକ୍ୟ ପହଞ୍ଚି ଯାଏ ବିନା ନିମନ୍ତ୍ରଣରେ। ଯୌବନ ଅପସରି ଯାଏ। କୁଞ୍ଚିତ ଚର୍ମ ଉପରେ ବୟସର ଛାପ ବାରି ହୋଇପଡ଼େ। ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି କ୍ରମଶଃ ହ୍ରାସ ପାଏ। ସୌନ୍ଦର୍ଯ୍ୟ ବଢ଼ାଉଥିବା ମୁଣ୍ଡର କଳା ମୁଚୁମୁଚୁ ଗହଳ କେଶରାଶି ଧବଳ ବର୍ଣ୍ଣ ଧାରଣ କରେ। କ୍ରମଶଃ ଦୁର୍ବଳ ହୋଇ ଆସୁଥିବା ଶରୀର ବଞ୍ଚିବା ପାଇଁ ଅନ୍ୟର ସାହାରା ଲୋଡ଼େ। ବାର୍ଦ୍ଧକ୍ୟ ଆସିଗଲା ଭାବି ମଣିଷ ଭିତରେ ଭିତରେ ଅସହାୟ ବୋଧ କରେ। କାରଣ ଜୀବନର ଏହି ସମୟଟି ଶାରୀରିକ ଓ ମାନସିକ ଉଭୟ ସ୍ତରରେ ଭାଙ୍ଗି ପଡ଼ିବାର ସମୟ। ଏହି ସମୟରେ ମଧ୍ୟ ସମସ୍ତଙ୍କଠାରୁ ଉପେକ୍ଷିତ ହେବାର ନିରବ ଯନ୍ତ୍ରଣା ମୃତ୍ୟୁଠାରୁ ବଳି ପଡ଼େ। ଆଉ ଯଦି ଶରୀର ରୋଗଗ୍ରସ୍ତ ହେଲା ତା'ର ଦୁଃଖ ଅବର୍ଣ୍ଣନୀୟ। ରୁଗ୍ଣ ଶରୀରକୁ ନେଇ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇପଡ଼େ ମଣିଷ ଆଉ ନିଜକୁ ଅଭିଶପ୍ତ ମନେକରେ। ଆଜିର ସମାଜରେ ଯେଉଁ କଥାଟି ସମସ୍ତଙ୍କୁ ବେଶୀ ଚିନ୍ତାରେ ପକାଏ, ତାହା ହେଉଛି ପରିବାରରେ ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ। ଏହାକୁ ନେଇ ପ୍ରତିଦିନ ଅନେକ ଘଟଣା ସାମ୍ନାକୁ ଆସୁଛି, ଯାହା କେବଳ ମନକୁ ଆନ୍ଦୋଳିତ କରୁନି ବରଂ ବ୍ୟଥିତ ଓ ବିଚଳିତ କରୁଛି। କେଉଁଠି ଜନ୍ମ କଲା ସନ୍ତାନ ସମ୍ପତ୍ତି ପାଇଁ ବୃଦ୍ଧ ପିତାମାତାଙ୍କୁ ହତ୍ୟା କରୁଛି। କେଉଁଠି ପୁଅବୋହୂଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ନିଜ ସ୍ୱାଭିମାନକୁ ଜାବୁଡ଼ି ଧରି ବୃଦ୍ଧାଶ୍ରମରେ ଜୀବନ କାଟୁଛନ୍ତି ପିତାମାତା। କେଉଁଠି ସନ୍ତାନଟିଏ ଦୂର ସହରରେ ଚାକିରି କଲା ପରେ ନିଜ ଜନ୍ମମାଟି ଓ ପିତାମାତାଙ୍କଠାରୁ ମୁହଁ ଫେରାଇ ନେଉଛି। ତାକୁ ଝୁରିଝୁରି ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ବୟସ୍କ ମାତାପିତା। କେଉଁଠି ବି ନିଜର ଭିଟାମାଟିର ମୋହକୁ ତ୍ୟାଗ କରି ନ ପାରି ମାତାପିତା ସନ୍ତାନ ବିନା ଏକା ରହୁଛନ୍ତି ତ କେଉଁଠି ପିଲାମାନେ ନିଜର ଅତ୍ୟାଧୁନିକ ଜୀବନଶୈଳୀକୁ ଉପଭୋଗ କରିବାରେ କାଳେ ବାଧା ଉପୁଜିବ ଏବଂ ସେମାନଙ୍କର ଅଖଣ୍ଡ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ; ସେ ଭୟରେ ବୃଦ୍ଧ ପିତାମାତାଙ୍କୁ ପାଖରେ ରଖିବାକୁ ଚାହୁଁନାହାନ୍ତି। ତେବେ ବୟସ୍କମାନେ ସବୁବେଳେ ଚାହାନ୍ତି ପିଲାମାନଙ୍କ ଗହଣରେ ହସଖୁସିର ଭରାପୂରା ପରିବାର ଭିତରେ ସମୟ କାଟିବାକୁ, ଯେଉଁଠି ସେମାନଙ୍କ ପାଇଁ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣଟିଏ ରହିଥିବ। ହେଲେ ସବୁ ପରିବାର ଭିତରେ ସବୁ ବୟସ୍କମାନଙ୍କର ଏପରି ଈପ୍‌ସିତ ଇଚ୍ଛାଟିଏ ପୂରଣ ହୋଇ ପାରେନାହିଁ।

ଜୀବନ ସମସ୍ତଙ୍କ ପାଇଁ ସମାନ। ତେଣୁ ମନକୁ ଆଘାତ ଦେଉଥିବା କିଛି କଥା ବା କାର୍ଯ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିବା ସହ ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ। ନିଜକୁ ପରିବାରରେ ଅଲୋଡ଼ା ବୋଲି ଭାବନ୍ତି। କିଛି କହିବାର ସାହସ ସେମାନଙ୍କ ପାଖରେ ନଥାଏ। କାରଣ ସେମାନେ ଏବେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ନିଜ ଭାବନା, ନିଜ ଚିନ୍ତାକୁ ନିଜ ଭିତରେ ଚାପି ରଖି ସେମାନେ ନିରବ ରହିବାକୁ ଶ୍ରେୟ ମନେ କରନ୍ତି। ଆଉ ଜୀବନ ଯଦି ସାଥୀହରା ହୋଇଥାଏ ତେବେ ଏ ଯନ୍ତ୍ରଣା ଆହୁରି ବଳିପଡ଼େ। ବିଗତ ଦିନର ମଧୁର ସ୍ମୃତିକୁ ସାଉଁଟି ସାଉଁଟି ଅକୁହା ଦୁଃଖକୁ ଛାତିରେ ବୋହି ନିରବରେ ସମୟ କାଟିବାକୁ ପଡ଼େ। ସବୁଥାଇ ମଧ୍ୟ ଏକ ନିଃସଙ୍ଗପଣ ହୃଦୟକୁ ଜାବୁଡ଼ି ଧରିଥାଏ। ନା ଏଥିରୁ ମୁକ୍ତି ମିଳେ ନା ମିଳିବାର ଆଶା ଥାଏ। ଏକ ଖୋଲାମେଲା ପରିବେଶରେ ଏକ ହସଖୁସିର ଜୀବନ ବଦଳରେ ଏକ ମାନସିକ ଚାପଗ୍ରସ୍ତ ଜୀବନ କାଟିବାକୁ ବାଧ୍ୟ ହୁଅନ୍ତି ସେମାନେ।

ସମୟ ବଦଳିବା ସହ ବଦଳୁଛି ଆଜିର ସଭ୍ୟ ସମାଜର ଚିନ୍ତାଧାରା। ଯେତିକି ସଭ୍ୟ ହେଉଛି ମଣିଷ, ସେତିକି ମାନବୀୟ ଚେତନାଠାରୁ ଦୂରେଇ ଯାଉଛି। ସେଦିନର ଯୌଥ ପରିବାର ଆଜି ନାହିଁ। ଯେଉଁ ଯୌଥ ପରିବାରର ଅଗଣା ଦିନେ କେତେ କେତେ ମଧୁର ସମ୍ପର୍କର କୋଳାହଳରେ ଫାଟି ପଡୁଥିଲା ସେଠି ଏବେ ଖାଁ ଖାଁ, ଶୂନ୍ୟପଣ ଖାଇ ଗୋଡ଼ାଉଛି। ଜୀବନରେ ଘଟି ଯାଉଥିବା ଦୁଃଖ, କଷ୍ଟ, ଆନନ୍ଦ, ବିଷାଦକୁ ବାଣ୍ଟିବା ପାଇଁ ପାଖରେ ଲୋକଟିଏ ନାହିଁ। ଯେଉଁଠି ଲୋକଟିଏ ଅଛି ସେଠି ଆତ୍ମୀୟତା ନାହିଁ। ଆମେ ଏବେ ଏମିତି ଏକ ସମାଜରେ ବଞ୍ଚୁଛେ, ଯେଉଁଠି ସ୍ନେହ, ଶ୍ରଦ୍ଧା, ଆବେଗ, ଅନୁରାଗ ଓ ଭାବପ୍ରବଣତାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏକ ଆବେଗହୀନ ଯାନ୍ତ୍ରିକ ଜୀବନ ଭିତରେ ପେଷି ହୋଇ ଯାଉଛି ସମ୍ପର୍କର ମିଠାପଣ।

କେବେ ସମୟଥିଲା ଅପାଠୁଆ ବା ଅଧାପାଠୁଆ ପୁଅଟିଏ ପିତାମାତାଙ୍କ ପାଖରେ ସାରା ଜୀବନ କାଟୁଥିଲା। ବିଲବାଡ଼ିରେ ଚାଷବାସ କରି ପରିବାର ପ୍ରତିପୋଷଣ କରିବା ସହ ଅନେକ ଅଭାବ ଭିତରୁ ସୁଖକୁ ସାଉଁଟୁ ଥିଲା। ପିତାମାତାଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଲାଭ କରି ନିଜ ପରିବାର ଗଢୁଥିଲା। ତା'ର ସନ୍ତାନମାନେ ସେଇ ପରିବାର ଭିତରେ ସାନରୁ ବଡ଼ ହେଉଥିଲେ। ବଡ଼ମାନଙ୍କଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷା କରୁଥିଲେ। ଜୀବନରେ ସ୍ନେହ, ଶ୍ରଦ୍ଧା, ସମ୍ମାନର ମୂଲ୍ୟବୋଧକୁ ସାଥିରେ ଧରି ବଡ଼ମାନେ ଦେଖାଇଥିବା ରାସ୍ତାରେ ବିନା ଦ୍ୱିଧାରେ ବାଟ ଚାଲୁଥିଲେ। ଝୁଣ୍ଟି ପଡ଼ିଯିବାର ଭୟ ନଥିଲା। କାରଣ ବିଶ୍ୱାସ ଥିଲା ପଡ଼ିବା ପୂର୍ବରୁ ପରିବାରର କାହାର ନା କାହାର ହାତ ପ୍ରସରି ଆସିବ ତାକୁ ଧରିନେବା ପାଇଁ। ପରିବାର ଭିତରେ ସୁନ୍ଦର ବୁଝାମଣାର ଅଭାବ ନଥିଲା। ଏ ଥିଲା ଗଭୀର ବିଶ୍ୱାସର କଥା। ସ୍ନେହ ସମ୍ପର୍କର କଥା।

ଏବେ ସେ ସମୟ ସ୍ୱପ୍ନ। ସେ ସମ୍ପର୍କ ଶିଥିଳ। ମଣିଷ ଆଜି ଆତ୍ମକୈନ୍ଦ୍ରିକ ହୋଇପଡ଼ିଛି। ପିତାମାତା ଓ ଗୋଟିଏ ସନ୍ତାନ ଭିତରେ ସୀମିତ ଆଜିର ସଭ୍ୟ ଶିକ୍ଷିତ ପରିବାର। ଏହି ଅଣୁ ପରିବାର ଭିତରେ ଆଉ କାହାର ଉପସ୍ଥିତି ସେମାନଙ୍କ ପାଇଁ ଗ୍ରହଣୀୟ ହେଉନି। ସେଠି ଜରାଗ୍ରସ୍ତ ଲୋକଟିର ଉପସ୍ଥିତି ସେମାନଙ୍କ ପାଇଁ ଏକ ବୋଝ ସଦୃଶ। ଯନ୍ତ୍ର ପାଲଟି ଯାଇଥିବା ଆଜିର ପିଲାମାନଙ୍କ ମନ ଓ ହୃଦୟରେ ସେ ଆବେଗପ୍ରବଣତା କାହିଁ ଯେ ବୟସ୍କମାନଙ୍କୁ ସମ୍ମାନ ଦେଇ ଆପଣାପଣର ବନ୍ଧନ ଭିତରେ ବାନ୍ଧି ରଖିବେ? ପରିବାର ଭିତରେ ବାସ କରୁଥିବା ବୟସ୍କ ଲୋକଟି କେବଳ ସ୍ନେହ, ଆଦର, ଆତ୍ମୀୟତା ବ୍ୟତୀତ ଆଉ ଅଧିକ କ'ଣ ବା ଆଶା କରେ? ଏତିକି ବି ଦେବାକୁ କୁଣ୍ଠିତ ଆଜିର ପିଲାମାନେ।

ଆଜିର ସଭ୍ୟ ସମାଜର ନୂତନ ପିଢ଼ି ବୁଝିବା ଉଚିତ ଯେ ବୟସ୍କ ହୋଇଗଲେ ମଧ୍ୟ ପିତାମାତାଙ୍କର ଜୀବନ ଅଛି। ସେ ଜୀବନର ବି କିଛି ନା କିଛି ସ୍ୱପ୍ନ ଅଛି। କିଛି ଇଚ୍ଛା ଅଛି। ସ୍ୱାଧୀନ ଭାବରେ ବଞ୍ଚିବାର ଏବଂ ମତବ୍ୟକ୍ତ କରିବାର ମଧ୍ୟ ଅଧିକାର ଅଛି। ସେମାନଙ୍କ ପାଇଁ ବି ଦରକାର କିଛି ସ୍ନେହ, ଶ୍ରଦ୍ଧା, ସମ୍ମାନ, ସହଯୋଗ ଆଉ ଆତ୍ମୀୟପଣ। ଆଜିର ତଥାକଥିତ ଶିକ୍ଷିତ ସନ୍ତାନମାନେ ଯଦି ଏତିକି କରି ପାରୁନାହାନ୍ତି ତେବେ ନିଜେ ଏହି ବୟସରେ ପହଁଚିଲା ପରେ ନିଜ ସନ୍ତାନଠାରୁ ସେସବୁ ଆଶା କରିବା ନିଶ୍ଚୟ ବୃଥା। କାରଣ ସମୟ ଆସିବ, ନିଜେ ଯେଉଁ ରାସ୍ତାଟିଏ ତିଆରି କରୁଛନ୍ତି ଦିନେ ସେହି ରାସ୍ତାରେ ନିଜକୁ ଚାଲିବାକୁ ହେବ। ସେମାନଙ୍କଠାରୁ ସେମାନଙ୍କ ସନ୍ତାନମାନେ ଯେଉଁ ଶିକ୍ଷା ପାଇଛନ୍ତି ପ୍ରତିବଦଳରେ ସେମାନେ ସେହିପରି ଆଚରଣ ଦେଖାଇବେ। ସେତେବେଳେ ସେମାନେ ବୁଝିବେ ହୃଦୟର ଆଘାତ କେତେ କଷ୍ଟ ଦିଏ।

ଆଜି ଯେଉଁମାନେ ବୟସର ବୋଝରେ ନଇଁ ପଡ଼ିଛନ୍ତି ବା ପଡ଼ିବାକୁ ଯାଉଛନ୍ତି ସେମାନେ ସମର୍ଥ ଥିବା ବେଳେ ନିଜ ସନ୍ତାନମାନଙ୍କ ପାଇଁ କ'ଣ ସବୁ କରିଛନ୍ତି ସେକଥା ଆଜିର ପିଲାଏ ଭାବିବା ଉଚିତ। ମନେରଖିବା ଉଚିତ ଯେ ବୟସ୍କମାନେ ପରିବାର ବୋଝ କିମ୍ବା ଅଲୋଡ଼ା ନୁହନ୍ତି। ସେମାନଙ୍କ ଆଶୀର୍ବାଦ ହିଁ ପିଲାମାନଙ୍କର ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳେ। ସେମାନେ ଅନୁଭୂତିସମ୍ପନ୍ନ ମଣିଷ। ଦରକାର ବେଳେ ଜ୍ଞାନ, ବୁଦ୍ଧି, ଧୈର୍ଯ୍ୟ, ସାହସ ବାଣ୍ଟି ଦେବାର ଅସରନ୍ତି ଉତ୍ସ। ଯେଉଁମାନେ ପିଲାମାନଙ୍କର ମଙ୍ଗଳ କାମନା କରି ଦିଅଁ ଦେବତାଙ୍କ ଆଗରେ ଦିନରାତି ପ୍ରଣତି ବାଢ଼ନ୍ତି, ବୟସର ବୋଝରେ ଚାପି ହୋଇ ଯାଉଥିବା ସେଇ ବୟସ୍କ ମାତାପିତାଙ୍କୁ ଟିକେ ସମୟ ଦେଇ, ସ୍ନେହ, ଶ୍ରଦ୍ଧା ଓ ଆପଣାପଣର ବନ୍ଧନରେ ବାନ୍ଧିରଖିବା ସେମାନଙ୍କ ଶେଷ ଜୀବନକୁ ଆନନ୍ଦମୟ କରିବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ●

ମୋ:୮୮୪୭୮୫୨୯୧୭

## ଖଳନାୟକ ହୁଁ ମେଁ...

ମହମ୍ମଦ ହିଫ୍‌ଜୁର ରହମାନ୍

ମୁଁ ଥରେ ନୁହେଁ, ବାରମ୍ବାର କହି ଆସୁଛି। ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ୮ମାସରେ ୮ଟି ଯୁଦ୍ଧ ବନ୍ଦ କରିଛି। ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ବି ରହିଛି। ଏହି ଯୁଦ୍ଧ ପରମାଣୁ ସଂଘର୍ଷ ଆଡ଼କୁ ମୁହାଁଉଥିଲା। ଏଇଟା କ'ଣ କମ୍ କଥା କି! ଇରାନ-ଇସ୍ରାଏଲ ଯୁଦ୍ଧ ବନ୍ଦ କଲି, ଇସ୍ରାଏଲ-ହମାସ ଯୁଦ୍ଧ ବନ୍ଦ କଲି। ଥାଇଲାଣ୍ଡ-କାମ୍ବୋଡ଼ିଆ ଯୁଦ୍ଧ ବନ୍ଦ କଲି। ଏମିତି ଆହୁରି ଅନେକ ଯୁଦ୍ଧ ବନ୍ଦ କରି ବିଶ୍ୱକୁ ରକ୍ତପାତରୁ ରକ୍ଷା କରିଛି। ଖାଲି ପୁଟିନ ମାନୁନି, ନହେଲେ ରୁଷ-ୟୁକ୍ରେନ ଯୁଦ୍ଧ କେବେଠାରୁ ସରି ଯାଇଥା'ନ୍ତା। କିନ୍ତୁ ନରୱେର ନୋବେଲ କମିଟିକୁ ଏସବୁ କିଛି ଦେଖାଗଲାନି। ମୁଁ ଥିଲି ନୋବେଲ ଶାନ୍ତି ପୁରସ୍କାରର ହକଦାର। ଏଥିପାଇଁ ମୋତେ କେତେ କେତେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମର୍ଥନ କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଥରେ ନୁହେଁ, ଅନେକ ଥର ମୋ ପାଇଁ ନୋବେଲ ସୁପାରିସ କରିଛନ୍ତି। ଖାଲି ଭାରତର ମୋଦୀ ମତେ ସମର୍ଥନ କରିନାହାନ୍ତି। ମୁଁ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଛି ବୋଲି ସେ ମାନିବାକୁ ପ୍ରସ୍ତୁତ ନୁହେଁ। ଟିକେ ହଁ ମାରି ମୋ ପାଇଁ ନୋବେଲ ପୁରସ୍କାର ସୁପାରିସ କରିଥିଲେ କ'ଣ ସଂସାର ଭାସି ଯାଇଥା'ନ୍ତା?

ଏମାନେ ମୋର ଯନ୍ତ୍ରଣାକୁ ଅନୁଭବ କରି ପାରୁନାହାନ୍ତି। ମୁଁ ନିଜ ମୁହଁରେ ଆଉ କେତେ ତାରିଫ କରିବି? ସେ ବି ଟିକେ ସ୍ୱୀକୃତି ଦେବା କଥା ଦେଉନି। ତେଣୁ ଭାରତ ଉପରେ ଟାରିଫ୍ ଲଗାଇ ମୁଁ ଦେଇଛି



ପାନେ। ଏଟା କିଛି ନୁହେଁ। ଏବେ ସାରା ବିଶ୍ୱ ଦେଖିବ ମୋର ଅସଲି ରୂପ। କାହାକୁ ଛାଡ଼ିବି ନାହିଁ। ଇରାନ, ଗାଜାକୁ ଛାଡ଼ିନାହିଁ। ଏବର୍ଷ ଭେନେଜୁଏଲାରୁ ଆରମ୍ଭ କରିଛି। ତା' ରାଷ୍ଟ୍ରପତିକୁ ବାନ୍ଧି ଆଣି ଆମ ଜେଲରେ ପୂରାଇ ଦେଇଛି। ମୁଁ ଏବେ ଦୁଇଦୁଇଟି ଦେଶର ମୁଖ୍ୟ। ଆମେରିକାର ରାଷ୍ଟ୍ରପତି ଓ ଭେନେଜୁଏଲାର ମଧ୍ୟ। ଏବେ ପଡ଼ିବ କ୍ୟୁବା, ମେକ୍ସିକୋ ଓ ଗ୍ରୀନଲାଣ୍ଡର ପାଳି। ଏହାପରେ ଆହୁରି କେତେ ଯେ ଦେଶରେ ମାଡ଼ି ଯାଇ ରାଷ୍ଟ୍ରପତି ହେବି ଯେ ଗଣିପାରିବ ନାହିଁ। ମୋର କିଏ କ'ଣ କରିବ, ଦେଖିବି। ଏଥର ସମସ୍ତଙ୍କର ନିଦ ହଜାଇଦେବି।

ଟ୍ରମ୍ପଙ୍କ ଏଭଳି ରୂପ ଦେଖି ପଶ୍ଚାତାପ କରୁଥିବ ନରୱେର ନୋବେଲ କମିଟି। ଟ୍ରମ୍ପଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ ଏହି କମିଟି ୨୦୨୫ ବର୍ଷ ଲାଗି ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ନଦେଇ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଦୋଙ୍କୁ ଦେଇଦେଲା। ନୋବେଲ କମିଟି କେବେ କଳ୍ପନା କରି ନ ଥିବ ଜଣେ ରାଷ୍ଟ୍ରନେତା ନୋବେଲ ପାଇଁ କେତେ ବିକଳ। କେବଳ ବିକଳ ନୁହେଁ, ନୋବେଲ ନମିଳିବାରୁ କ୍ରୋଧରେ ଜର୍ଜରିତ ହୋଇ ସାରା ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲିଦେଲାଣି। ଅର୍ଥନୈତିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ସାମାଜିକ, ରାଜନୈତିକ ଓ ସାମରିକ ବ୍ୟବସ୍ଥାକୁ ଦୋହଲାଇ ଦେଲାଣି। ଦ୍ୱିତୀୟ ଥର କ୍ଷମତାକୁ ଆସିବାର ବର୍ଷେ ପୂରିନି, ସାରା ବିଶ୍ୱକୁ ଥରହର କରିସାରିଲାଣି। ଏମିତି ଅଥୟ, ଧୈର୍ଯ୍ୟହରା ଓ ଅପ୍ରତ୍ୟାଶିତ ରାଷ୍ଟ୍ରନେତାଙ୍କୁ କେହି କେବେ ଦେଖିନାହିଁ। ମୁଣ୍ଡରେ କେତେବେଳେ କ'ଣ ଚାଲିଛି, ତାହା କହିବା କଷ୍ଟକର। ଟ୍ରମ୍ପଙ୍କ ଏଭଳି ରୂପ ଦେଖି ମାରିଆ ମଧ୍ୟ ଜାଣିଗଲେଣି ଯେ ଟ୍ରମ୍ପଙ୍କୁ ନୋବେଲ ନମିଳିଲେ ଅନର୍ଥ କରିଦେବେ। ତେଣୁ ୨୦୨୫ ପାଇଁ ସେ ପାଇଥିବା ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ଦେବା ଲାଗି ଆଗ୍ରହ ପ୍ରକାଶ କଲେ। କିନ୍ତୁ ନୋବେଲ କମିଟି ଏହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଟ୍ରମ୍ପ ରାଗ ଏବେ ଚରମ ସୀମାରେ।

୨୦୨୫ ଜାନୁଆରୀ ୨୦ ତାରିଖରେ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଟ୍ରମ୍ପ ଘୋଷଣା କରିଥିଲେ, ସେ ବିଶ୍ୱରେ ଶାନ୍ତିର ଦୂତ ସାଜି କାମ କରିବେ। କିନ୍ତୁ ଶାନ୍ତି ପ୍ରତିଷ୍ଠା ତ ଦୂରର କଥା, ତାଙ୍କୁ ଆତଙ୍କ ରଚନାରୁ ଫୁରସତ ମିଳୁନାହିଁ। ଆମେରିକାକୁ ପୁଣି ମହାନ କରିବା ନିଶାରେ ନାଗରିକତା ଆଇନରେ ସଂଶୋଧନ କରି ହଜାର ହଜାର ଶରଣାର୍ଥୀଙ୍କୁ ଅପରାଧୀ ଭଳି ହାତଗୋଡ଼ରେ ଜଞ୍ଜିର ପକାଇ ବିଦା କଲେ। ନିଜର ଉଦ୍ଦେଶ୍ୟ ସାଧନ ଲାଗି ଏକଜିକ୍ୟୁଟିଭ୍ ଆଦେଶକୁ ଅସ୍ତ୍ର କରି ଆନ୍ତର୍ଜାତିକ ଆଇନ, ବାଣିଜ୍ୟ ନୀତି, ଶୁଳ୍କ ବ୍ୟବସ୍ଥା ଓ ରାଜନୈତିକ ପରମ୍ପରାକୁ ଦଳିମକଚି ଦେଲେଣି। ତାଙ୍କର ଏଭଳି ଆଚରଣ ନେଇ କେବଳ ଶତ୍ରୁ ନୁହନ୍ତି, ମିତ୍ରମାନେ ମଧ୍ୟ ଆଚମ୍ବିତ। ତାଙ୍କ ଭାଷାରେ ମଧ୍ୟ ସଂଯମ ରହୁନି। ଏଭଳି 'ବିନାଶକାରୀ' ଟ୍ରମ୍ପଙ୍କୁ ବିଶ୍ୱ ଆଉ କେତେଦିନ ବରଦାସ୍ତ କରିବ? ଟିକିଏ ଶାନ୍ତିରେ ଶୋଇବା ଦରକାର। ●

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

### ଓଡ଼ିଶାର ବୌଦ୍ଧ ପରମ୍ପରା

କଳିଙ୍ଗ ତଥା ଉତ୍କଳ ଭୂଖଣ୍ଡର ଐତିହ୍ୟ ଅତ୍ୟନ୍ତ ପୁରାତନ କାଳର। ଏହି ଭୂଖଣ୍ଡ ସମ୍ପର୍କରେ ପ୍ରାଚୀନ ବୈଦିକ ତଥା ପୌରାଣିକ ସାହିତ୍ୟ ସହ ପାଲି ଧର୍ମ ଗ୍ରନ୍ଥଗୁଡ଼ିକରେ ବହୁସ୍ଥାନରେ ବର୍ଣ୍ଣନା ମିଳିଥାଏ। ବୈଦିକ କାଳର ଶାସକମାନଙ୍କର ବଂଶାବଳୀ, ଯାହା ପରବର୍ତ୍ତୀ କାଳରେ ପୁରାଣଗୁଡ଼ିକରେ ଦର୍ଶାଯାଇଛି, ସେଥିରେ କଳିଙ୍ଗ ପ୍ରଦେଶର ସୃଷ୍ଟି ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି। ସେହି ଅନୁସାରେ ଦାନବ ରାଜା ବଳୀଙ୍କ ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଋଷି ଦୀର୍ଘତମାଙ୍କ ଔରସରୁ ପାଞ୍ଚ ଜଣ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲେ। ସେମାନଙ୍କର ନାମ ହେଲା ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମ୍ହ। ଏହି ପାଞ୍ଚଜଣ ପୁତ୍ର ଭିନ୍ନ ଭିନ୍ନ ପାଞ୍ଚଗୋଟି ରାଜ୍ୟର ଅଧିପତି ହୋଇଥିଲେ। ସେହି ରାଜ୍ୟଗୁଡ଼ିକ ସେହି ପୁତ୍ରମାନଙ୍କ ନାମରେ ନାମିତ ହୋଇଥିଲା। କିନ୍ତୁ ଋଗ୍‌ବେଦ ବର୍ଣ୍ଣିତ ଋଷି ଉତଥ୍ୟଙ୍କ ପୁତ୍ର ଋଷି ଦୀର୍ଘତମାଙ୍କ କାଳରୁ ପ୍ରସିଦ୍ଧ ସଂହିତା-ସ୍ରଷ୍ଟା ଋଷି ବୌଧାୟନଙ୍କ କାଳ ପର୍ଯ୍ୟନ୍ତ ଉପର ବର୍ଣ୍ଣିତ ପାଞ୍ଚଗୋଟି ଯାକ ରାଜ୍ୟ ଆର୍ଯ୍ୟ ସଭ୍ୟତାର ମାନ୍ୟତା ଅଥବା ସୀମା ବାହାରର ଅଞ୍ଚଳ ଭାବରେ ଚିହ୍ନି ହେଉଥିଲେ। ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ 'ବୌଧାୟନ ସଂହିତା'ରେ 'ସଂକୀର୍ଣ୍ଣ ଯୋନାୟଃ' ବର୍ଗରେ ଚିହ୍ନିତ କରାଯାଇ ସେହିସବୁ ଅଞ୍ଚଳକୁ ଆର୍ଯ୍ୟ ସଭ୍ୟତାଭୁକ୍ତ ଅଞ୍ଚଳର ବାସିନ୍ଦାଙ୍କର ପ୍ରବେଶକୁ ମଧ୍ୟ ନିଷିଦ୍ଧ କରାଯାଇଥିଲା। ଯେଉଁମାନେ ଏହି ଅଞ୍ଚଳକୁ ପ୍ରବେଶ କରିବେ ସେମାନଙ୍କୁ 'ପୁନସ୍ତୋମ' ଏବଂ 'ସର୍ବପୃଥୈଷ୍ଟି' କ୍ରିୟାକର୍ମ ଅନୁଷ୍ଠିତ କରାଇ ଶୁଦ୍ଧ ହେବାକୁ ପଡୁଥିଲା।

ପରନ୍ତୁ ଆର୍ଯ୍ୟଗୋଷ୍ଠୀଙ୍କର ସଂପ୍ରସାରଣ ତଥା ପୂର୍ବାଞ୍ଚଳକୁ ବୈଦିକ ସଂସ୍କୃତିର ପ୍ରସାର ତଥା ଅନୁପ୍ରବେଶ ଘଟିବା ଆରମ୍ଭ ହୋଇଗଲା। 'ଶତପଥ ବ୍ରାହ୍ମଣ'ରେ ଉଲ୍ଲେଖ ଅନୁଯାୟୀ ସରସ୍ୱତୀ କୂଳରୁ ପୂର୍ବର ସଦାନୀର ନଦୀ ପର୍ଯ୍ୟନ୍ତ ବୈଶ୍ୱାନର ଅଗ୍ନିର ଦହନ କାର୍ଯ୍ୟରୁ ବୈଦିକ ଧର୍ମ ଓ ସଂସ୍କୃତିର ପୂର୍ବାଞ୍ଚଳକୁ ପ୍ରବେଶର ସଙ୍କେତ ମିଳିଥାଏ। ସେହିଭଳି ମହାଭାରତରେ ମଧ୍ୟ 'ପୁଣ୍ଡ୍ର, କଳିଙ୍ଗ, ମଗଧ ଓ ଚେଦି ରାଜ୍ୟର ଜ୍ଞାନୀ ତଥା ପାରଦର୍ଶୀ ଲୋକମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି। ଏହିଭଳି ଭାବେ ପୁରାଣ ସାହିତ୍ୟକାରମାନଙ୍କ ସମୟକୁ ଏହିସବୁ ଅଞ୍ଚଳରେ ଆର୍ଯ୍ୟସଭ୍ୟତା ତଥା ସଂସ୍କୃତିର ପୂର୍ଣ୍ଣ ପ୍ରବେଶ ଘଟି ସାରିଥିବା ଜଣାଯାଉଛି।

*ମହାକାବ୍ୟରେ କଳିଙ୍ଗ:* ମହାକାବ୍ୟ ପରମ୍ପରା ଦର୍ଶାଇଥାଏ ଯେ କଳିଙ୍ଗ ରାଜ୍ୟକୁ ଗଙ୍ଗାନଦୀ ମୁହାଣଠାରୁ ସମୁଦ୍ର କୂଳେ କୂଳେ ତାମ୍ରଲିପ୍ତ, କଭଟ, ସୁମ୍ହ ଏବଂ ବୈତରଣୀ ନଦୀ ପାର ହୋଇ ଯାଇଥିବା ରାସ୍ତା ଦେଇ ପହଞ୍ଚିବାକୁ ହେଉଥିଲା। ଐତିହାସିକ ଡଃ ରାୟ ଚୌଧୁରୀ କଳିଙ୍ଗ ରାଜ୍ୟର ସୀମା ଧାର୍ଯ୍ୟ କରିଥିଲେ ଓଡ଼ିଶା ଭିତରେ ବୈତରଣୀ ନଦୀ ଠାରୁ ଆନ୍ଧ୍ରର ଗୋଦାବରୀ ମୁହାଣ ପର୍ଯ୍ୟନ୍ତ ବ୍ୟାପ୍ତ ଅଞ୍ଚଳ। ମାତ୍ର ତାଙ୍କର ଏହି ଅନ୍ଦାଜ ଠିକ ଭାବରେ ସୀମା ନିର୍ଦ୍ଧାରଣ କରିନାହିଁ। ଏହାର କାରଣ ହେଲା ମହାକାବ୍ୟ ଦର୍ଶାଇଥାଏ ଯେ ବୈତରଣୀ କଳିଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ନଦୀ, ମାତ୍ର ରାଜ୍ୟର ସୀମା ନୁହେଁ। ମହାଭାରତ କହିଥାଏ ଯେ ଯେତେବେଳେ ଚିତ୍ରାଙ୍ଗଦ କଳିଙ୍ଗର ଶାସକ ଥିଲେ ରାଜପୁର ହିଁ ତାହାର ରାଜଧାନୀ ଥିଲା। କଳିଙ୍ଗର ରାଜା ଚିତ୍ରାଙ୍ଗଦଙ୍କ କନ୍ୟାଙ୍କର ସ୍ୱୟମ୍ବର ସମାରୋହରେ ସାରା ଭାରତରୁ ଶିଶୁପାଳ, ଜରାସନ୍ଧ, ଭୀଷ୍ମକ, କର୍ଣ୍ଣ ଓ ଦୁର୍ଯ୍ୟୋଧନ ଆଦି ଖ୍ୟାତନାମା ରାଜାସବୁ ଯୋଗ ଦେଇଥିଲେ। ସେହି ଉତ୍ସବ ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ରାଜକନ୍ୟା ଯେତେବେଳେ ଦୁର୍ଯ୍ୟୋଧନଙ୍କ ପାଖ ଦେଇ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଚାଲି ଯାଉଥିଲେ ଦୁର୍ଯ୍ୟୋଧନ ବଳ ପ୍ରୟୋଗ ପୂର୍ବକ ତାଙ୍କୁ ନିଜର ପତ୍ନୀ କରି ନେଇଥିଲେ। ଏ ଘଟଣା ଏହା ମଧ୍ୟ ଦର୍ଶାଉଛି ଯେ ଉତ୍ତର ଭାରତର କୌରବ ରାଜକୁମାରଙ୍କ ସହ କଳିଙ୍ଗର ବୈବହିକ ସଂପର୍କ ମଧ୍ୟ ସ୍ଥାପନ ହୋଇଥିଲା। ସେହିଭଳି ପାଞ୍ଚାଳ ରାଜକନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବର ଉତ୍ସବରେ କଳିଙ୍ଗର ରାଜା ଦୁର୍ଯ୍ୟୋଧନଙ୍କ ଗହଣରେ ସେଠାରେ ଉପସ୍ଥିତି ଥିଲେ। ମହାଭାରତର ଆଦିପର୍ବରେ କଳିଙ୍ଗର ଅନେକ ଖ୍ୟାତନାମା ରାଜା ଉତ୍ତର ଭାରତର ବିଭିନ୍ନ ଆର୍ଯ୍ୟ ରାଜପରିବାର ସହ ବୈବାହିକ ସଂପର୍କ ସ୍ଥାପନ କରିଥିବା ତଥା କଳିଙ୍ଗର ରାଜକନ୍ୟାମାନେ ମଧ୍ୟ ଅକ୍ରୋଧନ ତଥା ତମସୁ ଇତ୍ୟାଦିଙ୍କୁ ବିବାହ କରିଥିବା ଦର୍ଶାଯାଇଛି।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପରେସନ 'ଭାଇନା' ଜିଲ୍ଲା ସଭାପତିଙ୍କ କାନ୍ଧରେ 'ଅପା'ଙ୍କ ବନ୍ଧୁକ!

## ଶାଳୀନତା ନ ରଖିଲେ କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଦେବେନ୍ଦ୍ର

ପୁରୀ,୧୬।୧(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଆରମ୍ଭ ହୋଇଥିଲା ଦଳୀୟ କନ୍ଦଳ। ନିର୍ବାଚନ ସମୟରେ ପ୍ରଭାତୀ ଆବଶ୍ୟକତା ଦୃଷ୍ଟିରୁ ସମୀରଙ୍କ ପ୍ରତି ଆନୁଗତ୍ୟ ଦେଖାଇଥିଲେ ହେଁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବା ପରେ ସେଥିରେ କଳଙ୍କି ଲାଗିଗଲା। ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ସହ କନ୍ଦଳ ବି ବଢ଼ିଲା। ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରୁଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ତିକ୍ତତାକୁ ପଦାରେ ପକାଇ ଦେଉଥିଲା। କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାରେ କେବଳ ଜଣଙ୍କୁ ହିଁ ଦେଖିବାକୁ ମିଳୁଥିଲା। ଏପରିକି ମଞ୍ଚରେ କେହି କାହାରି ଉପସ୍ଥିତି ଚାହୁଁ ନ ଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରି ସେମାନଙ୍କ ଭିତରେ ଶୀତଳ ନୁହେଁ, ସମ୍ମୁଖ ଯୁଦ୍ଧ ଚାଲିଥିବାର ଆଭାସ ବି ଦେଉଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ଅସନ୍ତୁଷ୍ଟ ରାଜ୍ୟ ନେତୃତ୍ୱଙ୍କୁ ଇସାରା ଦେଇଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ ହେଉଥିଲେ, କିନ୍ତୁ ଭାଇନା ଥିଲେ ଲଗାମ୍‌ଛଡ଼ା। ତେଣୁ ମଝିରେ ମଝିରେ ଆକ୍ଷେପ ପ୍ରତିଆକ୍ଷେପର ରୋଚକ ଖବର ପଦାକୁ ଆସୁଥିବା ବେଳେ ଏବେ ସମୀର ନିଜେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆଉ ହଜମ କରିପାରୁନାହାନ୍ତି ଅପା। ତେଣୁ ଜିଲ୍ଲା ସଭାପତିଙ୍କ କାନ୍ଧରେ ବନ୍ଧୁକ ରଖି ଭାଇନାଙ୍କୁ ଶିକାର କରିବାକୁ ଅପା ଆରମ୍ଭ କରିଛନ୍ତି ଗୋଟି ଚାଳନା।

ନିକଟରେ ସମୀର ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ସପ୍ତାହର ଦୁଇଦିନ ଧାର୍ଯ୍ୟ କରିଛନ୍ତି। ଏହାକୁ ନେଇ ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ତରାଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବିଜେପି ଏକ ସାଙ୍ଗଠନିକ ବ୍ୟବସ୍ଥାର ପାର୍ଟି। ଯିଏ ଯେତେ ଉଚ୍ଚରେ ଥାନ୍ତୁ ସାଙ୍ଗଠନିକ ବ୍ୟବସ୍ଥା ବାହାରେ କେହି କିଛି କରିପାରିବେ ନାହିଁ। ସମୀର ଦାଶ ପୂର୍ବତନ ମନ୍ତ୍ରୀ ହୋଇପାରନ୍ତି; କିନ୍ତୁ ସେ ବିଜେପିରେ ଯୋଗଦାନ ପରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ବିଶୃଙ୍ଖଳିତ ଆଚରଣ କରୁଛନ୍ତି। ଏଥିପାଇଁ ଜିଲ୍ଲା ପକ୍ଷରୁ ତାଙ୍କୁ ଦୁଇଥର ତାଗିଦ୍ କରାଯିବା ସହିତ ଲିଖିତ ଭାବେ ଜଣାଇ ଦିଆଯାଇଛି। ନିଜକୁ ନିମାପଡ଼ାର ନେତା କହୁଥିବା ସମୀର ଦାଶ ଯଦି ଏହି ଅଳ୍ପଦିନ ମଧ୍ୟରେ ତାଙ୍କ କାର୍ଯ୍ୟକ୍ରମରେ ଶାଳୀନତା ନ ରଖନ୍ତି ତା' ହେଲେ ଜିଲ୍ଲାର ଦାୟିତ୍ୱ କ୍ରମରେ ରାଜ୍ୟ ସଙ୍ଗଠନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ। ପୂର୍ବରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ତରଫରୁ ରାଜ୍ୟ ସହ ପରାମର୍ଶ ହୋଇଥିଲା। ହେଲେ ସେ କୌଣସି କାର୍ଯ୍ୟକ୍ରମ ବିଶୃଙ୍ଖଳିତ ଭାବେ କରିବେ ନାହିଁ ବୋଲି ରାଜ୍ୟ ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦେଖୁଛୁ ସେ ବାରମ୍ବାର ବିଶୃଙ୍ଖଳିତ କାର୍ଯ୍ୟକ୍ରମ କରୁଛନ୍ତି। ଯଦି ସେ ଶାଳୀନତା ଭିତ୍ତିରେ କାର୍ଯ୍ୟକ୍ରମ ନ କରନ୍ତି ନିଶ୍ଚିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ବିଧି ବ୍ୟବସ୍ଥାରେ ଅଭିଯୋଗ ଶୁଣିବାର ଅଧିକାର ତାଙ୍କର ଆଦୌ ନାହିଁ। ଆମର ମଣ୍ଡଳ ସଭାପତି, ଜିଲ୍ଲା ସଭାପତି ଏବଂ ସାଙ୍ଗଠନିକ ବ୍ୟବସ୍ଥାରେ ଥିବା ବ୍ୟକ୍ତି ଅଭିଯୋଗ ଗ୍ରହଣ କରିପାରିବେ। ସାଙ୍ଗଠନିକ ବ୍ୟବସ୍ଥାରେ ନ ଥିବା ବ୍ୟକ୍ତିଙ୍କୁ ଏ ଅଧିକାର ଦେଲା କିଏ? ସେ କେବଳ ଛଳନାପୂର୍ଣ୍ଣ କାର୍ଯ୍ୟକ୍ରମ କରୁଛନ୍ତି। ନିମାପଡ଼ାର ବିଧାୟକ ପ୍ରଭାତୀ ପରିଡ଼ା ଏବେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ। ତାଙ୍କ ନେତୃତ୍ୱରେ ନିମାପଡ଼ାରେ ସଙ୍ଗଠନ ଦୃଢ ଭାବେ ଚାଲିଛି। ସମୀର ଦାଶ ଅଭିଯୋଗ ଶୁଣାଣି କରିବା ପରେ କାହାକୁ କହିବେ? ସରକାରଙ୍କର ମୁଖ୍ୟ ଲୋକ ସେଠାରେ ନେତ୍ରୀ ଅଛନ୍ତି ବୋଲି କହିଛନ୍ତି ଜିଲ୍ଲା ବିଜେପି ସଭାପତି।

ସମୀରଙ୍କୁ ଇଙ୍ଗିତ କରି ଜିଲ୍ଲା ସଭାପତି ଆହୁରି କହିଛନ୍ତି, ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ଲୋକଙ୍କଠାରୁ ଅଭିଯୋଗ ଶୁଣିବାକୁ ତାଙ୍କୁ କେହି କହିନାହାନ୍ତି। ସେ ତାଙ୍କର ବ୍ୟକ୍ତିଗତ ଭାବେ କରୁଥାଇପାରନ୍ତି। ମୁଁ ସଭାପତି ହେବା ପରେ ମୋର କୌଣସି ସାଙ୍ଗଠନିକ ବୈଠକ ବା କାର୍ଯ୍ୟକ୍ରମରେ ସେ ସାମିଲ ହୋଇନାହାନ୍ତି। ସେ ବିଜେପିର ପ୍ରବକ୍ତା ଭାବେ ରାଜ୍ୟ ଦାୟିତ୍ୱରେ ଅଛନ୍ତି ବୋଲି କହୁଛନ୍ତି। ହେଲେ ମୋତେ ଲାଗୁଛି ସେ ଜଣେ ପ୍ରବକ୍ତାର କାର୍ଯ୍ୟକ୍ରମ କରୁନାହାନ୍ତି, ପାଗଳାମୀର କାର୍ଯ୍ୟକ୍ରମ କରୁଛନ୍ତି ବୋଲି କହିଛନ୍ତି ଜିଲ୍ଲା ସଭାପତି ଡାକ୍ତର ତରାଇ। ଜିଲ୍ଲା ସଭାପତିଙ୍କ ଏଭଳି ମନ୍ତବ୍ୟ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ାର ଭାଇନା ସମୀର ଦାଶଙ୍କୁ ପଚାରିବାରେ ସେ କହିଛନ୍ତି, 'ମୋ ପାଖକୁ କୌଣସି ନୋଟିସ୍ ଆସିନାହିଁ। ଭିଡିଓରେ ଜିଲ୍ଲା ସଭାପତିଙ୍କ କଥା ଶୁଣିଛି। ହେଲେ ନୋଟିସ୍ କଥା ମିଛ। ସେ କହିବା କଥା କହି ଦେଇଛନ୍ତି। ରାଜ୍ୟ ନେତୃତ୍ୱଙ୍କୁ ମୁଁ ମୋ କଥା କହିଛି। ସେମାନେ ମୋତେ ଡାକି କଥା ହେବେ ବୋଲି କହିଛନ୍ତି'।

### ବିଦାୟ ନେବାକୁ ଶୀତର ସଜବାଜ

## ଏଥର ଶୀତ ଲହରୀ ୩ ଗୁଣାରୁ ଅଧିକ

**ଝାରସୁଗୁଡ଼ାରେ ଭାଙ୍ଗିଛି ୭୩ ବର୍ଷର ରେକର୍ଡ**

ଭୁବନେଶ୍ୱର,୧୬।୧(ସମିସ): ରାଜ୍ୟରୁ ବିଦାୟ ନେବ ଶୀତ। ମକର ସଂକ୍ରାନ୍ତି ପରେ ଉତ୍ତରାୟଣ ଗତି ସହ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବାରେ ଲାଗିଛି। ଏହାସହ ଆଗକୁ ଏକାଧିକ ପଶ୍ଚିମା ଝଡ଼ ପ୍ରଭାବ ହେତୁ କାଁ ଭାଁ ବର୍ଷା ଆଶଙ୍କା ମଧ୍ୟ ରହୁଛି। ତେଣୁ ରାଜ୍ୟରେ ଅପେକ୍ଷାକୃତ ଥଣ୍ଡାର ପରିମାଣ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟରେ ହୋଇଥିବା ଅନୁଭୂତ ହୋଇଥିବା ଶୀତ ଅନେକ ରେକର୍ଡ ଭାଙ୍ଗିଛି। ପ୍ରାୟ ୮-୧୦ ବର୍ଷ ମଧ୍ୟରେ ଏଭଳି ଶୀତ ଅନୁଭୂତ ହୋଇ ନ ଥିବା ବେଳେ ଚଳିତ ବର୍ଷ ଶୀତ ଏକ ନିଆରା ଅନୁଭୂତି ଦେଇଛି। ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା ଓ ଅନ୍ୟ କିଛି ସହରର ଶୀତର ସର୍ବକାଳୀନ ରେକର୍ଡ କରିଛି। ଝାରସୁଗୁଡ଼ାରେ ଏଥର ଅନୁଭୂତ ହୋଇଥିବା ଶୀତ ୭୩ ବର୍ଷର ରେକର୍ଡ ଭାଙ୍ଗିଛି। ପୂର୍ବର ସର୍ବକାଳୀନ ରେକର୍ଡ ୫.୬ ଡିଗ୍ରୀ (୭ ଜାନୁଆରୀ ୨୦୨୩) କୁ ଚଳିତ ବର୍ଷର ଶୀତ ପାଞ୍ଚ ଥର ଭାଙ୍ଗିବା ସହ ସର୍ବକାଳୀନ ରେକର୍ଡର ପ୍ରଥମ ୭ଟି ସ୍ଥାନରେ କେବଳ ଷଷ୍ଠ ସ୍ଥାନକୁ ଛାଡି ଅବଶିଷ୍ଟ ସ୍ଥାନକୁ ଚଳିତ ବର୍ଷର ତାପମାତ୍ରା ଦଖଲ କରିଛି। ଏବର୍ଷ ୧୦ ଜାନୁଆରୀରେ ଝାରସୁଗୁଡ଼ା ୪.୫ ଡିଗ୍ରୀ ପାରଦ ସହ ଏହା ସର୍ବକାଳୀନ ଶୀତ ରେକର୍ଡରେ ପରିଣତ ହୋଇଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ୨୨ ବର୍ଷର ଓ କଟକର ୨୧ ବର୍ଷର ରେକର୍ଡ ଭାଙ୍ଗିଛି।

ଅନ୍ୟପଟେ ଚଳିତ ବର୍ଷ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ପ୍ରଭାବରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବଡ଼ କଥା ହେଉଛି ଯେ ଗତ ବର୍ଷ ରାଜ୍ୟରେ ଗୋଟିଏ ଦିନ ବି ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତ ବର୍ଷ ୧୬ ରାତି ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷ ଡିସେମ୍ବର ମାସରେ ଲଗାତାର ୮ ଦିନ 'କୋଲ୍ଡ ୱେଭ୍' ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନଭେମ୍ବରରେ ମଧ୍ୟରେ ୩ ଦିନ ଓ ଜାନୁଆରୀରେ ୫ ରାତି କୋଲ୍ଡ ୱେଭ୍ ସ୍ଥିତି ଉତ୍ପନ୍ନ ହୋଇଛି। ପୂରା ଶୀତ ଋତୁରେ ଅର୍ଥାତ ନଭେମ୍ବର ଶେଷରୁ ଜାନୁଆରୀ ଶେଷ ମଧ୍ୟରେ ୫-୬ ଦିନ କୋଲ୍ଡ ୱେଭ୍ ସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ପ୍ରାୟ ୩ ଗୁଣାରୁ ଅଧିକ ରହିଛି। ଅନ୍ୟପଟେ ଶୀତ ଆକଳନକୁ ନେଇ ଏଥର ଡବ୍ଲୁଏମ୍‌ଓ ଓ ଆଇଏମ୍‌ଡି ଫେଲ୍ ମାରିଛନ୍ତି। ସାଧାରଣତଃ ଲା-ନିନା ବର୍ଷରେ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ଏବର୍ଷ ଶୀତ ଅଧିକ ପରିବର୍ତ୍ତେ କମ୍ ରହିବ ବୋଲି ଏହି ଦୁଇ ସଂସ୍ଥା ଆକଳନ କରିଥିଲେ। ହେଲେ ଏହି ଦୁଇ ସଂସ୍ଥାଙ୍କ ଆକଳନର ଫଳାଫଳ ସମ୍ପୂର୍ଣ୍ଣ ଓଲଟା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ଅସମ୍ଭାଳ...

ଉତ୍ପାଦନ ସମ୍ଭବ ହୋଇପାରିଛି। ଗତ ନିର୍ବାଚନ ସମୟରେ ରାଜ୍ୟର ଏକ ଲକ୍ଷ ଘରକୁ ସୌରାଲୋକରେ ଆଲୋକିତ କରାଯିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଗତ ୧୮ ମାସ ମଧ୍ୟରେ ଓଡ଼ିଶାରେ ସୌର ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଉତ୍ସାହଜନକ ହୋଇପାରି ନାହିଁ। ସରକାର ଏହି ପ୍ରକଳ୍ପରେ ମେଗାୱାଟ ପିଛା ପ୍ରାୟ ୧୬ ହଜାରରୁ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ଲୋକଙ୍କୁ ପ୍ରଲୋଭିତ କରିପାରି ନାହିଁ। ଏହାପରେ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ ପାଇଁ ହିତାଧିକାରୀଙ୍କ ଅଂଶ ସରକାର ବହନ କରିବାକୁ ଘୋଷଣା କରିଛନ୍ତି। ମାତ୍ର ୫ ହଜାର ଟଙ୍କା ପ୍ରଦାନ କରି ଜଣେ ହିତାଧିକାରୀ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ କରିପାରିବେ ବୋଲି କୁହାଯାଉଛି। ମାତ୍ର ଏହା ବି ବିଶେଷ ଉତ୍ସାହଜନକ ହୋଇନାହିଁ।

ତାପଜ ବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହାର ହ୍ରାସ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କଳକାରଖାନାଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ନିଜସ୍ୱ ତାପଜ ବିଦ୍ୟୁତ୍ ପ୍ରକଳ୍ପ (କ୍ୟାପଟିଭ୍ ପାୱାର ପ୍ଲାଣ୍ଟ) ସ୍ଥାପନକୁ ଅନୁମତି ଦେଉଛନ୍ତି। ଏନ୍‌ଟିପିସି, ଓପିଜିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସହ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଳ ବିଦ୍ୟୁତ୍ ଓ ନବୀକୃତ ଉତ୍ସରୁ ଶକ୍ତି ସଂଗ୍ରହ ଅପରିହାର୍ଯ୍ୟ ହୋଇ ପଡ଼ିଛି। ତେଣୁ ବର୍ଦ୍ଧିତ ବିଦ୍ୟୁତ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବେଠାରୁ ପଦକ୍ଷେପ ଗ୍ରହଣ ନ କଲେ ଭବିଷ୍ୟତରେ ଶକ୍ତି ଆବଶ୍ୟକତା ସବୁଠାରୁ ବଡ଼ ସମସ୍ୟା ରୂପେ ଉଭା ହେବା ଆଶଙ୍କା ସୃଷ୍ଟି କରିଛି।

### ୨୦ରେ ବିଜେପିକୁ...

ମନ୍ତ୍ରଣାଳୟ ଦାୟିତ୍ୱରେ ରହିଛନ୍ତି। ବିଜେପିର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ କେ ଲକ୍ଷ୍ମଣ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ଏହା ଅନୁସାରେ, ଜାନୁଆରୀ ୧୯ ଅପରାହ୍ଣ ୨ରୁ ୪ଟା ମଧ୍ୟରେ ନାମାଙ୍କନ ଦାଖଲ କରାଯିବ ଓ ଏହି ଦିନ ଅପରାହ୍ଣ ୫ରୁ ୬ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯିବ। ଯଦି ଆବଶ୍ୟକ ହୁଏ, ଜାନୁଆରୀ ୨୦ରେ ମତଦାନ ହେବ ଓ ନୂଆ ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

### ୩ ଦଶନ୍ଧି ପରେ...

ସିକିମ ଏବଂ ତ୍ରିପୁରାଠାରୁ ଅଧିକ। ମୁମ୍ବଇରେ ପରାଜୟ ପରେ ଏବେ ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ତାଙ୍କ ଭାଇ ତଥା ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମଏନଏସ) ମୁଖ୍ୟଙ୍କ କ୍ୟାରିୟର ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ଏହି ନିର୍ବାଚନରେ ମରାଠା ପ୍ରସଙ୍ଗ କାମ କରିନାହିଁ। ନିର୍ବାଚନ ପୂର୍ବରୁ ଠାକରେ ପରିବାର ଏକାଠି ହୋଇଥିଲେ ବି ଲୋକଙ୍କ ଆସ୍ଥା ଭାଜନ ହେବାରେ ବିଫଳ ହୋଇଛି।

ସୂଚନା ଅନୁଯାୟୀ, ନାଗପୁର, ପୁନେ, ଥାନେ, ନଭି ମୁମ୍ବଇ, ପିମ୍ପରି ଚିଞ୍ଚୱାଡ ଏବଂ ନାସିକରେ ବିଜେପି ମେଣ୍ଟ ଆଗରେ ରହିଛି। ଲାତୁରରେ କଂଗ୍ରେସ ବିଜୟୀ ହୋଇଛି। ୭୦ରୁ ୪୩ ଆସନ ହାତେଇଛି। ସେହିପରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ ମୁମ୍ବଇରେ ଯେଉଁ ଭଳି ଭାବେ ଗଣତି ଚାଲିଛି ତାହାକୁ ଦେଖିଲେ ଅଧରାତି ପର୍ଯ୍ୟନ୍ତ ଚୂଡ଼ାନ୍ତ ଫଳାଫଳ ଆସିବ ନାହିଁ। ଭୁଲ ତଥ୍ୟ ଜାରି କରାଯାଉଛି। ରାତି ୯ଟା ସୁଦ୍ଧା ୧୦୦ ୱାର୍ଡରେ ଗଣତି ଆରମ୍ଭ ହୋଇନାହିଁ।

### ନବୀନଙ୍କୁ ଭେଟିଲେ...

ନବୀନ ପଟ୍ଟନାୟକ ଜଣେ ବରିଷ୍ଠ ନେତା। ଓଡ଼ିଶାର ବିକାଶରେ ନବୀନ ପଟ୍ଟନାୟକ ଓ ତାଙ୍କ ପିତା ବିଜୁ ପଟ୍ଟନାୟକଙ୍କ ବହୁତ ବଡ଼ ଅବଦାନ ରହିଛି। ବିଶେଷକରି ଗରିବଙ୍କ ସମ୍ମାନ ଓ ଓଡ଼ିଶାର ଉନ୍ନତି ପାଇଁ ସେ ଯେଉଁ ବିକାଶ କରିଛନ୍ତି, ତାହା ସ୍ପଷ୍ଟ ଭାବେ ଦେଖାଯାଉଛି। ସାଧାରଣଲୋକଙ୍କ ଜୀବନଧାରା ବଦଳାଇବା ପାଇଁ ନବୀନ ବାବୁ ଚେଷ୍ଟା କରିଛନ୍ତି। ଲୋକଙ୍କ ଜୀବନଧାରା କିପରି ବଦଳିବ ଓ ସେମାନେ ସମ୍ମାନର ସହ ବଞ୍ଚିବେ, ସେନେଇ ସରକାରରେ ରହି ନବୀନ ପଟ୍ଟନାୟକ କାର୍ଯ୍ୟ କରିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ରହିଥିଲା। ମୋ ପିତା ନବୀନ ବାବୁଙ୍କ ପିତାଙ୍କ ସହ ମିଶି କାମ କରିଛନ୍ତି। ଆଜି ଆମେ ଦୁଇ ଜଣ ବିଜେପି ବିରୋଧରେ ଲଢ଼େଇ କରୁଛୁ। ରାଜ୍ୟର ଅନେକ ଦିନ ପର୍ଯ୍ୟନ୍ତ ଶାସନରେ ରହି ସେ ଲୋକଙ୍କ ସହ ସେବା କରିଛନ୍ତି। ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ମୋ ସହ ଭଲଭାବେ ବସି କଥା ହେଲେ ବୋଲି ଅଖିଳେଶ କହିଛନ୍ତି। ଅଖିଳେଶ ଯାଦବ ଶୁକ୍ରବାର ବିମାନବନ୍ଦରରେ ପହଞ୍ଚିବା ପରେ ବିଜେପି ସରକାର ଉପରେ ବର୍ଷିଥିଲେ। ବିଜେପି ଯେଉଁଠାରେ ଦୁର୍ବଳ ହେଉଛି ଓ ନିଜର ଇସ୍ତାହାରରେ ଦେଇଥିବା ପ୍ରତିଶୃତି ପାଳନ କରି ପାରୁନାହିଁ, ସେଠାରେ ସେମାନେ ସାମ୍ପ୍ରଦାୟିକ ରାସ୍ତା ଆପଣାଉଛନ୍ତି ବୋଲି ଅଖିଳେଶ କହିଥିଲେ। ସମାଜବାଦୀ ପାର୍ଟି ବିଭାଜନ ରାଜନୀତି କରେ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରେ। ବିଭାଜନ ରାଜନୀତିର ଅନ୍ତ ହେବା ଦରକାର ବୋଲି ଅଖିଳେଶ କହିଛନ୍ତି।

### ବାଂଲାଦେଶ ସେନା...

ଖାଲି ଦେଖିବାକୁ ନିରେପକ୍ଷ। ଗତ କିଛି ମାସ ହେଲା ସରକାରଙ୍କ ସହ ସମ୍ପର୍କ ଖରାପ ହେବାରେ ଲାଗିଛି। ବିଭିନ୍ନ ପ୍ରସଙ୍ଗରେ ସେନା ଏବଂ ସରକାରଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ରହିଛି। କିଛି କ୍ଷେତ୍ରରେ ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାର ସେନାମୁଖ୍ୟ ଏବଂ ଅନ୍ୟ ପ୍ରମୁଖ ଜେନେରାଲଙ୍କୁ ମାମଲା ଚଳାଇବାର ଧମକ ଦେଇ ଚପାଇ ଦେଇଛନ୍ତି। ମାତ୍ର ଆଉ ଏକ ଗୋଷ୍ଠୀ ମାନିବାକୁ ନାରାଜ। ଏମାନେ ପାକିସ୍ତାନ କଥାରେ ଚାଲି ଦେଶକୁ ବର୍ବାଦ କରିବାରେ ଲାଗିଛନ୍ତି। ପାକିସ୍ତାନର ଅଯଥା ହସ୍ତକ୍ଷେପ ସ୍ଥିତିକୁ ଅଧିକ ଖରାପ କରିଦେଇଛି। ପାକିସ୍ତାନ ହିନ୍ଦୁ ମୁକ୍ତ ବାଂଲାଦେଶ ଗଠନ କରିବାକୁ ଚାହୁଁଛି। ସେନାରେ ଥିବା ୪୦ ପ୍ରତିଶତ ଚରମପନ୍ଥୀ ଏହାକୁ ସମର୍ଥନ ଦେଉଛନ୍ତି। ଯଦି ଆଗକୁ ଏଭଳି ସ୍ଥିତି ଜାରି ରହେ ତେବେ ଗୃହଯୁଦ୍ଧ ସୃଷ୍ଟି ହୋଇପାରେ।

ସୂଚନା ଅନୁଯାୟୀ, ଗତ ନଭେମ୍ବରରୁ ସେନା ଏବଂ ସରକାରଙ୍କ ମଧ୍ୟରେ ଥିବା ମତଭେଦ ଖୋଲାଖୋଲି ଭାବେ ସାମନାକୁ ଆସିଥିଲା। ସେନାମୁଖ୍ୟ ୱାକର-ଉଜ-ଜମାନ ବାଂଲାଦେଶ ସରକାରଙ୍କୁ ଡିସେମ୍ବରରେ ନିର୍ବାଚନ କରାଇବାକୁ କହିଥିଲେ। ଯଦି ଏ ସଂକ୍ରାନ୍ତରେ କିଛି ନିଷ୍ପତ୍ତି ନିଅନ୍ତି ତେବେ ସେନାକୁ ଜଣାଇବାକୁ କହିଥିଲେ। କିନ୍ତୁ ସରକାର ସେନା ପରାମର୍ଶ ବିନା ନିର୍ବାଚନ ତାରିଖ ଘୋଷଣା କରିଦେଲେ। ସେହିପରି ସେନା ସହ ଆଲୋଚନା ନ କରି ବାଂଲାଦେଶ ସୀମାରେ ରଖାଇନ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ସ୍ଥିତିରେ ସେନାର ଗୋଟିଏ ଗୋଷ୍ଠୀ ଚୁପ ହୋଇ ୟୁନୁସ ସରକାରଙ୍କୁ ହଟାଇବାକୁ ପ୍ରୟାସ କରୁଛି। ବାଂଲାଦେଶରେ ଚାଲିଥିବା ଟାର୍ଗେଟ ହତ୍ୟା ଏବଂ ହିଂସା ପଛରେ ସେନାର ହାତ ରହିଛି ବୋଲି ଏନସିପିର ଅନ୍ତର୍ଜାତୀୟ ସେଲ୍ ମୁଖ୍ୟ ଅଲାଉଦ୍ଦିନ ମହମ୍ମଦ କହିଛନ୍ତି। ଏଜେନ୍ସି ଗୁଡ଼ିକ ଏବଂ ସେନା ମିଶି ଏପରି କରୁଛନ୍ତି। ଏହା ଦ୍ୱାରା କ୍ଷମତା ଅକ୍ତିଆରର ରାସ୍ତା ସଫା ହୋଇଯିବ। ସରକାର ଲୋକଙ୍କ ଭରସା ଜିତିବାରେ ବିଫଳ ହୋଇଛନ୍ତି। ସରକାର ଚଳାଇବା ପାଇଁ ପୁଲିସ, ଅମଲା ଏବଂ ସେନାର ସହାୟତା ଦରକାର, କିନ୍ତୁ ଏପରି ହେଉନାହିଁ। ଏବେ ସେନାର ୨୭ ଜେନେରାଲ ଜେଲ୍‌ରେ ଅଛନ୍ତି। କାରଣ ଏମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାର ଦ୍ୱାରା ପ୍ରାୟୋଜିତ ହିଂସାରେ ସାମିଲ ଥିଲେ। ବାଂଲାଦେଶରେ ସେନା ଏବଂ ସରକାରଙ୍କ ମଧ୍ୟରେ ମତଭେଦ ଜୋର ଧରିଛି। ଏପରି ସ୍ଥିତିରେ ଫେବୃଆରୀ ୧୫ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଯଦି କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳେ ତେବେ ସେନାର ଗୋଟିଏ ଗୋଷ୍ଠୀ କ୍ଷମତା ପରିବର୍ତ୍ତନ କରିବାକୁ ଚାହିଁ ବସିଛି। ସେନା ସରକାର ଗଠନ ପାଇଁ ଏମାନେ ସୁଯୋଗ ଖୋଜୁଛନ୍ତି। ଯଦି ଅନ୍ୟ ଗୋଷ୍ଠୀ ସହାୟତା ନ କରେ ତେବେ ଗୃହଯୁଦ୍ଧ ସୃଷ୍ଟି ହେବ।

### ବିଦା ହେବେ ଅପାରଗ...

ସରକାରଙ୍କ ବାଧ୍ୟତାମୂଳକ ଅବସର ଛାଟ ପଡ଼ିବା ପରେ ଶିକ୍ଷାନୁଷ୍ଠାନରେ କମ୍ପନ ସୃଷ୍ଟି ହୋଇଛି। କିନ୍ତୁ, ଶିକ୍ଷାବିତମାନେ ଏହାକୁ ଧୂଆଁବାଣ ବୋଲି କହିଛନ୍ତି। ଅନେକ ଶିକ୍ଷାନୁଷ୍ଠାନରେ ଖୋଦ୍ ଅଧକ୍ଷମାନେ ଦୁର୍ନୀତିଗ୍ରସ୍ତ ହୋଇଥିବା ବେଳେ ଆକ୍ରୋଶମୂଳକ ଭାବେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ ରିପୋର୍ଟ ଦେବାର ଆଶଙ୍କା ରହିଛି। ଏଣୁ, ସରକାର ଯଦି ବାସ୍ତବରେ ଅପାରଗ ଅଧିକାରୀଙ୍କୁ ବିଦା କରିବାକୁ ସତରେ ଚାହୁଁଛନ୍ତି, ଏଥିପାଇଁ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

### ଇଏମ୍‌ଆଇ ଜାଲରେ...

ଦୃଷ୍ଟିରୁ ଅସୁବିଧାଗ୍ରସ୍ତ ଋଣଗ୍ରହୀତାଙ୍କ ମଧ୍ୟରେ କରାଯାଇଥିବା ଏହି ସର୍ଭେରୁ ଜଣାପଡିଛି ଯେ ୮୫% ଲୋକ ସେମାନଙ୍କ ମାସିକ ଆୟର ୪୦% ରୁ ଅଧିକ କେବଳ ଇଏମ୍‌ଆଇ ପେମେଣ୍ଟରେ ଖର୍ଚ୍ଚ କରିବାକୁ ବାଧ ହୋଇଛନ୍ତି। ମାସିକ ୩୫ ହଜାରରୁ ୬୫,୦୦୦ ଟଙ୍କା ରୋଜଗାର କରୁଥିବା ଲୋକମାନେ କେବଳ ଇଏମ୍‌ଆଇରେ ୨୮ ହଜାରରୁ ୫୨,୦୦୦ ଟଙ୍କା ଦେଉଛନ୍ତି। ଯେତେବେଳେ ଇଏମ୍‌ଆଇ ସେମାନଙ୍କ ଆୟର ଅଧିକାଂଶ ଖାଇଯାଉଛି, ସେତେବେଳେ ଲୋକମାନେ ଟଙ୍କା ସଞ୍ଚୟ କରିବା ପାଇଁ ବିପଦପୂର୍ଣ୍ଣ ପଦ୍ଧତି ଅବଲମ୍ବନ କରୁଛନ୍ତି। ପ୍ରାୟ ୪୦% ଋଣଗ୍ରହୀତା ଗୋଟିଏ କ୍ରେଡ଼ିଟ୍ କାଡର୍ ଜରିଆରେ ଅନ୍ୟ କାଡର୍‌ର ବିଲ୍ ପରିଶୋଧ କରୁଛନ୍ତି।

ଏପରିକି ଋଣ ଜାଲରେ ପଡ଼ିଥିବା ଲୋକମାନେ ପିଲାମାନଙ୍କ ଶିକ୍ଷା ବନ୍ଦ କରିବା, ଚିକିତ୍ସା ସ୍ଥଗିତ ରଖିବା, ବୀମା ପଲିସି ବାତିଲ୍ କରିବା ଏବଂ ସେମାନଙ୍କର ଖାଇବା ବଜେଟ୍ ହ୍ରାସ କରିଥିବା ଦେଖାଯାଉଛି। କିଛି ଲୋକ (୧୬%) ଦରମା ଅଗ୍ରୀମ ନେଉଛନ୍ତି, ଏପିକି କିଛି ଲୋକ (୧୫%) ସେମାନଙ୍କର ସମ୍ପତ୍ତି, କିଛି ଲୋକ ସୁନା ଅଳଙ୍କାର (୮%), ବନ୍ଧକ ରଖିଥିବା ଦେଖାଯାଇଛି। ଯେତେବେଳେ ଲୋକମାନେ ସମୟ ମଧ୍ୟରେ ଇଏମ୍‌ଆଇ ଦେଇପାରି ନ ଥାନ୍ତି, ସେତେବେଳେ ରିକଭରୀ ଏଜେଣ୍ଟମାନେ ଋଣ ଆଦାୟ ପାଇଁ ଚାପ ପ୍ରୟୋଗ କରନ୍ତି ଓ ୭୨% ଲୋକ ରିକଭରୀ ଏଜେଣ୍ଟ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ୬୭% ଲୋକ ପ୍ରତି ମାସରେ ୫୦ ରୁ ୧୦୦ ଋଣ ବକେୟା ପରିଶୋଧ କଲ ପାଉଥିବା ପ୍ରକାଶ କରିଛନ୍ତି।

### ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ

## 'ସମାଜର ହିତ ପାଇଁ କାର୍ଯ୍ୟ କରନ୍ତୁ ଶିକ୍ଷକ'




ଭୁବନେଶ୍ୱର, ୧୬।୧(ସମିସ): ଶିକ୍ଷକମାନେ ସମାଜଠାରୁ ଆଦର ଓ ସମ୍ମାନ ପାଇବାକୁ ହେଲେ ସେମାନଙ୍କୁ ସମାଜର ହିତ ସାଧନ ଦିଗରେ କାର୍ଯ୍ୟ କରିବାକୁ ହେବ। ଶୈକ୍ଷିକ ବିକାଶ ସହ ସାମାଜିକ ବିକାଶରେ ଅବଦାନ ଦେବାକୁ ପଡ଼ିବ। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ କର୍ତ୍ତବ୍ୟବୋଧ ଦିବସ ପାଳନ ଉତ୍ସବର ମୁଖ୍ୟ ଅତିଥି ତଥା ବିହାର ସମସ୍ତିପୁରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏହା କହିଛନ୍ତି। ମହାସଂଘର ଉଚ୍ଚଶିକ୍ଷା ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାରେଶ୍ୱର ସାହୁ ଅଧ୍ୟକ୍ଷତା କରିଥିବାବେଳେ ପ୍ରଫେସର ମହେଶ୍ୱର ସାହୁ, ପ୍ରଫେସର ମନୋରଞ୍ଜନ ସେନାପତି, ଡ. ନାରାୟଣ ମହାନ୍ତି, ଡ. ସରୋଜକାନ୍ତ କର, ଡ. ବିଶ୍ୱଜିତ ମଲ୍ଲିକ, ଡ. ସୁଶାନ୍ତ ପ୍ରଧାନ, ଡ. ନିରଞ୍ଜନ ଶବର, ରମେଶ ଚନ୍ଦ୍ର ମହାନ୍ତ, ଡ. ଅଜିତ କୁମାର ସାହୁ, ଡ. ବିଶ୍ୱମୋହନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


B-940

E-mail ID: eepwd765017@gmail.com
Phone-(06856)233066

Government of Odisha
"E" Procurement Notice

OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II
Short Bid Identification No: RC (RANDB) RGD No-II 18/2025-26 (Online tender)
No.56 / Dated 05.01.2026

1. Total No. of the works: - 1 No Building Work (Double cover System)
2. Approximate estimated Cost: - Rs 52.25 Lakhs
3. Period of completion : - 05 (Five) Calendar months
4. Date & Time of availability of bid document in the portal:-11.00 Hrs. of dated 19.01.2026 to 17.00 Hrs. of dated 31.01.2026 for online bidding.
5. Last date/Time for receipt of bids in the portal: - Up to 17.00 Hrs. of dated 31.01.2026
6. Name and address of the officer inviting BID: - Superintending Engineer, Rayagada (R&B) Division No-II
7. Date of opening of Technical Bid at 11.00 Hours on dated 02.02.2026
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

OIPR-

Superintending Engineer
Rayagada (R&B) Division No-II



A-1267

GOVERNMENT OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD,
Email address: semech-eicwr.od@od.gov.in
E-Procurement Notice- Bid Identification No. ACEMC/MDHKD: 04/2025-26 & ACEMC/MDRKL-05/2025-26 dt.12.01.2026

1. Name of the Work : Mechanical Gate Works of MI Division, Jharsuguda & MI Division, Sundargarh
2. No. of Work : 02 (Two) Nos.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:04/2025-26 & ACEMC/MDRKL:05/2025-26, dt.12.01.2026
5. Estimated Cost : i.11.01Lakh & ii.10.16Lakh (Excluding GST)
6. Period of Completion : Two Calendar Months each.
7. Date & time of availability of bid documents in the Portal : From dt.20.01.2026 (10.00AM) to dt.01.02.2026 (5.30PM)
8. Last date/ time for receipt of bid : dt.01.02.2026(up to 5.30 PM) In the Portal
9. Date and place of opening of bid : dt.02.02.2026, 11.30 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal https://tendersodisha.gov.in

OIPR-

Additional Chief Engineer
Mechanical Circle, Hirakud



MM-504

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Letter No. 24/1F (Account), Dated 13.10.2026
RESULT OF TENDER CALLED VIDE BID IDENTIFICATION NO: 02/2025-26 OF DD – SNWLD JASHIPUR OF THE DEPUTY DIRECTOR, SIMILIPAL NORTH WL DIVISION, JASHIPUR

The following Bidder are selected as L1 & L2 bidder through tender process held on 12.01.2026 at 12.00 in the office chamber of the Deputy Director, Similipal North WL Division, Jashipur for Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26

The detailed list of successful Bidder is given below.

| Sl. No. | Name of the Bidder | Name of Work | Percentage / amount offered by the bidders | Remarks |
|---|---|---|---|---|
| 01 | DEBASISH KUMAR SAHOO | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-1 Bidder (Selected through transparency lottery system) |
| 02 | LIPIKA HANSDAH | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-2 Bidder (Selected through transparency lottery system) |

OIPR-

Deputy Director,
Similipal (North) WL Division,
Jashipur



AFFIDAVIT

By virtue of an affidavit sworn before the Executive Magistrate, Bhubaneswar, vide CF. No. 120, dated 08.01.2026, **LIJARANI SITHA**, D/o Kailash Sitha resident of Vill.- Kakalama, PO- Darpanarayanpur, Ps.- Sarankul, Dist- Nayagarh, State- Odisha, Pin- 752079 declare that I have changed any name, from **LIJA SITH** to **LIJARANI SITHA.** Henceforth I shall be known as **LIJARANI SITHA** for all purposes.

Sd- **LIJARANI SITHA**



AFFIDAVIT

By virtue of an affidavit sworn before Notary Public, Jharsuguda, dated 19/09/2025, I, **Keshar Singh**, Address: Near Vaishno Apartments, Behind Old Income Tax Office, Sarbahal Road, PO/PS/Dist.: Jharsuguda, PIN- 768201, Odisha declare that I have changed my name from **Keshar Sinigh Chawala** To **Keshar Singh.** Henceforth, I shall be known as **Keshar Singh** for all purposes.

**Keshar Singh**



AFFIDAVIT

By virtue of an affidavit before the Executive Magistrate, Nabarangpur, I, Bugata Rohit Kumar @ B. Rohit, resident of Patel Marg, Near Axis Bank, Backside of Jain Mandir, Po/Ps/Dist.-Nabarangpur hereby declare that B. Rohit, S/o- B. Sai Krishna and Bugata Rohit Kumar, S/o- Bugata Saikrishna refer to one and the same person, i.e., myself. Henceforth I shall be known as **Bugata Rohit Kumar** for all purposes.



AFFIDAVIT

By virtue of an affidavit No. 127 sworn before the Executive Magistrate, Champua on dtd-15/01/2026. I Bikash Mahanta, S/o- Bharata Ch. Mahanta, permanent resident of Vill/P.o- Uchabali, P.s-Baria, Dist- kendujhar, Odisha, Pin-758044 declare that I have changed my name from **Bhagiratha Mohanta** (Old Name) to **Bikash Mahanta** (New Name), Henceforth I shall be known as **Bikash Mahanta** for all future purposes.

**Bikash Mahanta**



AFFIDAVIT

By virtue of an affidavit (CF No. 01, dtd- 16/01/2026) sworn before the Executive Magistrate, Padampur. I, **Sudeshna Sahu,** D/o- Brundaban Sahu, permanent & current resident of AT- Banchhorpali, PO- G.S Dunguripali, PS- Balangir Sadar, Dist- Balangir, PIN- 767024, Odisha declare that I have changed my name from **Puspa Sahu** to **Sudeshna Sahu.** Henceforth, I shall be known as **Sudeshna Sahu** (new name) for all purposes.

**Sudeshna Sahu**



WEB : www.kbvm.org.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

TENDER CALL NOTICE

Sealed quotations are invited from interested registered book dealers for supply of books under NEP of an estimated cost of Rs.2,00,000/-. For detailed book list and terms and conditions bidders may visit: www.kbvm.in.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR



OFFICE OF COLLECTOR & DM : BALASORE g-149

Tender Call Notice No.: 41 Dt.15.01.2026

"Sealed Quotations are invited from the registered Supplier/Farm/Agencies for Tentage & Allied Works and Event Management for District Level Subhadra Shakti Mela at Balasore. Tender documents and other details can be downloaded from https://balasore.odisha.gov.in"

Last Date:02.02.2026

Sd/-
OIPR- DSWO, Balasore



WEB : www.kbvm.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

WALK-IN-INTERVIEW

A walk-in-interview for the selection of the following Non-teaching posts shall be conducted on **Dt.29.01.2026 (Thursday)** at **10.30 AM** in the college premises. Interested candidates are required to report the office of the undersigned with resume, original and photocopies of all the certificates (self-attested) and a photograph for the interview.

| Post | No. | Required Qualification |
|---|---|---|
| Lab Attendant Chemistry, Botany, Zoology | 03 | 10th Pass |
| Peons | 04 | 7th Pass (Ability to read and write English & Odia shall be preferred) |
| Sweeper | 01 | 7th Pass |

The undersigned reserves the right to cancel such engagement fully or partly without assigning any reason thereof.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR

# ଦାମୋଦର ଯାତ୍ରା ଆରମ୍ଭ ଅସ୍ଥି ବିସର୍ଜନ କଲେ ହଜାର ହଜାର ଲୋକ



ବାରିପଦା, ୧୬।୧(ସମିସ): ଶୁକ୍ରବାର ସ୍ଥାନୀୟ ବାରୁଣୀ ନିକଟ ବୁଢ଼ାବଳଙ୍ଗ ନଦୀର ଦାମୋଦର ଘାଟରେ ତିନିଦିନିଆ ଦାମୋଦର ଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ଦିବସରେ କମ୍ ଭିଡ଼ ଥିବା ଦେଖିବାକୁ ମିଳିଛି। ସଙ୍ଗମ ସ୍ଥଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ସମ୍ପ୍ରଦାୟର ଲୋକେ ପାରମ୍ପରିକ ସାଜସଜ୍ଜା ହୋଇ ଗୀତ ଗାଇ ଶେଷ ଅନୁଷ୍ଠାନରେ ଯାତ୍ରାକଳା, ଗଙ୍ଗାସ୍ନାନ, ହରିବୋଲ ଧ୍ୱନି ଦେଇ ପହଞ୍ଚୁଛନ୍ତି।

ସାନ୍ତାଳ ସମ୍ପ୍ରଦାୟଙ୍କ ସାମୂହିକ ଅସ୍ଥି ବିସର୍ଜନକୁ ଦାମୋଦର ମେଳା କୁହାଯାଇଥାଏ। ତ୍ରିବେଣୀ ବା ତିନୋଟି ପ୍ରବାହମାନ ଜଳରାଶିର ସଙ୍ଗମସ୍ଥଳରେ ଏହି ମେଳା ଅନୁଷ୍ଠିତ ହୋଇଥାଏ। ନିଜର ଆତ୍ମୀୟଙ୍କ ମୃତ୍ୟୁପରେ ଶେଷ ସଂସ୍କାର ବା ପର୍ବ ଭାବେ ସେମାନେ ଏହାକୁ ଭାବି ତାଙ୍କର ସଂରକ୍ଷିତ ଅସ୍ଥି ଆଣି ପରମ୍ପରାନୁଯାୟୀ କ୍ରିୟାକର୍ମ ପରେ ବିସର୍ଜନ କରିଥା'ନ୍ତି। ତଦନୁଯାୟୀ ଜରାଳୀ-ସରାଳୀ ଓ ବୁଢ଼ାବଳଙ୍ଗ ସଙ୍ଗମସ୍ଥଳରେ ରବିବାର ଜିଲ୍ଲା ଓ ଜିଲ୍ଲା ବାହାରୁ ଉପରୋକ୍ତ ସମ୍ପ୍ରଦାୟର ଜନସାଧାରଣଙ୍କ ସୁଅ ଛୁଟିଥିଲା। ଅସ୍ଥି ଧରି ଆସୁଥିବା ଲୋକ ପ୍ରଥମେ ଟଙ୍କା ଜମା ଦେଇ କମିଟିରୁ ଟିକଟ ସଂଗ୍ରହ କରିବା ପରେ ନଦୀ କୂଳରେ ଲଣ୍ଡା ହୋଇ ନଦୀରେ ଗାଧୋଇ ପରମ୍ପରା ଅନୁସାରେ ସାଙ୍ଗରେ ଆଣିଥିବା ଏକ ଶାଳ ଡାଳକୁ କୂଳରେ ଏକ ସ୍ଥାନରେ ପୋତିଛନ୍ତି। ପରମ୍ପରା ଅନୁଯାୟୀ ସେଠାରେ ଏକ କଉଡ଼ ଓ କଂସା ଚୁଡ଼ି ମଧ୍ୟ ପୋତିଥିଲେ। ଶେଷରେ ପଞ୍ଚବର୍ଣ୍ଣ ଭୋଗ ଲଗାଇ କମିଟି ପକ୍ଷରୁ ନିର୍ଦ୍ଧାରିତ ଏକ ସ୍ଥାନରେ ପବିତ୍ର ହୋଇ ଘରକୁ ଫେରିଥିଲେ।

ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ପୁଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଯାଇଛି। ଆସନ୍ତା ରବିବାର ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ। ଏହାର ସୁପରିଚାଳନା ପାଇଁ ୱାଚ ଟାୱାର ଓ ଆଲୋକ ବ୍ୟବସ୍ଥା କରାଯାଇଛି। ନଦୀର ଅପରପାର୍ଶ୍ୱକୁ ଯିବା ପାଇଁ ବାଲି ଦ୍ୱାରା ଅସ୍ଥାୟୀ ବନ୍ଧ ବନ୍ଧାଯାଇଛି। ପିଇବା ପାଣି ପାଇଁ ପାଣିଟାଙ୍କି ବ୍ୟବସ୍ଥା କରାଯାଇଥିବାବେଳେ ମେଳା ସ୍ଥଳରେ ଶୃଙ୍ଖଳିତ ଭାବେ ଭଗାଦୋକାନ ବସିବାକୁ ଦିଆଯାଇଛି। ବାରୁଣୀ ଘାଟ ସୁନାମୁହିଁର ଭଞ୍ଜ ବିଶମ ପାରଗାନ ମହଲ ଆୟୋଜକ କମିଟିର ମହଲ ପାରଗାନ ଓ ଘାଟ ଠାକୁର ପୂଜା ନୀତି ଅନୁଯାୟୀ ସମସ୍ତଙ୍କ କ୍ରିୟାକର୍ମ କରୁଛନ୍ତି। କମିଟି ସଭାପତି ଓ ସମ୍ପାଦକ ଏବଂ ବାରୁଣୀଘାଟ ଉନ୍ନୟନ କମିଟି ଅଧ୍ୟକ୍ଷଙ୍କ ନେତୃତ୍ୱରେ ସଦସ୍ୟମାନେ ମେଳା ପରିଚାଳନା କରୁଛନ୍ତି। ଏହିପରି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ନଦୀ ନାଳ ସଙ୍ଗମ ସ୍ଥଳୀରେ ଦାମୋଦର ଯାତ୍ରା ଆରମ୍ଭ ହୋଇଛି।

## ପାଠରେ ଯନ୍ତ୍ରୀ, କର୍ମରେ ଚାଷୀ



ଶୁକୁଳି, ୧୬।୧(ସମିସ): ଆଧୁନିକ ଯୁଗରେ ଯୁବପିଢ଼ି ଉଚ୍ଚଶିକ୍ଷିତ ହେଲେ ଚାକିରି ପଛରେ ଧାଉଁଥାଆନ୍ତି, ନଚେତ୍ ଚାକିରି ନ ପାଇ ହତାଶ ହୋଇ ଖରାପ ରାସ୍ତା ଆପଣାଇ ଥାଆନ୍ତି। ଏ କ୍ଷେତ୍ରରେ ଉଚ୍ଚଶିକ୍ଷିତ ମନୋଜ ହେମ୍ବ୍ରମଙ୍କ ଉଦ୍ୟମ ପ୍ରଶଂସନୀୟ। ଯନ୍ତ୍ରୀ ହେବାକୁ ଶିକ୍ଷା ଗ୍ରହଣ କରି ମଧ୍ୟ ଚାକିରି ପଛରେ ଗୋଡ଼ାଇ ସମୟ ନଷ୍ଟ ନ କରି ପୈତୃକ ଚାଷଜମି ତିନି ଏକର ଜମିରେ ସେ ଆରମ୍ଭ କରିଛନ୍ତି ପରିବା ଚାଷ। ଏତେ କମ୍ ବୟସରୁ ବୁଝିପାରିଛନ୍ତି କୃଷିର ମୂଲ୍ୟ। ବିଭିନ୍ନ ଋତୁରେ ସବୁଜ ସାର ପ୍ରୟୋଗ କରି ବିଭିନ୍ନ ପନିପରିବା, ମକା ଆଦି ଉତ୍ପାଦନ କରୁଛନ୍ତି। ଉନ୍ନତମାନର କୁକୁଡ଼ା ପାଳନ କରି ବେଶ୍ ଲାଭବାନ ହୋଇପାରିଛନ୍ତି। ମନୋଜ ହେମ୍ବ୍ରମ ହେଉଛନ୍ତି ଶୁକୁଳି ବ୍ଲକ ଅନ୍ତର୍ଗତ ଏକ ମଫସଲ ଗାଁ ଟମାରେରର ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମଙ୍କ ବଡ଼ପୁଅ। ପିଲାଟି ଦିନରୁ ମାଆଙ୍କୁ ହରାଇ ଘରର ବଡ଼ପୁଅ ଭାବେ ଦାୟିତ୍ୱ ନେଇ କରି ପରିବାର ଚଳାଇବା ସହିତ ଜଣେ ଡିଗ୍ରୀ ଇଞ୍ଜିନିୟରଧାରୀ ହୋଇଛନ୍ତି। କିଛି ସରକାରୀ ସହାୟତା ପାଇଲେ, କୃଷି କ୍ଷେତ୍ରରେ ଉନ୍ନତି ଆଣିପାରିବେ ବୋଲି ଆଶା ରଖିଛନ୍ତି।

## ଆଦିପୁର ମକର ମହୋତ୍ସବରେ ପ୍ରବଳ ଜନସମାଗମ



ଖୁଣ୍ଟିଂ, ୧୬।୧(ସମିସ): ଶୁକୁଳି ବ୍ଲକର ଆଦିପୁର ଓ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ପଦ୍ମପୁର ସୀମାନ୍ତ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀର ସଙ୍ଗମ ସ୍ଥଳ ଆଦିପୁରସ୍ଥ ଦୋମୁହାଣୀ ପୀଠରେ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହୋଇଛି ଚତୁଃଦିବସୀୟ ମକର ମହୋତ୍ସବ। ଏ ଅବସରରେ କେନ୍ଦୁଝର ଜିଲ୍ଲାର ସୁନାମଧନ୍ୟ ଟିଜିଏମଡି ଟ୍ରାଡିସନାଲ ଝୁମର ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ଝୁମର ନୃତ୍ୟ ପରିବେଷଣ ହୋଇଥିଲା। ହଜାର ହଜାର ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିବା ଦେଖିବାକୁ ମିଳିଛି। ଏଥିସହିତ ଆଦିପୁର ଗ୍ରାମରେ ଜନ୍ମିତ ଲୋହିତ କୁମାର ମହାନ୍ତ ୨୦୨୩ ଓପିଏସସି ପରୀକ୍ଷାରେ ୨୧୯ତମ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ସ୍ଥାନୀୟ ମା' କିଚାକେଶ୍ୱରୀ ସେବା ସଦନ ସମ୍ପାଦକ ସୁମନ୍ତ କୁମାର ଗିରି ଓ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ଗରିବ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦନ କରାଯାଇଥିଲା।

## ଚରିତ୍ର ସଂହାରକୁ ନେଇ ମାନହାନି ମାମଲା ଦାଏର କରିବେ ଥାନାଧିକାରିଣୀ

ମହୁଲଡ଼ିହା, ୧୬।୧(ସମିସ): ରବିବାର ଠାକୁରମୁଣ୍ଡା-ଉଦଳା ରାସ୍ତାରେ ବେପାରୀ ବଳଦ ନେଇ ଯାଉଥିବାବେଳେ କିଛି ଯୁବକ ୧୧୨କୁ ଫୋନ କରିବା ସହିତ ବଳଦ ଠାକୁରମୁଣ୍ଡା ଥାନାକୁ ଆଣିଥିଲେ। ଠାକୁରମୁଣ୍ଡା ଥାନାରେ ବେପାରୀମାନେ ହାଟରୁ କିଣିଥିବା ବଳଦ ରସିଦ ଦାଖଲ କରିଥିଲେ। ଥାନାଧିକାରିଣୀ ହାଟର ପଟ୍ଟଦାରଙ୍କ ନିକଟକୁ ଯାଇ ଯାଞ୍ଚ କରିବା ପରେ ରସିଦ ସଠିକ ଜାଣି ରାତିରେ ବିକ୍ରେତାଙ୍କୁ ଡାକି ବଳଦ ଫେରସ୍ତ କରିଥିଲେ। ଏହି ମାମଲାରେ କିଛି ଯୁବକ ଥାନାଧିକାରିଣୀ ସାବିତ୍ରୀ ଦଳେଇଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ତାଙ୍କ ଫଟୋ ଯୋଡ଼ି ଚରିତ୍ର ସଂହାର କରିଥିଲେ। ଏଥିସହିତ ତାଙ୍କୁ ବିଭିନ୍ନ ଫୋନରୁ ଧମକ ଆସିଥିଲା ବୋଲି ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। ତାଙ୍କର କୌଣସି ସମ୍ପୃକ୍ତି ନ ଥାଇ ଏଭଳି ଚରିତ୍ର ସଂହାର କରିବା ଘଟଣାରେ ସେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହିତ ଥାନାରେ ଏକ କେଶ ଦାଏର କରିଛନ୍ତି। ତେବେ ସେ ଖୁବଶୀଘ୍ର ଉଚ୍ଚ ନ୍ୟାୟାଳୟରେ ମାନହାନି ମୋକଦ୍ଦମା ଦାଏର କରିବେ ବୋଲି ପ୍ରକାଶ କରିଛନ୍ତି। ଗତ ଶନିବାର ଦିନ ବେଣ୍ଟକାରପଡ଼ା ହାଟରେ ଠାକୁରମୁଣ୍ଡା ସୀମା କେନ୍ଦୁଝର ଜିଲ୍ଲା କୁଲଡିହା ଗ୍ରାମର ଶ୍ୟାମସୁନ୍ଦର ମୁର୍ମୁ, ବଳିଆ ପୂର୍ତ୍ତି, ବାଗୁନ ସିଂ (ଉଲିବସା), ବିପିନ ମାଝୀ (ରାଇଡିହା) ଓ ପ୍ରଭାକର ମହାନ୍ତ (ପନାସି) ବଳଦ ବିକ୍ରି କରିଥିଲେ। ଉଦଳାର ତପନ ବେହେରାଙ୍କୁ ସମସ୍ତେ ବଳଦ ବିକ୍ରି କରିଥିଲେ। ଏହାକୁ ରବିବାର ଦିନ ଠାକୁରମୁଣ୍ଡା-ଉଦଳା ରାସ୍ତାରେ କିଛି ଯୁବକ ଧରି ଥାନା ଜିମା ଦେଇଥିଲେ। ତେବେ ଥାନା ଅଧିକାରିଣୀ ହାଟରୁ ବଳଦ କିଣାଯାଇଥିବା ଜାଣି ମାଲିକଙ୍କୁ ହସ୍ତାନ୍ତର କରିଥିଲେ। ଏହାକୁ ନେଇ ଥାନା ଅଧିକାରିଣୀଙ୍କ ଚରିତ୍ର ସଂହାର କରାଯାଇଛି। ସେ କହିଛନ୍ତି, ଗତ ୩ ମାସରେ ବେନିୟମ ଚାଲାଣ ହେଉଥିବା ୨୦୦ରୁ ଊର୍ଦ୍ଧ୍ୱ ଗୋରୁ, ମଇଁଷି ସମେତ ୧୬ଟି ପିକଅପ ଜବତ କରିଥିଲେ ସୁଦ୍ଧା ଅପବାଦ ମୁଣ୍ଡାଇବାକୁ ପଡୁଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ମହୁଲଡିହା, ୧୬।୧(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ବଡ଼ବାଲିପୋଷି ଗ୍ରାମ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ବାଇକ୍‌ରୁ ପଡ଼ି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇଜଣ କେଶଡିହା ଗ୍ରାମର ମାଣିକ କାଣ୍ଡେୟାଙ୍ଗ (୨୬) ଓ ବିଶୁ ଶୁଣ୍ଡୀ (୨୫)। ଦୁହେଁ ଏକ ଗ୍ଲାମର ବାଇକରେ ବଡ଼ବାଲିପୋଷି ଗ୍ରାମରେ ଖେଳ ଦେଖି ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ପଡ଼ିଯାଇଥିଲେ। ସନ୍ଧ୍ୟା ପ୍ରାୟ ୭.୩୦ରେ ଖବର ପାଇ ପରିବାର ଲୋକେ ଦମକଳ ଗାଡ଼ିରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାଣିକଙ୍କ ଅବସ୍ଥା ଗୁରୁତର ଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ପିଙ୍ଗୁ, ୧୬।୧(ସମିସ): ନୁଦଡ଼ିହା ପିଙ୍ଗୁସ୍ଥ ବିରାଟ ଲୀଳାକ୍ଷେତ୍ରରେ ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ସର୍ବେଶ୍ୱର ରାଉତ ପୌରୋହିତ୍ୟ କରି ଟ୍ରଷ୍ଟ ସଭ୍ୟ/ସଭ୍ୟା ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ କାର୍ଯ୍ୟର ସୁପରିଚାଳନା ନିମନ୍ତେ ବିଭାଗ ବଣ୍ଟନ କରିଥିଲେ। ଶୃଙ୍ଖଳା ସମସ୍ତ କାର୍ଯ୍ୟରେ ସିଦ୍ଧି ଆଣିଥାଏ ବୋଲି ସେ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ ବାର୍ଷିକ ଉତ୍ସବ ପାଳନର ବିଭିନ୍ନ ଦିଗ ଓ ନୀତିକାନ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମନ୍ଦିର ଟ୍ରଷ୍ଟର ସମ୍ପାଦକ ନକୁଳ ଜେନା କାର୍ଯ୍ୟର ବିଭିନ୍ନ ପରିପାଠୀ ବିଷୟରେ ସୂଚନା ଦେଇଥିଲେ। ପତ୍ରିକା ମୁଖ୍ୟ ସମ୍ପାଦକ ଭୋଳାନାଥ ସାହୁ ଭକ୍ତ ଓ ଭଗବାନଙ୍କ ଆବେଗର ଧାରା ସମ୍ପର୍କରେ ଦର୍ଶାଇ କର୍ମତୃପ୍ତିର ପ୍ରେରଣା ଦେଇଥିଲେ। ଉପସଭାପତି ଭଗବାନ ବେହେରା କେବଳ ଦାୟିତ୍ୱ ନେବା ବଡ଼ ନୁହେଁ ଏହାର ସୁପରିଚାଳନା ବଡ଼ ବୋଲି ମତ ଦେଇଥିଲେ। କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ଗ୍ରାମର ବହୁ ଶ୍ରଦ୍ଧାଳୁ ବୈଠକରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ସହସମ୍ପାଦକ ରବିନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟିକ ରାଧାରଞ୍ଜନ ପଟ୍ଟନାୟକ ପାଇଲେ 'ଲୁଇପା' ସମ୍ମାନ



ଉଦଳା, ୧୬।୧(ସମିସ): ରାଢ଼ୋ ଲୁଇପାଙ୍କ ସିଦ୍ଧପୀଠରେ ଆୟୋଜିତ ରାଜ୍ୟସ୍ତରୀୟ ମକର ମେଳା ଓ ସମ୍ବର୍ଦ୍ଧନା ଚିନ୍ତାମଣି ସ୍ମୃତି ପରିଷଦର ଉପଦେଷ୍ଟା ଲକ୍ଷ୍ମୀଧର ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହନ୍ତ, ଉଦଳା ଏନଏସି ଚେୟାରମ୍ୟାନ କବି ପ୍ରମିଳା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବୁଗୁଡାଇ, ସାହିତ୍ୟିକ ଶରତ ଚନ୍ଦ୍ର ନାୟକ, କବି ଶ୍ରଦ୍ଧାଞ୍ଜଳି ରାୟ, ଗାଳ୍ପିକ ତଥା ସ୍ୱପ୍ନଦ୍ୱୀପର ସମ୍ପାଦକ କାଳୀକିଙ୍କର ଦାସ, ଶ୍ୟାମସୁନ୍ଦର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏ ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ଲୁଇପା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବଣପାହାଡ଼ ଘେରା ମୂଳକରୁ ଶହ ଶହ ଲୁଇପାପ୍ରେମୀ ଉପସ୍ଥିତ ଥିଲେ। ସଂସ୍କୃତି ଓ ସଭ୍ୟତାର ଏହା ଏକ ମିଳନ ପୀଠ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ପୁଷ୍ ବାସି ମାଗେ ମୁଲୁ କାଟା ହାବୁଙ୍ଗ ଜଆର୍ ଜପଆର୍ ନେଗ୍

ବାରିପଦା, ୧୬।୧(ସମିସ): ଶିମିଳିପାଳ ପାଦଦେଶରେ ଅବସ୍ଥିତ ତାରାଯୋଡ଼ି ତିବ୍ବତୀୟନ୍ ଭାଲେ ନେଚର କ୍ୟାମ୍ପରେ ମୁଣ୍ଡାରୀ ୟୁଟ୍ୟୁବର, ପ୍ରଯୋଜକ ଓ କଳାକାର ସଂଘର ପୁଷ୍ ବାସି ମାଗେ ମୁଲୁ କାଟା ହାବୁଙ୍ଗ ଜଆର୍ ଜପଆର୍ ନେଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ



ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ହୋଇ ସାମୂହିକ ଭାବେ ମୁଣ୍ଡା ଆଦିବାସୀ ପରମ୍ପରା ଅନୁଯାୟୀ ଗୁରୁଜନଙ୍କ ପାଦ ପ୍ରକ୍ଷାଳନ ପୂର୍ବକ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ସଂଘ ସଭାପତି ରବୀନ୍ଦ୍ର ନାଥ ସିଂ ଜାଲେଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର କୋଷାଧ୍ୟକ୍ଷ ନାଥ ସିଂ, ସମ୍ପାଦକ ରାମ ମୁଣ୍ଡା, ଶଙ୍କର ସିଂ, ଓପୁ ସିଂ, ନାଥ ସିଂ ହାଳାଦ, ଗୁରୁବାରୀ ସିଂ, ମହେଶ୍ୱର ସିଂ, ଉପଦେଷ୍ଟା ରସାନନ୍ଦ ସିଂ, ଇଂ ସୁନାରାମ ସିଂ, ନାୟିକା ଜୟନ୍ତୀ, ନାୟକ ହାଂସୁଙ୍କ ସହିତ ଅନେକ ମୁଣ୍ଡାରୀ କଳାକାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

କୁଡୁମୀ ସମ୍ପ୍ରଦାୟର ଅନନ୍ୟ ପରମ୍ପରା ଟୁସୁ ମେଳା

## ମେଳାକୁ ନେଇ ଉତ୍ସବମୁଖର ରାଇରଙ୍ଗପୁର ସହର

ରାଇରଙ୍ଗପୁର, ୧୬।୧ (ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅନେକ ଅଧିବାସୀ ବସବାସ କରନ୍ତି। ସେଥିମଧ୍ୟରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କ ପରମ୍ପରା ନିଆରା। ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି ଅବସରରେ କୁଡୁମୀ ସମ୍ପ୍ରଦାୟର ଅନନ୍ୟ ପରମ୍ପରା ଟୁସୁ ମେଳା ଅନୁଷ୍ଠିତ ହୋଇଥାଏ। ଜାନୁଆରୀ ମାସ ଶେଷ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଟୁସୁ ମେଳା ଲାଗି ରହିଥାଏ। କୁଡୁମୀ ସମ୍ପ୍ରଦାୟର ପ୍ରସିଦ୍ଧ ଟୁସୁ ମେଳାକୁ ନେଇ ରାଇରଙ୍ଗପୁର ସହର ଚଳଚଞ୍ଚଳ ହୋଇ ଉଠିଛି।



ଆଦିମ ଜନଜାତି କୁଡୁମୀ ସମ୍ପ୍ରଦାୟର ଲୋକେ ବେଶ ଧୂମଧାମରେ ଏହି ପର୍ବ ପାଳନ କରୁଥିବାବେଳେ ବିଭିନ୍ନ ସ୍ଥାନରେ ବିଭିନ୍ନ କୁଡୁମୀ ସଂଗଠନ ଟୁସୁ ମେଳାର ଆୟୋଜନ କରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ରାଇରଙ୍ଗପୁର ସହର ନିକଟସ୍ଥ ଦୁବଲାବେଡାଠାରେ ଟୁସୁ ମେଳାର ଆୟୋଜନ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ସୁନ୍ଦର ସୁସଜ୍ଜିତ ଟୁସୁ ମେଢ ଆସି ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆକର୍ଷଣୀୟ ଟୁସୁ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଟୁସୁ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନିଜ ନିଜ ଟୁସୁ ମେଢ ନିକଟରେ ପାରମ୍ପରିକ ନାଚଗୀତରେ ଝୁମି ଉଠୁଛନ୍ତି କୁଡୁମୀ ସମ୍ପ୍ରଦାୟର ମହିଳା। ଟୁସୁ ମେଳା ଦେଖିବାକୁ ଲୋକଙ୍କ ଭିଡ଼ ପ୍ରବଳ ହୋଇଥିବା ଦେଖିବାକୁ ମିଳିଛି। ସେପଟେ ଭିଡ଼କୁ ଦୃଷ୍ଟିରେ ରଖି ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ସୃଷ୍ଟି ହୁଏ, ସେ ନେଇ କିଛି ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ତେବେ ଟୁସୁ ପୂଜା ଓ ଟୁସୁ ମେଳା ରାଇରଙ୍ଗପୁର ଉପଖଣ୍ଡରେ ବେଶ ଖ୍ୟାତି ଅର୍ଜନ କରିଛି। କୁଡୁମୀ ସମ୍ପ୍ରଦାୟର ଲୋକେ ବେଶ ଉତ୍ସାହର ସହିତ ପୂଜାର୍ଚ୍ଚନା କରିଛନ୍ତି।

## ଉଦଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ଉଦଳା/ଗୋପବନ୍ଧୁନଗର, ୧୬।୧(ସମିସ): ଉଦଳା ଜାତୀୟ ସେବା ଯୋଜନା ଶାଖା ଓ ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସହଯୋଗରେ ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଯାପିତ



ହୋଇଛି। ଉକ୍ତ ଶିବିରକୁ ଉଦଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ଓ ପ୍ରଶାସନିକ ଅଧିକାରୀ ଡ. ଦିବ୍ୟଲୋଚନ ଭୂୟାଁ ଉଦଘାଟନ କରିଥିବାବେଳେ ଏଥିରେ ୫୨ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। +୩ ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମହିଳା ବିଭାଗ ଅଧିକାରିଣୀ ଦେବୀଦତ୍ତା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସ୍ୱେଚ୍ଛାସେବୀ ବୃକ୍ଷରୋପଣ, ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଉଦଳା ପୁଲିସ ଷ୍ଟେସନରେ ସ୍ୱଚ୍ଛତା ଓ ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ପୋଷ୍ୟଗ୍ରାମ ଜୁଆଳିଆ, ଅଦାପାଳଠାରେ ୧୧୦ ପରିବାରକୁ ନେଇ ସର୍ବନିମ୍ନ ଆବଶ୍ୟକତା ଉପରେ ସର୍ଭେ କରିଥିଲେ। ଶିବିରକୁ ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଏଚ୍ଛପଥୀ, ଏନଏସଏସ ବ୍ୟୁରୋର ସଂଯୋଜକ ଡ. ବସନ୍ତ କୁମାର ମହାନ୍ତଙ୍କ ଦ୍ୱାରା ମହାବିଦ୍ୟାଳୟ ସମ୍ମୁଖରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଗୋଲକ ବିହାରୀ ନାୟକ, ସୌମେନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ କ୍ରିଷ୍ଣା ଦାସ, ସୁଚିଶ୍ରୀ, ସାର୍ଥକ, ପଦ୍ମାବତୀ, ବନ୍ଦନା, କରନ, ଅର୍ଜୁନ, କାର୍ତିକ, ହରପ୍ରିୟା, ସ୍ୱୟଂସିଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ବଡ଼ପଳସା-ବୁରୁପଳସା ରାସ୍ତା କାମରେ ଅନିୟମିତତା ଅଭିଯୋଗ

ବହଳଦା, ୧୬।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାଢ଼େପଟକା (ଧଣିଚାସାହି) ଦେଇ ବୁରୁପଳସା ଗ୍ରାମ ପର୍ଯ୍ୟନ୍ତ ରାସ୍ତା କାମରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହି ରାସ୍ତାକୁ ମେଟାଲ ଓ ମୋରମ କରାଯିବାକୁ ମନରେଗା ଯୋଜନାରେ ୱାର୍କକୋଡ ନଂ ଆରସି/ଜିଆଇଏସ/୫୨୯୫୭ ଅନୁସାରେ ୯୯୬୫୬୧ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରା ନ ଯାଇ ମେଟେରିଆଲ ବାବଦକୁ ୪ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ନେଇ ବାଢ଼େପଟକା ଓ ବୁରୁପଳସା ଗ୍ରାମବାସୀ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ଜନଅଭିଯୋଗ ଶୁଣାଣିରେ ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା କାମ ଦାୟିତ୍ୱରେ ଥିବା ମେଟ୍ କୁଆଁର ମାର୍ଣ୍ଡିଙ୍କ ଜରିଆରେ ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏହାଛଡା ମେଟ୍ କୁଆଁର ମାର୍ଣ୍ଡିଙ୍କ ଦ୍ୱାରା ପୂର୍ବରୁ ମଧ୍ୟ ବଡପଳସା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିମ୍ନମାନର କାର୍ଯ୍ୟ



ହୋଇଆସିଛି। ତେଣୁ କୁଆଁର ମାର୍ଣ୍ଡିଙ୍କୁ ମେଟ୍ ପଦରୁ ବହିଷ୍କୃତ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମେଟାଲ, ମୋରମ ରାସ୍ତା ନିର୍ମାଣ ପାଇଁ ପାଖାପାଖି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ନାମକୁ ମାତ୍ର ଠାଏଁ ଠାଏଁ ମୋରମ (ନାଲିଗୋଡି) ପକାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅଭିଯୋଗ ଆଧାରରେ ତୃଣମୂଳ ସ୍ତରରେ ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ମଙ୍ଗଳା ହାଁସଦା, କାହ୍ନୁରାମ ସୋରେନ୍, ମକ୍ର ପୂର୍ତ୍ତି, ରବି ଟୁଡୁ ଓ ସିଦୋ ହେମ୍ବ୍ରମ ପ୍ରମୁଖଙ୍କ ସହ ଗ୍ରାମବାସୀ ଜନଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ।

## ବାରିପଦା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା

ବାରିପଦା, ୧୬।୧(ସମିସ): ସ୍ଥାନୀୟ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୮ ତାରିଖରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ମହୋତ୍ସବରେ ଶିକ୍ଷାର୍ଥୀ-ଶିକ୍ଷକ ଓ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ୟାରମ୍, ଚେସ୍ ଓ ବ୍ୟାଡମିଣ୍ଟନ ପରି ଇନଡୋର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦ ତାରିଖରେ ଆୟୋଜିତ ପ୍ରଥମ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇଟିଇଆଇ ଟାଇଗର୍ସ ଦଳ ଚାମ୍ପିଅନ୍ ହୋଇଥିଲେ। ୧୨ ତାରିଖରେ ମୁଖ୍ୟ କ୍ରୀଡ଼ା ଦିବସରେ ଆନ୍ତର୍ଜାତିକ ରଗ୍‌ବୀ ଖେଳାଳି ପାର୍ବତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ବାରିପଦା ପୌରପାଳିକାର ୩ ନମ୍ବର ୱାର୍ଡ କାଉନସିଲର ରାଜ ଗୁପ୍ତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ ସମେତ ଲଙ୍ଗଜମ୍ପ, ହାଇଜମ୍ପ, ସଟ୍‌ପୁଟ୍, ଡିସକସ୍ ଥ୍ରୋ ଓ ଜାଭେଲିନ ଥ୍ରୋ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ବର୍ଷେଣ୍ୟ ଜେନା (ଛାତ୍ର) ଓ ଦୁଲୀ ମୁର୍ମୁ (ଛାତ୍ରୀ) ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ଉଦଯାପନୀ ସମାରୋହରେ ଓଡ଼ିଶା ଭଲିବଲ୍ ଆସୋସିଏସନର ଉପସଭାପତି ମନୋରଞ୍ଜନ ଜିଉ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟକ୍ଷ ରଥିନ୍ଦ୍ରନାଥ ଘୋଷଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷା ପ୍ରଶିକ୍ଷିକା ଚାନ୍ଦିନୀ ଖାତୁନ ପରିଚାଳନା କରିଥଲେ।



## ବ୍ରାଇନସୁଗର ଜବତ; ଜଣେ ଗିରଫ

ଭୋଗରାଇ, ୧୬।୧(ସମିସ): ଭୋଗରାଇ ବ୍ଲକ ସରସ୍ୱତୀପୁର ରୋଡ୍ ଦେଉଳାଠାରେ ବ୍ରାଉନସୁଗର ବିକ୍ରି ବେଳେ ଗୋପନୀୟ ସୂତ୍ରରୁ ଖବରପାଇ ଜଳେଶ୍ୱର ରେଞ୍ଜର ଇନ୍ସପେକ୍ଟର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ଉ କରି ଗୋଟିଏ ବାଇକ ସହିତ ୧୬୫ ଗ୍ରାମ ଓଜନର ବ୍ରାଇନସୁଗାର ଓ ନଗଦ ୧୦୭୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଇନସୁଗରର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ୫୦ ହଜାର ହେବ। ଗିରଫ ହୋଇଥିବା ଯୁବକ ହେଲେ ସାନତେଘରୀ ଗ୍ରାମର ବିଜୟ ସାହୁ (୨୭)। ଏନେଇ ଜଳେଶ୍ୱର ଅବକାରୀ ରେଞ୍ଜର ଥାନାରେ ମାମଲା ରୁଜୁ କରାଯାଇଛି। ଚଢ଼ଉରେ ଜଳେଶ୍ୱର ରେଞ୍ଜର ଇନ୍ସପେକ୍ଟର ଦେବେନ୍ଦ୍ର ବେହେରା, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ଅନିଲ ପଣ୍ଡା, ବାସୁଦେବ କାମିଲା ସହିତ ଅନ୍ୟମାନେ ସାମିଲ ଥିଲେ।

## ନିଆଁରେ ପୋଡ଼ି ଯୁବତୀ ଗୁରୁତର

ସୋର, ୧୬।୧(ସମିସ): ସୋର ଥାନା ଖରାସାହାପୁର ଗ୍ରମର ଜଣେ ଯୁବତୀ ନିଆଁରେ ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ଗତକାଲି ରାତିରେ ଏହି ଗ୍ରାମର ମମତାରାଣୀ ଜେନା (୪୦) ଚୁଲି ନିକଟରେ ବସି ନିଆଁ ପୋଉଁଥିଲେ। ଏହି ସମୟରେ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଜି ସକାଳେ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ସୋର ନାଗରିକ ମଞ୍ଚର ସମୀକ୍ଷା ବୈଠକ

ସୋର, ୧୬।୧(ସମିସ): ନୂତନ ବର୍ଷ ଉପଲକ୍ଷେ ସୋର ନାଗରିକ ମଞ୍ଚର ସମସ୍ତ ସଦସ୍ୟସଦସ୍ୟାଙ୍କୁ ନେଇ ପଞ୍ଚଲିଙ୍ଗେଶ୍ୱରଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ସାମୂହିକ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ବିଭାଗୀୟ ପ୍ରଶାସନଙ୍କ ସହ ଆଲୋଚନା ମାଧ୍ୟମରେ ସଫଳତାର ସହ କାର୍ଯ୍ୟ କରିଆସୁଛି ବୋଲି ମଞ୍ଚର ଉପ ସଭାପତି ମାୟାଧର ନାୟକ ମତବ୍ୟକ୍ତ କରିଥିଲେ। ସୋର ରେଳ ଷ୍ଟେସନ ଅମୃତ ଭାରତ ଯୋଜନାରେ ସାମିଲ ହେବା ସତ୍ତ୍ୱେ ଷ୍ଟେସନର ଉନ୍ନୟନ କାର୍ଯ୍ୟପ୍ରତି ପୂର୍ବତଟ ରେଳବିଭାଗର ଅବହେଳା ଚରମ ସୀମାରେ ପହଞ୍ଚିଛି। ସୋର ଭଳି ଏକ ଜନଗହଳିପୂର୍ଣ୍ଣ ଷ୍ଟେସନରେ ସକାଳ ୯ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ଦୂରଗାମୀ ଟ୍ରେନ କିମ୍ବା ମେମୋ ଟ୍ରେନର ଷ୍ଟପେଜ ନାହିଁ। ରେଳ ବିଭାଗର ସ୍ଥାଣୁତା ପ୍ରତି ବୈଠକରେ ଉଦବେଗ ପ୍ରକାଶ ସହ ଆସନ୍ତା ମାସ ଫେବୃଆରୀ ତୃତୀୟ ସପ୍ତାହରେ ଆନ୍ଦୋଳନ ଓ ବିକ୍ଷୋଭ ମାନ ସଂଗଠିତ ପାଇଁ ସ୍ଥିର ହୋଇଛି। ମଞ୍ଚର ଉପସଭାପତି ଡକ୍ଟର ନରହରି ନାୟକ, ବରିଷ୍ଠ ସଦସ୍ୟ ନବକିଶୋର ଦାସ, ରବିନାରାୟଣ ଉପାଧ୍ୟାୟ, ଗଙ୍ଗାଧର ପାଢ଼ୀ, ମନୋଜ ରାୟ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିଲେ। ଇଂ ଦିବାକର ଦଳାଇ, ପଞ୍ଚାନନ ଶିଅଳ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଖଗେନ୍ଦ୍ର ପ୍ରଧାନ, କଟଚନ୍ଦ୍ର ବେହେରା, ରବିନାରାୟଣ ନନ୍ଦ, ନିତ୍ୟାନନ୍ଦ କର, ରଜନୀକାନ୍ତ ପାଣିଗ୍ରାହୀ, ଚିତ୍ତରଞ୍ଜନ ଦାଶ, ପଦ୍ମଲୋଚନ ପାତ୍ର, ଜିତେନ୍ଦ୍ର ଦାଶ, ରାଜାରାଣୀ ଜେନା, ଶରତଚନ୍ଦ୍ର ମହାନ୍ତି, ଚକ୍ରଧର ପାଢ଼ୀ, ହରିହର ଦାସ, ବଳରାମ ପୃଷ୍ଟି, ନିତ୍ୟାନନ୍ଦ ପୁହାଣ, ଅନାମ ପ୍ରସାଦ ବାରିକ, ଶଶିକାନ୍ତ ପଣ୍ଡା, ସୁରେନ୍ଦ୍ର ବେହେରା, ସୁରେଶଚନ୍ଦ୍ର ମହାପାତ୍ର, ଗୌରାଙ୍ଗ ଧଡ଼ା, ବିଜୟ ଦାସ, ପଙ୍କଜ ପଣ୍ଡା, କିଷାନ ଗୁପ୍ତା, ମହେନ୍ଦ୍ର ପ୍ରସାଦ ସାହୁ, ଶରତଚନ୍ଦ୍ର ନାୟକ ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ବାସୁକୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂସ୍କୃତ ଡାଟା ଏଣ୍ଟ୍ରି ଅପରେଟର ଆସୋସିଏସନ୍‌ର ଦାବିପତ୍ର



ସୋର, ୧୬।୧(ସମିସ): ଓଡ଼ିଶା ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକର ଡାଟା ଏଣ୍ଟ୍ରି ଅପରେଟର ପଦ ଖୋଲିବା ପାଇଁ ଏକ ଦାବିପତ୍ର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରରଙ୍କୁ ସଙ୍ଘ ପକ୍ଷରୁ ପ୍ରଦାନ କରାଯାଇଛି। ଡିଇଓ ପଦକୁ ବିଶ୍ୱବିଦ୍ୟାଳୟ ଅନୁମୋଦିତ କର୍ମଚାରୀ ବ୍ୟବସ୍ଥା (ୟାର୍ଡଷ୍ଟିକ୍) ଅନ୍ତର୍ଗତ ସୃଷ୍ଟି ଓ ସ୍ୱୀକୃତି ଦାବିରେ ଅଖିଳ ଓଡ଼ିଶାର ସଂସ୍କୃତ ମହାବିଦ୍ୟାଳୟ ଡାଟା ଏଣ୍ଟ୍ରି ଅପରେଟରମାନେ (ଡିଇଓ) ରେଜିଷ୍ଟ୍ରାରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସୋର ବ୍ଲକ କେଦାରପୁରସ୍ଥ ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ତଥା ସଙ୍ଘ ସଭାପତି ଆଝାରୁଦ୍ଦିନ ଶାହାଙ୍କ ନେତୃତ୍ୱରେ ଏକ ଟିମ ରେଜିଷ୍ଟ୍ରର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଡାଟା ଏଣ୍ଟ୍ରି ଅପରେଟରମାନେ ୨୦୧୫ରୁ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟ କରିଥିବା ବେଳେ ୨୦୧୯ ମସିହାରେ ସମସ୍ତଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ମହାବିଦ୍ୟାଳୟ ପରିଚାଳନା କମିଟି କିଛି ଅର୍ଥ ପ୍ରଦାନ କରି ସେମାନଙ୍କୁ କାର୍ଯ୍ୟରେ ଲଗାଇଛନ୍ତି। ଏହି ଅପରେଟର ମାନେ ପ୍ରାୟତଃ ୩୦ଟି ପୋର୍ଟାଲରେ କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ତରଫରୁ କଲେଜରେ ଡାଟା ଏଣ୍ଟ୍ରି ପଦବୀ ଖୋଲିବା ଏବଂ ଏହାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏହି ଟିମରେ ରବୀନ୍ଦ୍ର ପୃଷ୍ଟି, ବିଶ୍ୱଦୀପ ବିଶ୍ୱାଳ, ଶୁଭମ ପ୍ରଧାନ, ବିଜୟ ମେହେର, ବିନୋଦ ପଣ୍ଡିତଙ୍କ ସମେତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ବରଗଡ଼, ରାଉରକେଲା ଏବଂ ଅନ୍ୟ ଜିଲ୍ଲାର ଡାଟା ଏଣ୍ଟ୍ରି ଅପରେଟରମାନେ ଉପସ୍ଥିତ ଥିଲେ। ଏଥି ସହିତ ଏହି ଦାବୀ ପତ୍ରକୁ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ସମେତ ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ଜୟପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ପ୍ରେରଣ କରାଯାଇଛି।

### ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ବାଟବଣା

## ଅସୁରକ୍ଷିତ ଯାତ୍ରୀ; ପରିବହନ ବିଭାଗ ଚୁପ୍

### ଦୟନୀୟ ସ୍ଥିତିରେ ଗଡୁଛି ଭଙ୍ଗା ବସ୍, ଦଉଡ଼ି ଭରସାରେ ପଛ ବନେଟ୍

ବାଲେଶ୍ୱର, ୧୬।୧(ସମିସ)

ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ଯିବାଆସିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ ମୋ ବସ ଯୋଜନା। ଏହି ଯୋଜନା ମାଧ୍ୟମରେ ଗାଁରୁ ଗାଁକୁ ଏବଂ ଗାଁରୁ ସହରକୁ ଆସୁଥିବା ମୋ ବସରେ କମ ଟଙ୍କାରେ ଲୋକେ ଆସୁଥିଲେ। ସରକାର ପରିବର୍ତ୍ତନ ହେବା ପରେ ବସର ନାମ ମଧ୍ୟ ପରିବର୍ତ୍ତନ ହୋଇଯାଇଛି। ଏବେ ଏହି ମୋ ବସର ନାମ ପରିବର୍ତ୍ତନ ହୋଇ ମୁଖ୍ୟମନ୍ତ୍ରୀ ବସ ହୋଇଛି। ତେବେ ବାଲେଶ୍ୱରରେ ଗଡୁଥିବା ଏହି ବସ ସେବା ବାଟବଣା ହୋଇଥିବାବେଳେ ଏହାର ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ଯାତ୍ରୀମାନଙ୍କ ପାଇଁ ବିପଦ ସଙ୍କୁଳ ହୋଇଛି। ଏପରିକି ବିଭିନ୍ନ ସ୍ଥାନରେ ଏହି ବସ ଦୁର୍ଘଟଣା ଘଟାଇବା ହେଉ କିମ୍ବା ବସରେ ନିଆଁ ଲାଗିଯିବା ହେଉ ନଜିର ମଧ୍ୟ ରହିଛି। ହେଲେ ବାଲେଶ୍ୱରରେ ଏହି ମୁଖ୍ୟମନ୍ତ୍ରୀ ବସ ଏବେ ଦଉଡ଼ି ଭରସାରେ ଚାଲିଛି ଯାହା ଦେଖିବାକୁ ମିଳିଛି।

ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ଗଡୁଥିବା ଗାଡି ଓଏସଆରଟିସି ଦ୍ୱାରା ପରିଚାଳିତ ହେଉଛି। ବାଲେଶ୍ୱର ଜିଲ୍ଲାରେ ୪୬ଟି ଏହି ବସ ବିଭିନ୍ନ ବ୍ଲକରେ ଗଡୁଛି। ଗାଁରୁ ଗାଁକୁ ହୋଇ ଯାତ୍ରୀଙ୍କ ନେଇ ବସଗୁଡିକ





ନିଜର ଗନ୍ତବ୍ୟସ୍ଥଳକୁ ଯାଉଛି। ସେହିକ୍ରମରେ ସଦର ବ୍ଲକରେ ଅଧୀନରେ ମଧ୍ୟ ବସଗୁଡିକ ଗାଁରୁ ଯାତ୍ରୀଙ୍କୁ ନେଇ ସହରକୁ ଆସୁଛି। ସହରକୁ ଆସୁଥିବା ବେଳେ ଗୋଟିଏ ଓଡ଼ି୦୧ଏଡବ୍ଲୁ୨୫୬୪ନମ୍ବର ବିଶିଷ୍ଟ ଗୋଟିଏ ମୁଖ୍ୟମନ୍ତ୍ରୀ ବସର ପଛପଟ ବନେଟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଯାହାକି ଦଉଡ଼ିରେ ବନ୍ଧା ହୋଇ ଦୀର୍ଘଦିନ ହେବ ଚାଲୁଛି। ଯଦି କୌଣସି ସମୟରେ ଏହି ଦଉଡ଼ି ଛିଡି ଉକ୍ତ ବନେଟଟି ଖସିପଡେ ତେବେ ରାସ୍ତାରେ ଯାଉଥିବା ଲୋକମାନଙ୍କ ଉପରେ ବିପଦ ସୃଷ୍ଟି ହୋଇପାରେ।

ଅନ୍ୟପଟେ, ଦେଖିବାକୁ ଗଲେ, ଜିଲ୍ଲାରେ ବିଭିନ୍ନ ବ୍ଲକରେ ଚାଲୁଥିବା ଏହି ବସଗୁଡିକ ସମ୍ପୂର୍ଣ୍ଣ ଭାବେ ଠିକ ରହିଛି କି ନାହିଁ ତାହା ତଦନ୍ତସାପେକ୍ଷ। ଏହାଛଡା ଜିଲ୍ଲାର ଗଡୁଥିବା ସମସ୍ତ ବସ ଗୁଡିକର ଫିଟନେସ କିମ୍ବା ପଲ୍ୟୁସନ ସଠିକ ଭାବେ ରହିଛି କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଗାଡି ମଧ୍ୟରେ କଣ୍ଡିସନ ଠିକ ରହିଛି କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ। ସହରବାସୀ ଗିରିଜା ଶଙ୍କର ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ ଯୋଜନାରେ ବସ ବାଲେଶ୍ୱରରେ ଚାଲୁଛି। ହେଲେ ଅଧିକାଂଶ ବସଗୁଡିକ ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବରୁ ତାହା ଖରାପ ହେବାକୁ ବସିଛି। ଯାହାଫଳରେ ଯାତ୍ରୀମାନେ ସେଥିରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପଟେ ଜିଲ୍ଲା ପରିବହନ ବିଭାଗ ଏହାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯେଉଁ ବସ ଗୁଡିକ ଖରାପ ହୋଇଛି ତାହାକୁ ଅପସାରଣ କରାଯାଇ ବିଭାଗ ସମ୍ମୁଖରେ ଠିଆ ହୋଇଥିବା ଇଲେକଟ୍ରୋନିକ ବସ ଗୁଡିକୁ ସେଇ ରୁଟରେ ଚଳାଇବା ପାଇଁ ଉଦ୍ୟମ କରନ୍ତୁ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ତୁରନ୍ତ ଦୃଷ୍ଟି ଦେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ବସ ଯୋଜନାରେ ବାଲେଶ୍ୱର ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ଏଲ ତିରୁପତି ଆଚାରୀ କହିଛନ୍ତି ଯେ ଜିଲ୍ଲାରେ ୪୬ଟି ଗାଡ଼ି ଗଡୁଛି। ସମସ୍ତ ବସଗୁଡିକ ଠିକ ରହିଥିବା ବେଳେ ଯେ କୌଣସି ବସ ପକ୍ଷରୁ ଏହାର ମରାମତି ପାଇଁ ଅଭିଯୋଗ ଆସିଲେ ସେମାନେ ସହରକୁ ବସ ଯୋଗାଇଥିବା କମ୍ପାନୀ ଚାଟାର୍ଡ ସ୍ପିଡ ଲିମିଟେଡକୁ ଯୋଗାଯୋଗ କରନ୍ତି। ସେମାନେ ଉକ୍ତ ବସର ରକ୍ଷଣାବେକ୍ଷଣା କରନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ବସର କିଛି ଖରାପ ହୋଇଥିବା ଅଭିଯୋଗ ଆସିନାହିଁ। ହେଲେ ଏନଇ ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଏନେଇ ଜିଲ୍ଲା ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ ଯୋଜାନାରେ ଜିଲ୍ଲାରେ ଗଡୁଥିବା ସମସ୍ତ ବଡଗୁଡିକର ଫିଟନେସ ପାଇଁ କୁହାଯାଇଛି। ଯେଉଁ ବସଗୁଡିକ ଖରାପ ସ୍ଥିତିରେ ଚାଲୁଥିବ ବେଳେ ସେତେବେଳେ ତାର ଫିଟନେସକୁ କେନସେଲ କରାଯିବ। ଏହି ଅଭିଯୋଗ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

● ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟଣା

## ଏସ୍‌ପିଙ୍କୁ ଭେଟି ନ୍ୟାୟ ଦାବିକଲେ ମୃତକଙ୍କ ପତ୍ନୀ

### ଘଟଣାରେ ୩ ଗିରଫ: ଏସ୍‌ପି

ବାଲେଶ୍ୱର, ୧୬।୧(ସମିସ): ବାଲେଶ୍ୱର ସଦର ଥାନା ସାରଗାଁଠାରେ ଗତ ୧୪ତାରିଖ ସକାଳ ୫ଟାରେ ଏକ ଗୋରୁ ବୋଝେଇ ଗାଡ଼ି ଓଲଟି ପଡ଼ିବା ଫଳରେ ଗାଡ଼ିର ହେଲପର ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟଣାରେ ଶୁକ୍ରବାର ପତ୍ନୀ ଓ ସମ୍ପର୍କୀୟମାନେ ଆଜି ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଅନ୍ୟପଟେ ମୃତକଙ୍କ ପତ୍ନୀ ଏସପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣାକୁ ଗୁରୁତର ସହ ନେଇ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ସୂଚନା ଦେଇଛନ୍ତି।



ଏହି ଘଟଣାରେ ସଦର ଥାନା ପୁଲିସ ଗୋରୁ ଗାଡ଼ିକୁ ଜବତ କରିବା ସହ ଗାଡିରୁ ଉଦ୍ଧାର କରାଯାଇଥିବା ଗୋଟିଏ ଗାଈକୁ ସେକପାଟଣାସ୍ଥିତ ଗୋଶାଳାରେ ଛାଡ଼ିଥିବା ଥାନାଧିକାରୀ ଅଜୟ ମୁର୍ମୁ କହିଥିଲେ। ସଦର ପୁଲିସ ୩୬/୨୬ରେ ଏକ ମାମଲା ରୁଜୁ କରିଛି। ଉକ୍ତ ଦିନ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇ ଆଇନକୁ ହାତରେ ନେଇ ଗାଡିର ହେଲପରକୁ ଅମାନୁଷିକ ଭାବେ ମାଡ଼ ମରାଯାଇ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ପତ୍ନୀଙ୍କ କହିବାନୁସାରେ, ସେ ଆଜି ଏସପିଙ୍କୁ ଭେଟି ଆଲୋଚନା କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ କିଛି ଦୁର୍ବୃତ୍ତ ପ୍ଲାଷ୍ଟିକ ପାଇପରେ ପିଟି ହତ୍ୟା କରିଛନ୍ତି। ତାଙ୍କର ତିନୋଟି ସନ୍ତାନ ଥିବା ବେଳେ ଏବେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର। ଏଣୁ ଯେଉଁମାନେ ତାଙ୍କ ସ୍ୱାମୀଙ୍କୁ ମାରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏସପି ତାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ବୋଲି କହିଛନ୍ତି। ଏସପି ଶ୍ରୀ ଦିୱାକର କହିଛନ୍ତି ଯେ ଏହି ଘଟଣାରେ ତିନି ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ବାକି ତଦନ୍ତ କରାଯାଉଛି। ଘଟଣା ଦିନ ମାଡ଼ ମରାଯାଇଥିବା ଭିଡିଓ ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେଉଛି ତାକୁ ମଧ୍ୟ ଦୃଷ୍ଟିରେ ରଖାଯାଇଛି। ଏହି ଘଟଣାରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ସମ୍ବେଦନଶୀଳ ଭିଡିଓକୁ ଜିଲ୍ଲା ପୁଲିସ ରାଜ୍ୟ ପୁଲିସ ସହଯୋଗରେ ନଜର ରଖାଯାଇଛି। ସେୟାର କରିଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଡ. ସନ୍ତୋଷ ପାତ୍ରଙ୍କୁ ଫକୀର ମୋହନ ସାହିତ୍ୟ ଓ ସମାଜସେବୀ ସମ୍ମାନ



ଭୋଗରାଇ, ୧୬।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନସ୍କରପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ କବି, ଲେଖକ ଓ ଗବେଷକ ଡଃ ସନ୍ତୋଷ କୁମାର ପାତ୍ରଙ୍କୁ ଓଡ଼ିଶାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର ଆନୁକୂଲ୍ୟରେ ଓଡିଆ ଭାଷା ଓ କଥା ସାହିତ୍ୟର ସମ୍ରାଟ ସଂକ୍ରାନ୍ତି ପୁରୁଷ ବ୍ୟାସ କବି ଫକୀର ମୋହନଙ୍କ ୧୮୪ତମ ଜନ୍ମ ତିଥିରେ ପରିଷଦର ୭୯ତମ ବାର୍ଷିକ ଉତ୍ସବରେ ସେବା ଓ ସାହିତ୍ୟ ସାଧନାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଉକ୍ତ ଉତ୍ସବରେ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଗାଳ୍ପିକ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡଃ ରାମଚନ୍ଦ୍ର ବେହେରା, ପରିଷଦର ସଭାପତି ଡଃ ସୁବାସଚନ୍ଦ୍ର ପାତ୍ର, ସମ୍ପାଦକ ଡ ରତ୍ନାକର ସିଂହ ଏବଂ ଓଡିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡଃ ଶିରିଶଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଡଃ ପାତ୍ରଙ୍କୁ ଭୋଗରାଇର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ମନ୍ମଥ ମନୋଜ ଫାଉଣ୍ଡେସନ ଶଙ୍ଖାରୀ, ଦୁର୍ଗାଦାସ ଫାଉଣ୍ଡେସନ, ବିଚିତ୍ରପୁର ଜନକଲ୍ୟାଣ ସ୍ୱେଚ୍ଛାସେବୀ, ଜଗନ୍ନାଥପୁର ପ୍ରଗତି ଚିନ୍ତନ ପରିଷଦ, ଓଷ୍ଟା ଭୋଗରାଇ ଏବଂ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତି ଭୋଗରାଇ ଆଦି ବିଭିନ୍ନ ବିଭିନ୍ନ ସଂଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୬।୧(ସମିସ): ବସ୍ତା ରେଳ ଷ୍ଟେସନ ନିକଟ ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ହରେକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଡ. ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଞ୍ଚାନନ ବେହେରା ଏହି ଅନୁଷ୍ଠାନ ହେବା ଦ୍ୱାରା ବାଲିଆପାଳ, ଜଳେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକର ବହୁ ଛାତ୍ରଛାତ୍ରୀ ସୁବିଧାରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି ବୋଲି କହିଥିଲେ। ଟ୍ରଷ୍ଟି ଡ. ଗଣେଶ ନାରାୟଣ ପ୍ରହରାଜ, ପୂର୍ବତନ ବ୍ୟାଙ୍କ ଅଧିକାରୀ ନିର୍ମଳଚନ୍ଦ୍ର ଧଳ, ଅପରାହ୍ନ ଖବରକାଗଜ ପ୍ରତିଷ୍ଠାତା ବଂଶୀଧର ଜେନା ଖେଳକୁଦ ସହ ପାଠ ପଢ଼ି ଜ୍ଞାନ ଉପାର୍ଜନ କରିବା ଏତେ ଆଦର୍ଶ ଛାତ୍ରର କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନିର୍ଦ୍ଦେଶକ ଦିଲ୍ଲୀପ ରାଉଳ, ଶିକ୍ଷକ ଅଜିତ ମହାନ୍ତି, ଜଗତକୃଷ୍ଣ ସାହୁ, ଅନୁଭବ ମହାପାତ୍ର, ଶିକ୍ଷୟିତ୍ରୀ ମମିତା ପାତ୍ର, ପ୍ରତିଭା ରାଉଳ, ପ୍ରଜ୍ଞା ବିଶ୍ୱାଳ, ସାବିତ୍ରୀ ସୋରେନ୍, ସସ୍ମିତା ଗିରି, ଦିବ୍ୟମୋହନ ବେହେରା, କଳ୍ପନା ବେହେରା, ମମତା ଘୋଷ, ପ୍ରମୋଦ ଜେନା, ସୁଜିତ ବେହେରା, ପ୍ରଫୁଲ୍ଲ ଗିରି, ଡୁଲଗୁ ସରେନ, ରମେଶ ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

## ଶାନ୍ତିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉଦ୍‌ଘାଟିତ



ଜଳେଶ୍ୱର, ୧୬।୧(ସମିସ): ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ ଜୁବିଲି ଉତ୍ସବର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ। ସଭାରେ ପ୍ଲାଟିନମ ଜୁବିଲି ସଭାପତି ତଥା ପୁରାତନ ଛାତ୍ର ସୀତାଂଶୁ ସେନାପତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା କଂଗ୍ରେସ ଦଳର ବରିଷ୍ଠ ନେତା ସୁଦର୍ଶନ ଦାସ, ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ସମ୍ମାନିତ ଅତିଥି ଜଳେଶ୍ୱର ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସୁଶାନ୍ତ ଜେନା, ପୂର୍ବତନ ଶିକ୍ଷକ ଆଦ୍ୟାଚରଣ ବେହେରା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଧରିତ୍ରୀ ଦାସ, ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ କରଣ, କାଉନସିଲର କବିତା ଧଳ, ପୁରାତନ ଛାତ୍ର ଡ. ଲଳିତ ରଞ୍ଜନ ସେନାପତି, ଖଗେନ୍ଦ୍ର କର, ଜୁବିଲି କାର୍ଯ୍ୟକାରୀ ସଭାପତି ଚିତରଞ୍ଜନ ସାହୁ, ସଞ୍ଜୟ ଦାସ, ଚୈତନ୍ୟ ଜେନା, ନିତ୍ୟାନନ୍ଦ ଜେନା ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଗ୍ରାମର ସମସ୍ତ ଗ୍ରାମବାସୀ ତଥା ପୁରାତନ ଓ ନୂତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ମେଲୋଡି ଓ ଚଳଚିତ୍ର ଅଭିନେତା ଅଭିନେତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଡଗରା ବେଳାଭୂମି ମହୋତ୍ସବ

## 'ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ବିକାଶ ଶିଥିଳ'

ବାଲିଆପାଳ ୧୬।୧(ସମିସ)

ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଧାଡ଼ି ଧାଡ଼ି ଝାଉଁ ସିଥିକା ସୁବର୍ଣ୍ଣ ବାଲୁକା ଶେଯ, ଅଗଭୀର ସମୁଦ୍ରର ମାଳ ମାଳ ଲହରୀ ନାଲି କଙ୍କଡାଙ୍କ ସମାବେଶ, ଶାନ୍ତ ପରିବେଶ ଆଜି ପ୍ରାକୃତିକ ବିଭବରେ ଅନନ୍ୟ ଓ ଅତୁଳନୀୟ। ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିକାଶ ଶିଥିଳ ବୋଲି ଶୁକ୍ରବାର ୨୨ତମ ଡଗରା ବେଳାଭୂମି ମହୋତ୍ସବରେ ଦିତୀୟ ସନ୍ଧ୍ୟାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଉତ୍ସବ କମିଟି ଓ ପ୍ରେସ କ୍ଲବ ମିଳିତ ସହଯୋଗ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ସମ୍ପାଦକ ସୁବଳଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉଦଘାଟକ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି, ମୁଖ୍ୟବକ୍ତା ବସ୍ତା ଏସଡିପିଓ ମାନସ ଦେଓ, ସମ୍ମାନିତଅତିଥି ଭାବେ ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି, ବାଲିଆପାଳ ସ୍ୱାଭିମାନୀ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ଯୁବନେତା ବିକ୍ରମ କୁମାର ପଣ୍ଡା, ଅଁଳାଡିହା ସରପଞ୍ଚ ମମତାରାଣୀ କୁଳାରି ଯୋଗ ଦେଇଥିଲେ। କମିଟିର ସଦସ୍ୟ ଖବରଦାତା ପ୍ରଭାତ ଦାସ ଓ ରମିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ ପାତ୍ର ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବନ ସୁରକ୍ଷା କମିଟିର ସଭାପତି ଗଣପତି ଜେନା ଧନ୍ୟବାଦ ଦେଇଥିଲେ। ପରେ ସିରିଏଲ୍ ଜଗତର ତାରକା ସୁଇଟି ପଟ୍ଟନାୟକଙ୍କ ନୃତ୍ୟ ଓ ଅଭିନୟରେ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ। କମିଟିର ସଦସ୍ୟ ବରିଷ୍ଠ ସାମ୍ବାଦିକ ଅଜୟ ସାହୁ, ଗୋପ ନାରାୟଣ ଜେନା ସହଯୋଗ କରିଥିଲେ।





## ଫକୀର ମୋହନ ମହାବିଦ୍ୟାଳୟର ଜାତୀୟ ଆଲୋଚନାଚକ୍ର

ବାଲେଶ୍ୱର, ୧୬।୧(ସମିସ): ଫକୀର ମୋହନ ଜୟନ୍ତୀ ଉପଲକ୍ଷେ ଫକୀର ମୋହନ ମହାବିଦ୍ୟାଳୟ ଏବଂ ଓଏଇସି, ଓଡ଼ିଶା ସମନ୍ୱୟରେ ଏକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ଗୁଗୁଲ ମିଟ୍ ପ୍ଲାଟଫର୍ମରେ ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଥିଲା ସାମ୍ପ୍ରତିକ ସମାଜରେ ଫକୀର ମୋହନ ସେନାପତିଙ୍କ ସାହିତ୍ୟ କୃତିର ପ୍ରାସଙ୍ଗିକତା। ଏହି ଆଲୋଚନାଚକ୍ରରେ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସୋନାଲିସା ମହାନ୍ତି ସଭାପତି ଭାବେ ଫକୀର ମୋହନଙ୍କ ସାହିତ୍ୟ କୃତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ ରାଉତ ପରିଚାଳନା କରିଥିଲେ। ଡକ୍ଟର ଯଶୋବନ୍ତ ସାମଲ, ଉପସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାକ୍ତନ ଅଧ୍ୟାପକ ପ୍ରମୋଦ ବେହେରା ଏହାକୁ ସଂଯୋଜନା କରିବା ସହିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ସମୀକ୍ଷକ ଥିଲେ।

ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର କୁମର ବର ଦାସ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ହୃଷୀକେଶ ପାଣିଗ୍ରାହୀ, ସହକାରୀ ପ୍ରଫେସର, ଶିକ୍ଷା ବିଭାଗ, ଖଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସାମ୍ପ୍ରତିକ ପରିସ୍ଥିତିରେ ଫକୀର ମୋହନଙ୍କ ସାହିତ୍ୟ କୃତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ନିରଞ୍ଜନ ଦାଶ, ସଭାପତି, ରାଧାକୃଷ୍ଣ ସାହିତ୍ୟ ପରିବାର, ଗେଙ୍ଗୁଟିଆ, ବାଲେଶ୍ୱର, ଅତି ମାର୍ମିକ ଓ ବାସ୍ତବବାଦୀ ଦୃଷ୍ଟିକୋଣରୁ ଶୀର୍ଷକଟିର ମର୍ମକୁ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାତ ବେହେରା, ଶିକ୍ଷା ବିଭାଗ, ଗୁରୁ ଘାଷିଦାସ ବିଶ୍ୱବିଦ୍ୟାଳୟ, ଛତିଶଗଡ଼ ଓ ଡକ୍ଟର ନରେଶ ରାଉତ, ସହକାରୀ ପ୍ରଫେସର, ଇତିହାସ ବିଭାଗ, ଛତ୍ରପୁର ସରକାରୀ କଲେଜ, ବ୍ରହ୍ମପୁର, ସାମ୍ପ୍ରତିକ ପରିସ୍ଥିତିରେ ଫକୀର ମୋହନ ସେନାପତିଙ୍କ ସାହିତ୍ୟ କୃତିର ଆବଶ୍ୟକତା ସୁଦୂରପ୍ରସାରୀ ବୋଲି ଅଭିହିତ କରିଥିଲେ। ଛାତ୍ର ତ୍ରିନାଥ ନନ୍ଦୀ ଶୀର୍ଷକ ଉପରେ ନିଜର ଆମ୍ ଚିନ୍ତନକୁ ପ୍ରତିପାଦନ କରିଥିଲେ। ଛାତ୍ରୀ ଅର୍ପିତା ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଜୟଶ୍ରୀ ଦାସ ଜାତୀୟସଙ୍ଗୀତ ଗାନ ଦ୍ୱାରା ଏହି ଆଲୋଚନାଚକ୍ରର ପରିସମାପ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସମଗ୍ର ଓଡ଼ିଶାର ଅନ୍ୟାନ୍ୟ ୨୯ଟି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସକାଳ
THE SAKALA



# ଶ୍ରୀଦଧିବାମନଜୀଉଙ୍କ ବାର୍ଷିକ ମହୋତ୍ସବ



ହାଟଡ଼ିହୀ,୧୬ ।୧(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଜୋ ସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ଆୟୋଜିତ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏବଂ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ହାଟଡ଼ିହୀ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସହ ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ଯୋଗ ଦେଇଥିଲେ । ଦଳମତ ନିର୍ବିଶେଷରେ ସମସ୍ତ ଏକ ହେଲେ, ବିକାଶ ସମ୍ଭବ ବୋଲି ସାଂସଦ ଅନନ୍ତ ନାୟକ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାର୍କଣ୍ଡ ଓଝା, ରତିକାନ୍ତ ରାଉତ, ସରପଞ୍ଚ ପ୍ରଶାନ୍ତ ରାଉତ, ସୁଶାନ୍ତ ବିଶ୍ୱାଳ, ଗିରିଜା ପ୍ରସନ୍ନ ପଟ୍ଟନାୟକ, ସୁଧାଂଶୁ ରାଉତ, କମଳଲୋଚନ ବିଶ୍ୱାଳ, ଯୁବକବି ଅଶୋକ ପୁହାଣ ଯୋଗ ଦେଇଥିଲେ ।

# ଠାକୁରାଣୀଙ୍କ ଚୋରି ରୁପା ମୁକୁଟ ମନ୍ଦିରରେ ରଖିଦେଲେ ଦୁର୍ବୃତ୍ତ

ଡୁରୁମୁଙ୍ଗା,୧୬ ।୧(ସମିସ):

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଗ୍ରାମର ମା'ଅନ୍ଧାରୀ ମନ୍ଦିର କବାଟ ଭାଙ୍ଗି ଗତ ଅକ୍ଟୋବର ୨୩ ତାରିଖ ବିଳମ୍ବିତ ରାତିରେ ଠାକୁରାଣୀଙ୍କ ରୁପାମୁକୁଟକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲା । ଏନେଇ ପାଟଣା ଥାନାରେ ଅଭିଯୋଗ ହୋଇଥିଲା । ତେବେ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଠାକୁରାଣୀଙ୍କ ରୁପା ମୁକୁଟକୁ ପୁଣି ଠାକୁରଙ୍କ ଆସ୍ଥାନ ସ୍ଥଳରେ କେହି ରଖିଦେଇଥିବା ଦେଖିବାକୁ ମିଳିଛି । ସୂଚନା ଯୋଗ୍ୟ ଯେ ଶୁକ୍ରବାର ସକାଳୁ ଗ୍ରାମର ସଞ୍ଜୟ ସେଠୀ ଓ



ଅଶୋକ ପରିଡ଼ା ଠାକୁରାଣୀଙ୍କ ଶାଳକୁ ପୂଜାପାଇଁ ଫୁଲ ନେଇ ଯାଇଥିବାବେଳେ ଠାକୁରାଣୀଙ୍କ ଆସ୍ଥାନ ନିକଟରେ ରୁପାମୁକୁଟ ରଖା ଯାଇଥିବା ଦେଖିବାକୁ ମିଳିଥିଲା । ପ୍ରତ୍ୟେକ୍ଷ ଦେବୀ ଅନ୍ଧାରୀ ଠାକୁରାଣୀଙ୍କର କୋପ ସହି ନପାରି ଚୋରି କରିନେଇଥିବା ରୁପା ମୁକୁଟକୁ ଠାକୁରାଣୀଙ୍କ ନିକଟରେ ଛାଡ଼ି ଯାଇଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦୀପକ ରାଜ, ଗୋପବନ୍ଧୁ ବିଶ୍ୱାଳ ପ୍ରମୁଖ କହିଛନ୍ତି । ଏନେଇ ମନ୍ଦିର ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ । ମୁକୁଟର ଓଜନ ୧କିଲୋରୁ ଊର୍ଦ୍ଧ୍ୱ ହେବବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ର କହିଛନ୍ତି ।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ



କୁଆମରା,୧୬ ।୧(ସମିସ): ଉଦଳା-ବୈଶିଙ୍ଗା ରାସ୍ତାର ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣା ବାରିପଦା ନିକଟସ୍ଥ ଖଡିକାପଦା ନିକଟରେ ଆଜି କୁଆମରା ଫାଣ୍ଡି ପୁଲିସ ଏକ ଗୋରୁ ବୋଝେଇ ପିକଅପକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ବଡ଼ସାହି ଥାନା ଅଞ୍ଚଳର ଇନ୍ଦ୍ରଜିତ ଗିରି ଓ ପ୍ରବୀର ରାୟ ପିକଅପ୍ ଯୋଗେ ବେଆଇନ ଭାବେ କୁଆମରା ଫାଣ୍ଡି ଅଞ୍ଚଳରୁ ତିନୋଟି ଗୋରୁ ବୋଝେଇ କରି ନେଉଥିବାବେଳେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ । ପିକଅପକୁ ଜବତ କରି ଫାଣ୍ଡିରେ ଅଟକ ରଖାଯାଇଥିବାବେଳେ ଏ ନେଇ ଏକ ମାମଲା ରୁଜୁ ହୋଇଛି । ଜବତ ହୋଇଥିବା ଗୋରୁଙ୍କୁ ମା' ଭାରତୀ ଗୋଶାଳା କେନ୍ଦ୍ରକୁ ପଠାଯାଇଥିବା ଶ୍ରୀ ମହାନ୍ତି କହିଛନ୍ତି

# ଅଗ୍ନିବିପନ୍ନ ୪ ପରିବାରଙ୍କ ସ୍ଥିତି ପରଖିଲେ ବିଧାୟକ



ହାଟଡ଼ିହୀ,୧୬ ।୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଧୀନ ଶାଳଣିଆଁ ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ଘର ସମ୍ପୂର୍ଣ୍ଣ ଜଳିଯାଇଛି । ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଅଗ୍ନିବିପନ୍ନଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଭେଟିବା ସହ ଘଟଣାର ସ୍ଥିତି ପରଖିଛନ୍ତି । ବଳଭଦ୍ରପୁର ଗ୍ରାମର ଜଗନ୍ନାଥ ସେଠୀ, ମନୋଜ କୁମାର ସେଠୀ, ପଙ୍କଜ ସେଠୀଙ୍କ ପରିବାର ଲୋକେ ରାତିରେ ଶୋଇଥିଲା ବେଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା । ଜୀବନ ବଞ୍ଚାଇବାକୁ ଯାଇ ସମସ୍ତ ପରିବାରର ସଦସ୍ୟମାନେ କେବଳ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କିଛି ଉଦ୍ଧାର କରିପାରି ନଥିଲେ । ଚାରି ପରିବାରର ୫ବଖରା ଜଳିଯିବା ସହ ପ୍ରାୟ ୨୫ଲକ୍ଷ ଟଙ୍କାର ଘରୋଇ ସରଞ୍ଜାମ ପୋଡ଼ି ହୋଇଯାଇଛି । ଏଭଳି ଦୁଃଖଦ ଖବରପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ନିଜସ୍ୱ ପାଣ୍ଠିରୁ ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଏଥିସହ ପ୍ରଶାସନ ତରଫରୁ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ବ୍ୟବସ୍ଥା ଅନୁଯାୟୀ ସହାୟତା ଯୋଗାଇ ଦେବାକୁ ହାଟଡିହୀ ତହସିଲଦାରଙ୍କୁ ଅବଗତ କରାଇଥିଲେ । ବିଧାୟକଙ୍କ ସହ ରାଜ୍ୟ ଛାତ୍ର ବିଜେଡିର ସଭାପତି ଅମରେନ୍ଦ୍ର ଧଳ, କେନ୍ଦୁଝର ଜିଲ୍ଲା ସମ୍ପାଦକ ବିରେନ୍ଦ୍ର ବିଶ୍ୱାଳ, ସମାଜସେବୀ ଅମୂଲ୍ୟ ଶଙ୍ଖୁଆ, ଅମର ସେଠୀ, ବାବାଜୀ ସାହୁ, ଅଜୟ ଜେନା, ପରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ କମ୍ପ୍ୟୁଟର ଦକ୍ଷତା ପ୍ରତିଯୋଗିତା

ବାରିପଦା, ୧୬ ।୧(ସମିସ): ସ୍ଥାନୀୟ ୟୁନିଭାର୍ସଲ ଏଜ୍ୟୁକେସନ ପଏଣ୍ଟ ପରିସରରେ ଅନୁଷ୍ଠାନ ପକ୍ଷରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ସୂଚୀ ଅନୁଯାୟୀ ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ କମ୍ପ୍ୟୁଟର ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ଶେଷରେ ଅଧ୍ୟାପକ ସମରେନ୍ଦ୍ର ବସାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ



ଆଧୁନିକ କୃତ୍ରିମ ବୁଦ୍ଧିମାତ୍ତା ଯୁଗରେ କମ୍ପ୍ୟୁଟର ଦକ୍ଷତାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଏମପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡେଫୋଡିଲ ମହାନ୍ତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ପିଆରଏମ ଭେଷଜ ମହାବିଦ୍ୟାଳୟର ଦେବାଶିଷ ସରକାର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏମପିସି ଉଚ୍ଚ ମାଧ୍ୟମିକ ଆଶିଷ କୁମାର ସିଂ ଦ୍ୱିତୀୟ ଓ ସୁରବାଳା ପୃଷ୍ଟି, ଓ ମୋହନ ଖେରୱାଲ ଟୁଡୁ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅତିଥିମାନେ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ।


# ଅସ୍ଥି ବିସର୍ଜନ ପାଇଁ ଡୁଡୁହା ଚଳଚଞ୍ଚଳ



କୁଆମରା,୧୬ ।୧(ସମିସ): ଗୋପବନ୍ଧୁନଗର ବ୍ଲକ ଘଣ୍ଟାଶୀଳାସ୍ଥ ଡୁଡୁହାଠାରେ ପ୍ରବାହିତ ଗଙ୍ଗାହାର ନଦୀରେ ମକର ସଂକ୍ରାନ୍ତି ଅବସରରେ ଅସ୍ଥି ବିସର୍ଜନ ପାଇଁ ପ୍ରବଳ ଜନସମାଗମ ସହ ଚଳଚଞ୍ଚଳ ହୋଇଉଠିଛି ଆଖପାଖ ଅଞ୍ଚଳ । ପରମ୍ପରା ଅନୁଯାୟୀ ଆଦିବାସୀ ସମ୍ପ୍ରଦାୟର ଲୋକେ ଉକ୍ତ ଦାମୋଦର ମେଳାରେ ପୂର୍ବରୁ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ପାଇଁ ଅସ୍ଥି ବିସର୍ଜନ କରିବା ସହ ଶ୍ରାଦ୍ଧ ଓ ତିଳତର୍ପଣ କରି ବୁଡ଼ ପକାଇଛନ୍ତି । ତତ୍‌ସହିତ ସେଠାରେ ଥିବା ଶାଳ ଗଛକୁ ଇଷ୍ଟ ଦେବତା ଭାବେ ରୀତିନୀତି ଅନୁଯାୟୀ ପାରଗାନଙ୍କ ଦ୍ୱାରା ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ଅସ୍ଥି ବିସର୍ଜନ କରିଥିବା ଲୋକ ଲଣ୍ଡା ହୋଇଥା'ନ୍ତି । ଯାହା ସ୍ୱର୍ଗପ୍ରାପ୍ତି କରିଥିବା ଲୋକର ଆତ୍ମା ଶାନ୍ତି ପାଇବ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ତତ୍‌ସହିତ ପୂଜା ପାଠ ଓ କର୍ମ ସରିବା ପରେ ନିଜ ନିଜ ଘରୁ ଆଣିଥିବା ବସ୍ତ୍ର, ବାସନ ଓ ବିଭିନ୍ନ ସାମଗ୍ରୀ ଅନ୍ୟମାନଙ୍କୁ ଦାନ ଆକାରରେ ଦେଇଛନ୍ତି । ତେବେ ଏହି ପରମ୍ପରା ପ୍ରାୟ ୪୦ ବର୍ଷ ହେବ ଘଣ୍ଟାଶୀଳା ଗ୍ରାମର ହାଡିବନ୍ଧୁ ମୁର୍ମୁଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା । ଏବେ ଏହାର ଏକ ସ୍ୱତନ୍ତ୍ର କମିଟି ରହିଛି । କମିଟିର ସଭାପତି ଭାବେ ସାଗରାମ୍ ମୁର୍ମୁ ଓ ସମ୍ପାଦକ ପଦ୍ମଲୋଚନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

କୁଆମରା,୧୬ ।୧(ସମିସ): ଖୁଣ୍ଟା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ଦୀପକ ଚୌଧୁରୀଙ୍କ ବାପା ନଗେନ୍ଦ୍ର ନାଥ ଚୌଧୁରୀ (୮୦)ଙ୍କ ଆଜି ପୂର୍ବାହ୍ନରେ ପରଲୋକ ଘଟିଛି । ସେ ଆଜି ସକାଳେ ଘରେ କୌଣସି କାମ କରିବାକୁ ଯାଉଥିବାବେଳେ ହଠାତ ପଡ଼ିଯାଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦଳା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ନରେନ୍ଦ୍ର ନାଥ ଜଣେ ମିଷ୍ଟଭାଷୀ ଓ ମେଳାପୀ ସହ ଗଡ଼ି ଗାଁ ପଞ୍ଚାୟତର ୧୯୮୫ରେ ସରପଞ୍ଚ ଥିଲେ । ତତ୍‌ସହିତ ବିଭିନ୍ନ ଧର୍ମାନୁଷ୍ଠାନ ଓ ସଂଗଠନ ସହ ଜଡ଼ିତ ରହି ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁଅ, ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ଅପରାହ୍ନରେ ମହ୍ଲାରପଦା ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ଦୀପକ ମୁଖାଗ୍ନି ଦେଇଥିଲେ ।



# ଶାଳପଡ଼ାରେ ପାଣି ପଞ୍ଚାୟତ ପକ୍ଷ ଦିବସ



ଆନନ୍ଦପୁର,୧୬ ।୧(ସମିସ): ଆନନ୍ଦପୁର ଶାଳପଡ଼ାସ୍ଥିତ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ପାଣି ପଞ୍ଚାୟତ ପକ୍ଷ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ହାଟଡିହି ବ୍ଲକ ଶିକ୍ଷାଧିକାରୀ ରାଜୀବଲୋଚନ ଦଳେଇ, ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ନୀଳମାଧବ ଦାସ ଉଦ୍‌ଘାଟନ କରିଥିଲେ । ମୋନାଲିସା ମାନସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ଉଦ୍‌ବୋଧନରେ ପାଣି ପଞ୍ଚାୟତର ମୁଖ୍ୟ ୨୦୨୬ ଅବସରରେ ସମସ୍ତ ପାଣି ପଞ୍ଚାୟତର ସଦସ୍ୟ, ସଦସ୍ୟା ଓ କୃଷକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ । ୪୦ ହଜାରରୁ ଅଧିକ ପାଣି ପଞ୍ଚାୟତ ରାଜ୍ୟରେ ଭାଗିଦାରୀ ଭିତ୍ତିକ ଜଳ ପରିଚାଳନାରେ ଭୂମିକା ନିର୍ବାହ କରୁଛନ୍ତି । ଜଳ ପରିଚାଳନାରେ ଚାଷୀମାନଙ୍କୁ ସମାନତା ପ୍ରଦାନ କରିବା ଏବଂ ସେମାନଙ୍କର ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ସହ ଫସଲର ବିବିଧିକରଣ ପ୍ରଯୁକ୍ତି ବିଦ୍ୟା ଗ୍ରହଣ ବ୍ୟାପକତା ବୃଦ୍ଧି ଏବଂ ସଂରକ୍ଷଣ ପାଇଁ ପାଣି ପଞ୍ଚାୟତ ଏକ ସଫଳ ଉଦ୍ୟମ । ଘସିପୁରା ବ୍ଲକ୍‌ର ସହକାରୀ କୃଷି ଅଧିକାରିଣୀ ଶୁଭଶ୍ରୀ ନାୟକ, ଆନନ୍ଦପୁର ବ୍ଲକର କୃଷି ଅଧିକାରୀ ଜଗମୋହନ ନାୟକଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ବିଶ୍ୱାଳ, ଦୀପକ କୁମାର ସାମଲ, ସିଦ୍ଧାର୍ଥ ଶଙ୍କର ଦାସ, ଦୀପ୍ତିରଞ୍ଜନ ରାଉତ, ସୁଧାଂଶୁ ଶେଖର ଦାସ, ସୌମେନ୍ଦ୍ର ପତି ଉପସ୍ଥିତ ଥିଲେ ।

# ପୁରାତନ ଟୁସୁ ମେଳା ଉଦ୍‌ଘାଟିତ




ରାଇରଙ୍ଗପୁର/କରଞ୍ଜିଆ, ୧୬।୧ (ସମିସ): କୁଡୁମୀ ସମ୍ପ୍ରଦାୟର ଅନନ୍ୟ ପରମ୍ପରା ଟୁସୁ ମେଳା ଯଶିପୁର ବ୍ଲକ୍ ଅନ୍ତର୍ଗତ ମଣ୍ଡାଠାରେ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମାଜସେବୀ ଅମିତ ମହାନ୍ତ, ବିପିନ ବିହାରୀ ମହାନ୍ତ, କାଳୀଚରଣ ନାଏକ, ଦିବ୍ୟସିଂହ ମହାନ୍ତ, ଲାଲି ମହାନ୍ତ ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ଟୁସୁ ପର୍ବ କୁଡୁମୀ ସମ୍ପ୍ରଦାୟର ଲୋକ ପର୍ବ ଅଟେ । କୁଡୁମୀ ସମ୍ପ୍ରଦାୟର ଏହି ନିଆରା ପରମ୍ପରା ଟୁସୁ ମେଳା ଦେଖିବା ନିମନ୍ତେ ଅନେକ ଲୋକଙ୍କ ସମାଗମ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ସୁନ୍ଦର ସୁସଜ୍ଜିତ ଟୁସୁ ମେଢ ଆସି ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଆକର୍ଷଣୀୟ ଟୁସୁ ମେଢ଼କୁ ପୁରସ୍କୃତ କରାଯିବ ବୋଲି ଟୁସୁ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଟୁସୁ ମେଢ ନିକଟରେ ପାରମ୍ପରିକ ନାଚଗୀତରେ କୁଡୁମୀ ସମ୍ପ୍ରଦାୟର ମହିଳାମାନେ ନାଚ ପରିବେଷଣ କରିଥିଲେ । ଟୁସୁ ମେଳା ଦେଖିବାକୁ ଲୋକଙ୍କ ଭିଡ଼ ପ୍ରବଳ ହୋଇଥିବା ଦେଖିବାକୁ ମିଳିଛି ।

# କେଶଦୁରାପାଳ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



ଆନନ୍ଦପୁର,୧୬ ।୧(ସମିସ): ଘସିପୁରା ବ୍ଲକ୍ କେଶଦୁରାପାଳ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଭଗବତୀ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ, ସମ୍ମାନିତ ଅତିଥି ଭାବେ ଟୁନାମଣୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପାର୍ଥ ସାରଥୀ ରାଉତ୍, ପଞ୍ଚସଖା ଶିକ୍ଷ୍ୟା ସେତୁ ସଭାପତି, ଅନାମଚରଣ ସେନାପତି, ସ୍କୁଲ୍ ପରିଚାଳନା କମିଟି ସଭାପତି ରତ୍ନାକର ସାହୁ, ବିଦ୍ୟାଳୟର ପୂର୍ବତନ ସହ କର୍ମଚାରୀ ରଙ୍ଗାଧର ସେଠୀ ପ୍ରମୁଖ ଯୋଗଦେଇ ଥିଲେ । ଶିକ୍ଷକ ଜୀବନ ଜ୍ୟୋତି ଖୁଣ୍ଟିଆ, ନିର୍ମଳ କୁମାର ପେରେଇ, ପ୍ରଦୀପ କୁମାର ଗିରି, ପ୍ରସାନ୍ତ କୁମାର ଗିରି, ମାନସ କୁମାର ଦାସ, ସନ୍ଦୀପ ସୁପ୍ରିତ୍ ବସନ୍ତିଆ, ଶିକ୍ଷୟିତ୍ରୀ ମୃଣ୍ମୟୀ ପାତ୍ର, ନିରୁପମା ପୃଷ୍ଟି, ଅନସୁୟା ବେହେରା, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ଆନନ୍ଦପୁର ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର,୧୬ ।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲିଟି ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଚେୟାରମ୍ୟାନ ସତ୍ୟବ୍ରତ ରାମ, ଆଲୁମିନ କମିଟି ଚେୟାରମ୍ୟାନ ସାବିତ୍ରୀ ଦାସ, କୋଡପଡ଼ା ଉଚ୍ଚ ମହାବିଦ୍ୟାଳୟର ଅଧ୍ୟକ୍ଷ ରତିକାନ୍ତ ଦେବତା, ସମାଜସେବୀ ବିନୋଦ ବିହାରୀ ମହାପାତ୍ର, ସିଆରସି ରବି ନାରାୟଣ ପଣ୍ଡା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ହରେକୃଷ୍ଣ ଜେନା ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ ଜାତୀୟ ସୈନିକ ଦିବସ

ବେତନଟୀ,୧୬।୧(ସମିସ): ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଂଘ ବେତନଟୀ ଜୋନ ପକ୍ଷରୁ ବେତନଟୀ ଏକାଠି ୮୯ କ୍ଲବ ପରିସରରେ ଆଜି ଜାତୀୟ ସୈନିକ ଦିବସ ପାଳିତ ହୋଇଯାଇଛି । ସଂଘର ଚେୟାରମ୍ୟାନ ଜନାର୍ଦ୍ଦନ ମହାନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଥମେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସେନା ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ପରେ ସଭାଗୃହରେ ସମସ୍ତ ସଦସ୍ୟଙ୍କୁ ନେଇ ଦେଶରେ ଚାଲିଥିବା ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା । ବୈଠକରେ ସଭାପତି ଦୈତାରୀ ଚରଣ ପରିଡା, ସମ୍ପାଦକ ନରହରି ବିଶ୍ୱାଳ, ପରିଚାଳନା ସଦସ୍ୟ ଅମୂଲ୍ୟ କୁମାର ମିଶ୍ର ଓ ରାଜାରାମ ସିଂ, ବହୁ ବୀର ନାରୀ ସଦସ୍ୟାଙ୍କ ସମେତ ଅବସରପ୍ରାପ୍ତ ଭାରତୀୟ ସେନା ଗ୍ରୁପ ବେତନଟୀ ଜୋନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।



# ସୁଡ଼ଙ୍ଗ ବାସିନ୍ଦାଙ୍କୁ ମିଳିବ ବିଦ୍ୟୁତ୍ ସେବା

## ସର୍ଭେ କଲେ ବିଦ୍ୟୁତ ବିଭାଗ ଅଧିକାରୀ

ଶରତ,୧୬।୧(ସମିସ):



କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡିଆ ପଞ୍ଚାୟତ ଅଧୀନ ଗୋକୁଳଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ ସୁଡ଼ଙ୍ଗ ଗ୍ରାମ । ଏହି ଗ୍ରାମରେ ୬୦ ଗୋଟି ଜନଜାତି ପରିବାର ବସବାସ କରୁଥିବାବେଳେ ସେମାନେ ପାନୀୟଜଳ ଓ ବିଦ୍ୟୁତ୍ ସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଖବର "ସକାଳ' ଦୈନିକ ଖବରକାଗଜରେ ପ୍ରକାଶ ହୋଇଥିଲା । ସମସ୍ୟାର ସମାଧାନ କରାଯିବା ସକାଶେ ଗ୍ରାମବାସୀଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ମଧ୍ୟ ଅବଗତ କରାଯାଇଥିଲା । ଖବର ପ୍ରକାଶ ପରେ ପ୍ରଶାସନ ସୁଡ଼ଙ୍ଗ ଗ୍ରାମରେ ଦୁଇଟି ନଳକୂପ ବସାଇଛନ୍ତି । ନଳକୂପ ଖୋଳାଯାଇଥିଲେ

'ସକାଳ' ପ୍ରଭାବ

ମଧ୍ୟ ଗ୍ରାମରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ସକାଶେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଚଳିତ ମାସ ୨୮ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରାଯିବା ପାଇଁ ମେଳି ବାନ୍ଧିଥିଲେ । ଗ୍ରାମବାସୀ ଧାରଣା ପ୍ରଦର୍ଶନ କରିବା ପାଇଁ ସଜବାଜ ହେଉଥିବା ଖବରକାଗଜରେ ପ୍ରକାଶନ ହେବା ପରେ ଆଜି ସୁଡ଼ଙ୍ଗ ଗ୍ରାମକୁ ବିଦ୍ୟୁତ୍ ବିଭାଗର ଅଧିକାରୀ କପ୍ତିପଦା ବ୍ଲକ୍ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶ, ଅଧିକାରୀ ଜଳଧର ଜେନା, ଦୀପ୍ତିକାନ୍ତ ମିଶ୍ର, ପ୍ରଫୁଲ୍ଲ ମହାନ୍ତ, ତୃପ୍ତିପଦ ମହାପାତ୍ର ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ସର୍ଭେ କରିବା ସହିତ ଆସନ୍ତା ୧୫ ଦିନ ମଧ୍ୟରେ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଆରମ୍ଭ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ୬୦ ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ କାମ ସମ୍ପୂର୍ଣ୍ଣ କରି ସମସ୍ତ ପରିବାରଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ । ସର୍ଭେ କରାଯିବା ସମୟରେ ଗ୍ରାମର ଗୁଲୁରାମ ଲାମାୟେ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, କାହ୍ନୁ ମାରାଣ୍ଡି, ରମେଶ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ନିମନ୍ତେ ସର୍ଭେ କରାଯାଇଥିବାରୁ ଗ୍ରାମବାସୀଙ୍କୁ ମଧ୍ୟରେ ବିଦ୍ୟୁତ ପାଇବା ନିମନ୍ତେ ଆଶା ସଞ୍ଚାରିତ ହୋଇଛି ।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଦୂର ଯାତ୍ରା ଯୋଗ ରହିଛି । ପୁରୁଣା ସମସ୍ୟାର ସମାଧାନ ହେବ । ଜୀବନସାଥୀଙ୍କ ସହଯୋଗ ମିଳିବ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ । ଧନ ପ୍ରାପ୍ତି ହେବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ । ପ୍ରେମ ସମ୍ପର୍କ ସୁଖମୟ ହେବ ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ । ଆୟରେ ଉନ୍ନତି ପରିଲକ୍ଷିତ ହେବ । ଋଣ ସମସ୍ୟା ସମାଧାନ ହେବ । କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ । ଚିନ୍ତାମୁକ୍ତ ରହିବେ ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ । କାର୍ଯ୍ୟରେ ସଫଳତା ମିଳିବ । ଧନ ପ୍ରାପ୍ତି ଯୋଗ ରହିଛି । ଦିନଟି ବ୍ୟସ୍ତତା ଭିତରେ ବିତିବ । ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ । ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି । ଧନ ଆଗମନର ଯୋଗ ରହିଛି । କାର୍ଯ୍ୟରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ଧନ ଆଗମନ । ନୂଆ ଯାନ କିଣିପାରନ୍ତି । ପରିବାର ସହିତ ସମ୍ପର୍କ ମଧୁର ହେବ ।

**ବିଛା:** ସମସ୍ୟାକୁ ସାମ୍ନା କରିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ମନ ଉଦାସ ରହିବ । କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ । ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ । ପୂଜାକାର୍ଯ୍ୟରେ ସମୟ କଟିବ । ଘରେ ସମସ୍ୟା ଦେଖା ଦେବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ ।

**ମକର:** ମନୋରଞ୍ଜନରେ ସମୟ ବିତିବ । ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ । ଆୟରେ ବୃଦ୍ଧି ହେବ । ମାନସିକ ଦୁଶ୍ଚିନ୍ତାରେ ରହିବେ ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ । ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ । ଗାଈଙ୍କୁ ଖାଇବାକୁ ଦିଅନ୍ତୁ । ପାରିବାରିକ ଜୀବନ ସୁଖମୟ ହେବ ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ । ଆୟ କମ୍ ଓ ବ୍ୟୟ ଅଧିକ ହେବ । ଅଯଥା କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ ।

## ଆଜିର ଇତିହାସ

- ୧୫୯୫ – ସ୍ପେନ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କରିଥିଲା ।
- ୧୬୦୧- ଆକବର ଅସିରଗଡ଼ କିଲ୍ଲାରେ ପ୍ରବେଶ କଲେ ।
- ୧୬୫୬ – ବ୍ରାଣ୍ଡେନବର୍ଗ-ସ୍ୱିଡେନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା ।
- ୧୯୪୬ – ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ସଭା ଅନୁଷ୍ଠିତ ।
- ୧୯୮୭-ଟାଟା ଫୁଟବଲ ଏକାଡେମୀ ଖୋଲିଲା ।
- ୧୯୯୫- ଜାପାନର କୋବେ ସହରରେ ଭୂମିକମ୍ପ ଯୋଗୁଁ ଶତାଧିକ ଲୋକଙ୍କ ମୃତ୍ୟୁ ।




ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ଗୋଲମାଲ' ସିରିଜ୍‌କୁ ଦର୍ଶକୀୟ ଆଦୃତି ମିଳିଛି । ଏବେ ଏହି ସିରିଜ୍‌ର ପଞ୍ଚମ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି । ଏଥିରେ ଲିଡ୍ ରୋଲରେ ଅଜୟ ଦେବଗନ ଦେଖାଯିବେ । ଇତିମଧ୍ୟରେ ଏହାର ସୁଟିଂକୁ ନେଇ ଏକ ଖବର ଆସିଛି । ଏଥର କିନ୍ତୁ ରୋହିତ୍ ଗୋଆ ବଦଳରେ ମୁମ୍ବାଇରେ ସୁଟ୍ କରିବେ । ସେ ସବୁବେଳେ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଫିଲ୍ମଗୁଡ଼ିକର ସୁଟିଂ ଗୋଆ ନଚେତ୍ ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ କରିଥାଆନ୍ତି । 'ଗୋଲମାଲ ୫'ର ସୁଟିଂ କିନ୍ତୁ ମୁମ୍ବାଇରେ ହେବ । କେଫେ ସେଟ୍, ପୁଲିସ୍ ଷ୍ଟେସନ୍, ଏକ ବଡ଼ ବଙ୍ଗଳାର ସେଟ୍‌ଅପ୍ ମୁମ୍ବାଇରେ କରାଯାଇଛି । ମୁମ୍ବାଇସ୍ଥିତ ଫିଲ୍ମ ସିଟିରେ ଏହାର ଅଧିକାଂଶ ସୁଟ୍ ହେବ । ସବୁଠୁ ବଡ଼ କଥା ହେଲା, ମୁମ୍ବାଇରେ ସୁଟ୍ ହେଉଥିବାରୁ କଳାକାରମାନେ ସିଧା ଘରୁ ସୁଟିଂ ସେଟ୍‌ରେ ପହଞ୍ଚି ସୁଟ୍ କରିପାରିବେ । 'ଗୋଲମାଲ ୫'ରେ ଅଜୟଙ୍କ ସହ ଅରଶଦ ୱାର୍ସି, ଶ୍ରେୟସ୍ ତଲପଡ଼େ, କୁନାଲ ଖେମୁ, ତୁଷାର କପୁର ନଜର ଆସିବେ ।


## ହୃଦୟ ପାଇଁ ଭଲ ନୁହେଁ ମାଉଥୱାଶ୍ !

ମୁଖ ସ୍ୱଚ୍ଛତା ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ସେଥିପାଇଁ ଲୋକେ ଦିନକୁ ଦୁଇଥର ବ୍ରଶ୍ କରିଥାନ୍ତି । ମାଉଥ୍‌ୱାଶ୍ ବି ବ୍ୟବହାର କରିଥାନ୍ତି । ଆଣ୍ଟିସେପ୍ଟିକ୍ ମାଉଥ୍‌ୱାଶ୍‌ର ମାତ୍ରାଧିକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ତେଣୁ ସର୍ବଦା ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ । ଅନେକ କ୍ଷେତ୍ରରେ ଏହାଠାରୁ ଦୂରେଇ ରହିବା ଭଲ । ଏହାଦ୍ୱାରା ଶରୀରରେ ଥିବା ଜରୁରି ଜୀବାଣୁଗୁଡ଼ିକ ଦୂରେଇ ଯାଆନ୍ତି । ଏଥିଯୋଗୁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ସମସ୍ୟା ଦେଖାଯାଇପାରେ । ଏନେଇ ଦନ୍ତବିଶେଷଜ୍ଞଙ୍କ କହିବା କଥା, ମାଉଥୱାଶ୍‌ରେ ଥିବା ରସାୟନିକ ତତ୍ତ୍ୱଗୁଡ଼ିକ ମୁଖରେ ଥିବା ଉପକାରୀ ଜୀବାଣୁଗୁଡ଼ିକୁ ମାରି ଦେଇଥାଏ । ଏହି ଜୀବାଣୁଗୁଡ଼ିକ ମନୁଷ୍ୟ ଶରୀରରେ ନାଇଟ୍ରିକ୍‌ଅକ୍ସାଇଡ୍ ତିଆରି କରିବାରେ ସାହାଯ୍ୟ କରନ୍ତି । ଏହା ରକ୍ତନାଳୀକୁ ଠିକ୍ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ହେଲେ ଯେତେବେଳେ ଏହି ଜୀବାଣୁଗୁଡ଼ିକ ମରିଯାଆନ୍ତି, ନାଇଟ୍ରିକ୍‌ଅକ୍ସାଇଡ୍ ସ୍ତର ହ୍ରାସ ପାଇବା ସହିତ ରକ୍ତନଳୀଗୁଡ଼ିକ ସଙ୍କୁଚିତ ହେବାକୁ ଲାଗେ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ଆଶଙ୍କା ବଢ଼ିଯାଇଥାଏ । ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦିନରେ ଦୁଇଥର ଜୀବାଣୁମୁକ୍ତ ମାଉଥୱାଶ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କଠାରେ ଉଚ୍ଚ ରକ୍ତଚାପ ଆଶଙ୍କା ଦୁଇଗୁଣ ବୃଦ୍ଧି ପାଏ । ବିଶେଷକରି ପୂର୍ବରୁ ରକ୍ତଚାପ କିମ୍ବା ହୃଦ୍‌ରୋଗରେ ପୀଡ଼ିତଙ୍କ ପାଇଁ ଏହା ଅଧିକ ସମସ୍ୟା ସୃଷ୍ଟି କରେ । ତେଣୁ ପ୍ରତିଦିନ ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ । କେବଳ ସତେଜତା ପାଇଁ ବେଳେବେଳେ ଏହାକୁ ବ୍ୟବହାର କରିବା ଭଲ । ମୁଖ ସ୍ୱଚ୍ଛତା ପାଇଁ ଦିନରେ ଦୁଇ ଥର ସଠିକ୍ ବ୍ରଶ୍ କରିବା ସହ କୁଳି କରିବା ଉଚିତ । ମାଉଥୱାଶ୍ କେବଳ ଦନ୍ତ ସଂକ୍ରମଣ, ସର୍ଜରୀ କିମ୍ବା ମାଢ଼ିଜନିତ ସମସ୍ୟା ବେଳେ ବ୍ୟବହାର କରିବା ଉଚିତ । ଯଥାସମ୍ଭବ ଆଲକହଲମୁକ୍ତ ମାଉଥୱାଶ୍ ବାଛିବା ଜରୁରି । ସପ୍ତାହକୁ ୨/୩ ଥରରୁ ଅଧିକ ଥର ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ ।



## ବିଶ୍ୱର ସବୁଠୁ ବଡ଼ ହୋଟେଲ

### ୩ଟି ଟାୱାରରେ ରହିଛି ୭୩୫୧ ରୁମ୍



ସମଗ୍ର ବିଶ୍ୱରେ ଏକାଧିକ ହୋଟେଲ ଅଛି । କେତେକ ବହୁତ ବଡ଼ ଏବଂ ଆଉ କେତେକ ବିଳାସପୂର୍ଣ୍ଣ । ପ୍ରତ୍ୟେକ ହୋଟେଲର ନିଜସ୍ୱ ବିଶେଷତା ବି ରହିଛି । ଏହି କ୍ରମରେ ମାଲେସିଆରେ ଥିବା 'ଫାଷ୍ଟ ୱାର୍ଲ୍ଡ ହୋଟେଲ' ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଜଣାଯାଏ । ଏହି ହୋଟେଲରେ ସମୁଦାୟ ୭୩୫୧ଟି ରୁମ୍ ଅଛି । ଫାଷ୍ଟ ୱାର୍ଲ୍ଡ ହୋଟେଲ ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି । ଏହି ହୋଟେଲ ଏତେ ବଡ଼ ଯେ, ଏଠାରେ ଚେକ୍‌ଇନ୍ ପାଇଁ ଲୋକଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ । ଏହି ହୋଟେଲ ମଧ୍ୟରେ ଏକକାଳୀନ ୧୪୦୦୦ ଅତିଥି ରହିପାରିବେ । ୫ ଲକ୍ଷ ବର୍ଗଫୁଟରେ ନିର୍ମିତ ଏହି ହୋଟେଲରେ ସପିଂ ସେଣ୍ଟର ଓ ଏଣ୍ଟରଟେନ୍‌ମେଣ୍ଟ କମ୍ପ୍ଲେକ୍ସ ରହିଛି । ଫାଷ୍ଟ ୱାର୍ଲ୍ଡ ହୋଟେଲରେ ଦୁଇଟି ମୁଖ୍ୟ ଟାୱାର(ଟାୱାର ୧, ଟାୱାର ୨) ରହିଛି । ଏହାବ୍ୟତୀତ ଏଥିରେ ଅତିରିକ୍ତ ଆଉ ଏକ ଟାୱାର ଅଛି । ପ୍ରତ୍ୟେକ ଟାୱାର ୩୬ ମହଲା ବିଶିଷ୍ଟ । ଏଠାରେ ଗ୍ରାହକଙ୍କ ପାଇଁ ୬ ଟି ସ୍ତରର ରୁମ୍ ରହିଛି । ଗ୍ରାହକ ନିଜ ବଜେଟ୍ ଅନୁସାରେ ରୁମ୍ ନେଇ ପାରିବେ । ହୋଟେଲଟି ବେଶ୍ ବଡ଼ ହୋଇଥିବାରୁ ଗ୍ରାହକଙ୍କୁ ଚେକ୍‌ଇନ୍ ପାଇଁ ସମସ୍ୟା ହୋଇଥାଏ । ଏତେ ଗହଳି ହୋଇଥାଏ ଯେ, ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ । ତେବେ ଏଠାରେ ଏକାଥରକେ ୧୪୦୦୦ ପର୍ଯ୍ୟଟକ ରହିବା ପାଇଁ ବ୍ୟବସ୍ଥା ରହିଛି । ବିଶ୍ୱର ସବୁଠୁ ବଡ଼ ହୋଟେଲ ମଧ୍ୟରେ ଏହା ପ୍ରଥମ ସ୍ଥାନରେ ଅଛି । ଏହାପରେ ଦ୍ୱିତୀୟ ସ୍ଥାନରେ 'ଦ ଭେନିସନ୍' (ଲାସ୍ ଭେଗାସ)ଓ ତୃତୀୟ ସ୍ଥାନରେ ଏମ୍‌ଜିଏମ୍ ଗ୍ରାଣ୍ଡ(ଲାସ୍ ଭେଗାସ୍) ରହିଛି ।

## ଆସ ବୀଣାପାଣି



ଗୋପୀନାଥ ଦାଶ

ଆସ ବୀଣାପାଣି କରୁଛୁ ବନ୍ଦନ
ରକମର ଫୁଲ ଧରି
ପିନ୍ଧାଇ ଦେବୁ ଗଳାରେ ମାଳ
ତୁମ୍ଭଙ୍କୁ ସ୍ମରଣ କରି ।
ହଂସ ବାହିନୀ ଗୋ ଶୁଭ୍ର ବସ୍ତ୍ର ପରିହିତା
କମଳ ପୁଷ୍ପ ଆସନ
ପ୍ରଫୁଲ୍ଲ ବଦନ ଶାରଦା ବରଦା
ପଶୁଛୁ ତୁମ୍ଭ ଶରଣ ।
ବିଦ୍ୟାଦାତ୍ରୀ ବୋଲି ଜଗତରେ ଖ୍ୟାତ
ସଙ୍ଗୀତର ଅଟ ରାଣୀ
ଅଜ୍ଞାନକୁ ହରି ଜ୍ଞାନ ଦିଅ ଭରି
ଉଦ୍ଧର ସକଳ ପ୍ରାଣୀ ।
ମାଆ ସରସ୍ୱତୀ ବିରାଜିତ ହେବ
ରଖିଛୁ ଧୂପ ଓ ଦୀପ
ନାରିକେଳ ଆଉ କେତେ ଫଳ, ଭୋଗ
ସଜାଇ ଖୋଟିରେ ମଣ୍ଡପ ।
ତୋରଣ ହୋଇଛି କେତେ ମନଲୋଭା
ଆମ୍ବ ପତ୍ରରେ ସଜ୍ଜିତ
ରଙ୍ଗୀନ କାଗଜ କାଟି ଲଗାଇଛୁ
ଦିଶଇ କି ସୁଶୋଭିତ ।
ଜ୍ଞାନର ବିକାଶ କରିବ ବାଗ୍‌ଦେବୀ
ଭାରତୀ ହଂସ ବାହିନୀ
କରୁଥିବୁ ପୂଜା ସବୁଦିନ ପାଇଁ
ମା' ଗୋ ବିଦ୍ୟାଦାୟିନୀ ।■

ବରପାଲିପଡ଼ା, ବଲାଙ୍ଗିର
ମୋ -୬୩୭୧୮୦୫୦୭୦



## ଧନ୍ଦା

- ମାଘ ମାସ ଶୁକ୍ଳ ପଞ୍ଚମୀ ଦିନ
ହସିଉଠେ ସାରା ମରତ ଧାମ
ସ୍ୱର୍ଗରୁ ଆସନ୍ତି ମା' ଅବତରି
ବିଦ୍ୟା ବୁଦ୍ଧି ପ୍ରାଣେ ଦିଅନ୍ତି ଭରି
ହାତେ ଧରିଥାନ୍ତି ବୀଣା ପୁସ୍ତକ
ଛାତ୍ରଙ୍କୁ ଦିଅନ୍ତି ଜ୍ଞାନ ବିବେକ
ସାଜସଜା ମନ ମୋହେ
ସାରା ବିଦ୍ୟାଳୟ ଲାଗେ କୋଳାହଳ
କୁହ ତା'ର ନାମ କିଏ ।

  ଉତ୍ତର-ସରସ୍ୱତୀ ପୂଜା

- ପକ୍ଷୀଟିଏ ସିଏ ବର୍ଣ୍ଣ ଧବଳ
ପାଣିରେ ପହଁରେ ଭାରି ଚଞ୍ଚଳ
ସରସ୍ୱତୀଙ୍କର ବାହନ ସିଏ
ତା'ସୁନ୍ଦର ରୂପ ମନକୁ ମୋହେ
ପାଦ ଗଣି ଗଣି ଚାଲେ
କ୍ଷୀରରୁ ପାଣିକୁ ଭିନ୍ନ କରେ ସେହି
କୁହ ତା'ର ନାମ ପିଲେ ।

  ଉତ୍ତର-ହଂସ

- ବାଦ୍ୟ ଯନ୍ତ୍ରଟିଏ ସିଏ ଆମର
ତା' କୋମଳ ଧ୍ୱନି ଭାରି ମଧୁର
ମା' ସରସ୍ୱତୀ ତାକୁ ହାତରେ ଧରି
ବାଣ୍ଟିଥାନ୍ତି ସର୍ବେ କରୁଣା ବାରି
ଅତି ପୁରାତନ ସିଏ
ତା' ଧ୍ୱନି ବଢ଼ାଏ ସଙ୍ଗୀତର ସୁର
ନାଆଁ କହିଦେବ କିଏ ।

  ଉତ୍ତର-ବୀଣା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାଆ ଭାରତୀ





ତପନ କୁମାର ସ୍ୱାଇଁ

ବିଦ୍ୟାଦାୟିନୀ ମାଗୋ ବୀଣାପାଣି
ଡାକୁଛି ଭକତି ଚିତ୍ତେ,
ମୁଁ ଅବୋଧ ଶିଶୁ ଜାଣେ ନାହିଁ କିଛି
ବୁଦ୍ଧି ଜ୍ଞାନ ଦିଅ ମୋତେ ।
ତୁମେ ତ ଅମାପ ବିଦ୍ୟାର ସାଗର
କିଅବା ମାଗିବି ମାଆ,
ଏ ସାରା ସଂସାରେ ତୁମ ବିନା ଆଉ
କିଏ ଅଛି ମୋର ସାହା ।
ତୁମ ଦୟା ହେଲେ ମୁକ କହେ କଥା
ପଙ୍ଗୁ ଲଙ୍ଘି ପାରେ ଗିରି,
ତୁମରି ଦୟାରେ ଶ୍ରାବଣ ସଞ୍ଜରେ
ବରଷା ପଡ଼ଇ ଝରି ।
ତୁମେ ତ ଗୀତରେ ତୁମେ ତ ତାଳରେ
ତୁମେ ଛନ୍ଦ, ଲୟ, ସୁରେ,
ତୁମକୁ ଅରପି ଦେଇଛି ଭକତି
ଯେତେ ଥାଏ ପଛେ ଦୂରେ ।

ବିଦ୍ୟା ଦାୟିନୀ ମାଆ ମରାଳ ବାହିନୀ
ରଖିଛି ମୁଁ ପୂଜା ଫୁଲ,
ତୁମ ଚରଣରେ ଅରପିବି ବସି
ମାଗୁ ନାହିଁ କିଛି ମୂଲ ।
ଏତିକି ମାଗୁଣି ଶ୍ରୀ ଛାମୁରେ ତୋର
କଣ୍ଠରେ ମୋ ଥିବୁ ସଦା,
ବିପଦ ଆପଦେ ଦୟା କରିବୁ ମା'
ଦେବୁ ନାହିଁ କେବେ ବାଧା ।■

ଅଇବିଲି, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

## ସୁମନ

## କିଆଫୁଲ





ରାଜେଶ ରାୟ

ମକର ସଂକ୍ରାନ୍ତି ପାଳନ କରିବା ପାଇଁ ରାଧାରାଣୀ ନିଜ ବାପା ବୋଉଙ୍କ ସହ ଟ୍ରେନ୍‌ରେ ବସି କଟକରୁ ବିଶାଖାପାଟଣା ଯାଉଥିଲା । ଗଞ୍ଜାମ ଷ୍ଟେସନ୍ ଆସିବାକୁ କିଛିବାଟ ଥାଏ । ଟ୍ରେନ୍ ଝରକା ପାଖରେ ବସି ରାଧାରାଣୀ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରୁଥିଲା । ଠିକ୍ ଏହି ସମୟରେ ହଠାତ୍ ତା' ନଜର ଯାଇ ପଡ଼ିଲା ଧାନ କ୍ଷେତ କଡ଼ରେ ସୁନ୍ଦର ଭାବେ ସଜେଇ ହୋଇ ରହିଥିବା ସବୁଜ ରଙ୍ଗର ବୁଦାଳିଆ ଗଛ ଉପରେ ଯାହାର ପତ୍ର ସପୁରି ଗଛ ପତ୍ର ପରି ଦିଶୁଥିଲା । ରାଧାରାଣୀ ବାପାଙ୍କୁ ଡାକି ପଚାରିଲା ଏ ଗଛର ନାଁ କଣ ? ବାପା ଉତ୍ତର ଦେଲେ " କିଆଗଛ" । ସେହି ଗଛରେ ଫୁଟିଥିବା ଧଳା ରଙ୍ଗ ଫୁଲର ବାସ୍ନାରେ ପରିବେଶ ମହକି ଯାଉଥିଲା । ଟ୍ରେନ୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ ସେହି ସୁଗନ୍ଧିତ ବାସ୍ନାରେ ଟାଣିହୋଇ ନିଜ ମୋବାଇଲ କ୍ୟାମେରାରେ କିଆ ଫୁଲର ସୋନ୍ଦର୍ଯ୍ୟକୁ କଏଦ କରୁଥିଲେ । ଏତିକିବେଳେ ଟ୍ରେନ୍‌ରେ ବସିଥିବା ଜଣେ ବ୍ୟକ୍ତି କହି ଉଠିଲେ-"ଆପଣମାନେ ଜାଣି ନାହାନ୍ତି କି , ଗଞ୍ଜାମ ଜିଲ୍ଲା କିଆଫୁଲ ପାଇଁ ପ୍ରସିଦ୍ଧ ।" ଏହିଠାରୁ କିଆଫୁଲ ନିଆଯାଇ ଦେଶ ବିଦେଶରେ ବିକ୍ରି କରାଯାଏ । ଲୋକଟିର କଥାବାର୍ତ୍ତାରୁ ଜଣାପଡ଼ିଲା ସିଏ ବ୍ରହ୍ମପୁରର ଲୋକ । ରାଧାରାଣୀ ଏ କଥା ଶୁଣିବା ପରେ ତା ମନ ହେଲା କିଆଫୁଲ ବିଷୟରେ ଆହୁରି ଅଧିକ କଥା ଜାଣିବା ପାଇଁ ତେଣୁ ସେ ସେହି ବ୍ୟକ୍ତିଙ୍କୁ ଅନୁରୋଧ କଲା କିଆଫୁଲ ବିଷୟରେ ଆଉ କିଛିକଥା କହିବା ପାଇଁ । ଅନ୍ୟ ଯାତ୍ରୀମାନେ ମଧ୍ୟ କିଆଫୁଲ ବିଷୟରେ ଜାଣିବା ପାଇଁ ପାଖରେ ଆସି ଭିଡ଼ ଜମେଇଲେ । ବ୍ୟକ୍ତି ଜଣକ କହିଲେ କିଆ ଏକ କଣ୍ଟା ଜାତୀୟ ଗଛ, ଯାହା ଦେହରେ ସୁଗନ୍ଧିତ ଫୁଲ ଫୁଟିଥାଏ । ସେହି ଫୁଲକୁ ନେଇ ଅତରଠାରୁ ଆରମ୍ଭ କରି ତେଲ , ଔଷଧ , କ୍ରିମ୍ ଆଦି ପ୍ରସ୍ତୁତ କରାଯାଏ । ଆମ ଦେଶରେ ମିଳୁଥିବା କିଆଫୁଲର ପ୍ରାୟ ୯୦ ପ୍ରତିଶତ କେବଳ ଗଞ୍ଜାମ ଜିଲ୍ଲାରୁ ମିଳିଥାଏ । ତେଣୁ କିଆଫୁଲ ଏବଂ କିଆ ଅତରକୁ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଉତ୍ପାଦ ରୂପେ ସରକାରୀ ମାନ୍ୟତା ମିଳିଛି । ଏହି ଫୁଲକୁ ପାଖାପାଖି ୧୧୦ ଟି ଗ୍ରାମର ଚାଷୀମାନେ ଉତ୍ପାଦନ କରିଥାନ୍ତି । ଦୁଃଖର ଘଟଣା ହେଉଛି, ମଣିଷର ଆଧୁନିକ କାରୁକାର୍ଯ୍ୟ ଯୋଗୁ ପରିବେଶରେ ଦେଖାଯାଉଥିବା ନକାରାତ୍ମକ ପରିବର୍ତ୍ତନ ପାଇଁ ଏବେ କିଆଫୁଲର ଅବସ୍ଥା ସଙ୍କଟରେ ରହିଛି । ପରିବେଶ ଓ ଜଳବାୟୁର ପ୍ରଭାବ ଏବେ କିଆ ଗଛ ଉପରେ ଏପରି ଭାବେ ପଡୁଛି ଯାହାଦ୍ୱାରା ତାର ବଂଶ ବୃଦ୍ଧି ଆଉ ଆଗଭଳି ହୋଇପାରୁନାହିଁ । ମାଟି ଉର୍ବରତା ହରାଇବା କାରଣରୁ ଉକ୍ତ ଗଛର ବୃଦ୍ଧି ଓ ବିକାଶ ଠିକ୍ ଭାବେ ହୋଇପାରୁନାହିଁ । କିଆଗଛ କେବଳ ଆମକୁ ଫୁଲ ଦିଏନାହିଁ ବରଂ ଏହାର ଶରୀରରୁ ବାହାରୁଥିବା ଶକ୍ତ ଚେରକୁ ନେଇ ସେଥିରେ ଗୋଟିଏ ପ୍ରକାରର ମଜବୁତ୍ ଦଉଡ଼ି ପ୍ରସ୍ତୁତ କରାଯାଏ ଯାହାକୁ ପଟ ବୋଲି କୁହାଯାଏ । ପୂର୍ବ କାଳରେ ଚାଳ ଛପର ଘରକୁ ତିଆରି କରିବା ପାଇଁ ଏହି କିଆ ଗଛର ପଟକୁ ବ୍ୟବହାର କରାଯାଉଥିଲା କିନ୍ତୁ ବର୍ତ୍ତମାନ ଚାରିଆଡ଼େ କୋଠାଘର ଗଢ଼ି ଉଠିବା କାରଣରୁ କିଆ ପତର ବ୍ୟବହାର ଆଉ କରାଯାଉନାହିଁ । ଗଞ୍ଜାମ ଜିଲ୍ଲାରେ ଗୋଟିଏ କିଆ ଫୁଲକୁ ପାଖାପାଖି ୨୫ ରୁ ୩୦ ଟଙ୍କାରେ ବିକ୍ରି କରାଯାଏ । ପୂର୍ବ ସମୟରେ କିଆ ଅତରକୁ ଲିଟର ପିଛା ୧୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା ଯାହା ଏବେ ୮ ଲକ୍ଷରେ ଆସି ପହଞ୍ଚିଲାଣି । କିଆଫୁଲରୁ ସୁଗନ୍ଧିତ ଅତର ବାହାର କରିବା ପାଇଁ ଗଞ୍ଜାମ ଜିଲ୍ଲାରେ କିଆଫୁଲ ଭାଟି ସବୁ ନିର୍ମାଣ କରାଯାଇଛି କିନ୍ତୁ ଏବେ ତାହା କାମ ନ କରି ବନ୍ଦ ହେବାକୁ ବସିଲାଣି । ଲୋକ ଜଣକ ଆହୁରି ମଧ୍ୟ କହିଲେ ଯେ, ଶରତ ଋତୁ ଆସିଲେ କିଆଫୁଲ ବହୁତ୍ ପରିମାଣରେ ଫୁଟିଥାଏ ଏବଂ ଶୀତ ଋତୁରେ ବି କିଛି ଫୁଟେ । ବର୍ତ୍ତମାନ ସମୟରେ କିଆଫୁଲ ଚାଷ କରିବାକୁ ଚାଷୀମାନେ ରାଜି ହେଉ ନାହାନ୍ତି କାରଣ ପରିବେଶ ପ୍ରଦୂଷଣ କାରଣରୁ ସେମାନଙ୍କର ଉତ୍ପାଦନ ହ୍ରାସ ପାଉଛି । କିଆଗଛର ସଂରକ୍ଷଣ କରିବା ପାଇଁ ସରକାରୀସ୍ତରରେ ଯଦି କିଛି ପଦକ୍ଷେପ ନିଆ ଯାଆନ୍ତା ତେବେ ଆଗାମୀ ଦିନରେ କିଆ ଫୁଲ ପୁଣିଥରେ ହସି ଉଠନ୍ତା । ଆଗରୁ ଏହି ସ୍ଥାନ ଦେଇ ଯିବା ଆସିବା କଲାବେଳେ ଅଧିକ ସୁଗନ୍ଧିତ ବାସ୍ନାରେ ନାକ ଫାଟି ପଡୁଥିଲା କିନ୍ତୁ ଏବେ ଏହାର ପରିମାଣ ବହୁତ୍ କମିଯାଇଛି । ଯେଉଁ ଫୁଲ ସବୁ ଆପଣ ଦେଖୁଛନ୍ତି ଆଗାମୀ ବର୍ଷ ହୁଏତ ତାହା ଆଉ ଏହି ସ୍ଥାନରେ ନଥିବ! କିଆଫୁଲ ଏବେ ନିଜକୁ ରକ୍ଷା କରିବା ପାଇଁ ଆମକୁ ନିବେଦନ କରୁଛି । ହେଲେ ଆମେ ବୁଝିଲେ ତ ! ଏହିକଥା କହିବା ସମୟରେ ଲୋକଟିର ଆଖି ଦୁଃଖର ଲୁହରେ ଜକେଇ ଯାଇଥିଲା । କଥାରେ କଥାରେ ରେଳ ଆସି ବ୍ରହ୍ମପୁରରେ ପହଞ୍ଚି ସାରିଥିଲା । ଲୋକଟି ପାଖରୁ କିଆଫୁଲର କଥା ଶୁଣି ରାଧାରାଣୀର ମନ ବହୁତ୍ କଷ୍ଟ ହେଲା । ତାର ନୂଆବର୍ଷ ପାଳିବା ଖୁସି ସବୁ ମଉଳି ଗଲା । ସେହି ଦିନଠାରୁ ସେ କେବଳ କିଆଫୁଲ କଥା ଭାବିଲା । ଏମିତି କିଛିଦିନ ବିତିଗଲା ପରେ ରାଧାରାଣୀ ପୁଣି ଟ୍ରେନ୍‌ରେ ବସି ସେହିବାଟ ଦେଇ ନିଜ ଘରକୁ ଫେରିଲା ଏବଂ ବାଟରେ ଆସିଲା ସମୟରେ କିଆଫୁଲର ଶୁଖିଲା ମୁହଁକୁ ଦେଖି ସେ ଭାବୁଥିଲା, "ଏମିତି କିଛି ହୁଅନ୍ତାନି , ଲୋକମାନେ ନିଜର ଭୁଲକୁ ବୁଝିପାରି ପରିବେଶର ଯତ୍ନ ନିଅନ୍ତେ ଏବଂ କାନ୍ଦୁଥିବା ଏହି କିଆଫୁଲ ପୂର୍ବପରି ଖିଲି ଖିଲି ହସି ଉଠନ୍ତା ।" ■

ବିଦ୍ୟାନ୍ ମହାବିଦ୍ୟାଳୟ, ଜୟପୁର
ମୋ-୬୩୭୧୫୫୫୯୪୦

## କୁନି ଅଙ୍ଗୁଳିର ତୁଳି




ଶ୍ରୀୟା ନାୟକ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ୍
ନିମାପଡ଼ା



ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଶ୍ରେୟାନ୍ କୁମାର ସାହୁ
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ସହିଷ୍ଣୁ ସାହୁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର ହାଇ ସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

● ବିବିଏଲ୍‌ରେ ସ୍ମିଥ୍‌ଙ୍କ ବିସ୍ଫୋରଣ ବ୍ୟାଟିଂ

# ଗୋଟିଏ ଓଭରରେ ୩୨; ୪୧ ବଲ୍‌ରେ ଶତକ



ସିଡ୍‌ନୀ, ୧୬ ।୧ (ଏଜେନ୍ସି): ଅଷ୍ଟ୍ରେଲିଆରେ ଚାଲିଥିବା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଭେଟେରାନ ବ୍ୟାଟର ଷ୍ଟିଭ ସ୍ମିଥ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ଶୁକ୍ରବାର ସିଡ୍‌ନୀ ଥଣ୍ଡର୍ସ ଓ ସିଡନୀ ସିକ୍ସର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସ୍ମିଥ୍ ଏହି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସ୍ମିଥ ୪୧ ବଲରେ ଶତକ ହାସଲ କରିବା ଫଳରେ ତାଙ୍କ ଦଳ ସିଡନୀ ସିକ୍ସର୍ସ ୫ ୱିକେଟ୍‌ରେ ସିଡ୍‌ନୀ ଥଣ୍ଡର୍ସକୁ ହରାଇଛି। ଅଧିନାୟକ ଡେଭିଡ୍ ୱାର୍ଣ୍ଣରଙ୍କ ୧୧୦ ରନ (୬୫ ବଲ୍) ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଥଣ୍ଡର୍ସ ୬ ୱିକେଟ୍‌ରେ ୧୮୯ ରନ ସଂଗ୍ରହ କରିଥିଲା। ଜବାବରେ ସିକ୍ସର୍ସ ୧୭.୨ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସ୍ମିଥ ୫ଟି ଚୌକା ଓ ୯ଟି ଛକା ବଳରେ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ପ୍ରତିପକ୍ଷ ଥଣ୍ଡର୍ସ ଦ୍ରୁତ ବୋଲର ର୍‌ୟାନ ହାଡଲୀଙ୍କ ଓଭରରୁ ୩୨ ରନ ସଂଗ୍ରହ କରିଥିଲେ। ଯେଉଁଥିରେ କ୍ରମାଗତ ୪ଟି ଛକା ସାମିଲ ଥିଲା। ବିବିଏଲ୍ ଇତିହାସରେ ଗୋଟିଏ ଓଭରରେ ଏହା ସର୍ବାଧିକ ରନ ଭାବେ ରେକର୍ଡ ହୋଇଛି। ସେହିଭଳି ବିବିଏଲ୍‌ରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସ୍ମିଥ୍ ମିଳିତ ଭାବେ ୨ୟ ସ୍ଥାନରେ ରହିଛନ୍ତି। କ୍ରେଗ ସିମନ୍ସ ଓ ମାଇକେଲ ଓ୍ୱେନ ୩୯ ବଲରେ ଶତକ ହାସଲ କରି ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି। ଏହା ପଛକୁ ଗ୍ଲେନ ମ୍ୟାକ୍ସୱେଲ, ଜୋଶ ବ୍ରାଉନ ଓ ସ୍ମିଥ ମିଳିତ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହି ୩ଜଣ ୪୧ ବଲରେ ଶତକ ପୂରଣ କରିଛନ୍ତି।

# ଆର୍ଯ୍ୟାନ ଭାରତର ୯୨ତମ ଗ୍ରାଣ୍ଡମାଷ୍ଟର



ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଆର୍ଯ୍ୟାନ ଭାର୍ଶନେ ଭାରତର ୯୨ତମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ୍ ହାସଲ କରିଛନ୍ତି। ୨୧ ବର୍ଷୀୟ ଏହି ଦିଲ୍ଲୀ ଖେଳାଳି ଆର୍ମେନିଆରେ ଚାଲିଥିବା ଆନ୍ଦ୍ରିଙ୍କ ମାର୍ଗାରିନ ମେମୋରିଆଲ ପ୍ରତିଯୋଗିତା ଅବସରେ ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାର ୮ମ ରାଉଣ୍ଡର ଏକ ମୁକାବିଲାରେ ଆର୍ଯ୍ୟାନ ୟୁକ୍ରେନ ଜନ୍ମିତ ଆର୍ମେନିଆ ଖେଳାଳି ତଥା ଫିଡେ ମାଷ୍ଟର (ଏଫ୍‌ଏମ୍) ତିହରାନ ଆମ୍ବ୍ରାତସୁମେନଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଏହା ଫଳରେ ଆର୍ଯ୍ୟାନ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଲାଗି ଆବଶ୍ୟକ ଅନ୍ତିମ ତଥା ୩ୟ ନର୍ମ ହାସଲ କରିଥିଲେ। ଏଥିସହ ଆର୍ଯ୍ୟାନ ଦେଶର ୯୨ତମ ଓ ଦିଲ୍ଲୀର ୮ମ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ୧୯୮୮ରେ ବିଶ୍ୱନାଥନ ଆନନ୍ଦ ଭାରତର ପ୍ରଥମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ପାଇଥିଲେ।

## ହକି ଇଣ୍ଡିଆ ଲିଗ୍

# ଆଜିଠୁ କଳିଙ୍ଗରେ ଶେଷ ପର୍ଯ୍ୟାୟ ରୋମାଞ୍ଚ

ଭୁବନେଶ୍ୱର, ୧୬ ।୧ (ସମିସ)

କ୍ରିକେଟ୍‌ରେ ଆଇପିଏଲ୍ ଭଳି ହକିରେ ଖେଳାଯାଉଥିବା ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ଚଳିତ ୭ମ ସଂସ୍କରଣର ୩ୟ ପର୍ଯ୍ୟାୟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇଥିବା ପୁରୁଷ ବିଭାଗର ଏହି ଆଠ ଦଳୀୟ ପ୍ରତିଯୋଗିତାର ଚେନ୍ନାଇ ଓ ରାଞ୍ଚି ଲେଗ୍ ଶେଷ ହୋଇଯାଇଛି। ଏବେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଖେଳ ଆରମ୍ଭ ହେବ। ମୋଟ୍ ୧୪ଟି ମ୍ୟାଚ୍ ଏଠାରେ ଖେଳାଯିବ ଜାନୁଆରୀ ୨୬ରେ ଫାଇନାଲ ସମେତ ୯ଟି ଲିଗ୍ ମ୍ୟାଚ୍ ଓ ୪ଟି ପ୍ଲେ-ଅଫ୍ ମ୍ୟାଚ୍ ରହିଛି।

ଶନିବାର କଳିଙ୍ଗରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ବେଙ୍ଗଲ ଟାଇଗର୍ସ ଓ ହାଇଦରାବାଦ୍ ତୁଫାନ୍ସ ସାମ୍ନାସାମ୍ନି ହେବେ। ଏହି ମ୍ୟାଚଟି ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହିଭଳି ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ରାତି ୭ଟା ୩୦ରେ ଏସ୍‌ଜି ପାଇପର୍ସ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନ କଳିଙ୍ଗ ଲାନ୍ସର୍ସର ଅଧିନାୟକ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଲିଗରେ କଳିଙ୍ଗ ଦଳ ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ଅପରାଜେୟ ରହିଛି। ୧୧ ପଏଣ୍ଟ ସହ କଳିଙ୍ଗ ସାରଣୀର ଶୀର୍ଷରେ ରହିଛି। ଏହି ପ୍ରଦର୍ଶନକୁ ବଜାୟ ରଖି ଲାନ୍ସର୍ସ ୯ ବର୍ଷ ପରେ ପୁଣିଥରେ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ରହିଛି।



କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଏସ୍‌ଜି ପାଇପର୍ସ ଖେଳାଳିଙ୍କ ସହ

### ମ୍ୟାଚର ମଜା ନିଅନ୍ତୁ ଦର୍ଶକ: ଦିଲୀପ

୧୦ ଦିନ ବ୍ୟାପୀ କଳିଙ୍ଗରେ ଖେଳାଯିବାକୁ ଥିବା ହକିର ଏହି ମେଗା ପ୍ରତିଯୋଗିତାର ଦର୍ଶକ ମଜା ଉଠାନ୍ତୁ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। 'ଏହି ଲିଗର ଶେଷ ପର୍ଯ୍ୟାୟ ରୋମାଞ୍ଚ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱର ଖ୍ୟାତନାମା ଖେଳାଳିମାନେ ଏହି ଲିଗରେ ନିଜର କୌଶଳ ପ୍ରଦର୍ଶନ କରିବେ। ତେଣୁ ଦର୍ଶକ ଷ୍ଟାଡିୟମକୁ ଆସି ମ୍ୟାଚ ଉପଭୋଗ କରନ୍ତୁ' ବୋଲି ତାଙ୍କ ବାର୍ତ୍ତାରେ କହିଛନ୍ତି। ପ୍ରକାଶଯୋଗ୍ୟ ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଥିଲାଗି ହିରୋ ହକି ଇଣ୍ଡିଆ ଲିଗ୍ ୨୦୨୫-୨୬ ୱେବସାଇଟରେ ନିଜ ଟିକଟ ସରକ୍ଷିତ କରିପାରିବେ।

**ଆଜିର ମୁକାବିଲା**

ସନ୍ଧ୍ୟା ୫ଟା
ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ
ରାତି ୭ଟା ୩୦
କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ
ପ୍ରସାରଣ : ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସ ନେଟୱର୍କ

## ତ୍ରୁଟି ସୁଧାରିଲା ଆଇସିସି

# ୧୫୪୭ ଦିନ ଶୀର୍ଷରେ ରହିଛନ୍ତି କୋହଲି

ଦୁବାଇ, ୧୬ ।୧ (ଏଜେନ୍ସି): ଷ୍ଟାର୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ଚଳିତ ସପ୍ତାହ ପ୍ରାରମ୍ଭରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନକୁ ଫେରିଥିଲେ। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୋହଲି ତାଙ୍କ କ୍ୟାରିୟରରେ ମୋଟ୍ ଉପରେ ୮୨୫ ଦିନ ଦିନିକିଆ ର୍‌ୟାଙ୍କିଂରେ ଶୀର୍ଷରେ ରହିଥିବା ନେଇ ତଥ୍ୟ ପ୍ରଦାନ କରାଯାଇଥିଲା। ଦିନିକିଆ ର୍‌ୟାଙ୍କିଂରେ ସର୍ବାଧିକ ଦିନ ଶୀର୍ଷରେ ରହିଥିବା ବ୍ୟାଟର୍ ତାଲିକାରେ କୋହଲି ୧୦ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଆଇସିସିର ଏହି ତଥ୍ୟ ଭୁଲ ରହିଥିବା ନେଇ ସାମାଜିକ ଗଣମାଧ୍ୟମରେ ୟୁଜର ଦାବି କରିଥିଲେ। ଏପରିକି ଆଇସିସି ପୂର୍ବରୁ ପୋଷ୍ଟ କରିଥିବା କିଛି ତଥ୍ୟକୁ ୟୁଜରମାନେ ସେୟାର କରିଥିଲେ। ଯେଉଁଥିରେ କୋହଲି ୧୫୪୭ ଦିନ ଏକ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ତ୍ରୁଟିକୁ ଆଇସିସି ଜାଣିବା ପରେ ସଦ୍ୟ କରିଥିବା ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

## ସବ୍-ଜୁନିଅର ଜାତୀୟ ରଗବୀ କଳିଙ୍ଗରେ ଆରମ୍ଭ

# ପ୍ରି-କ୍ୱାର୍ଟରରେ ଓଡ଼ିଶା ବାଳିକା

ଭୁବନେଶ୍ୱର, ୧୬ ।୧ (ସମିସ): କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ସବ୍-ଜୁନିଅର ରଗବୀ ସେଭେନ୍ସ ଚାମ୍ପିଅନସିପ୍‌ର ୧୦ମ ସଂସ୍କରଣ ଆରମ୍ଭ ହୋଇଛି। ରଗବୀ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ରଗବୀ ଫୁଟ୍‌ବଲ ଆସୋସିଏସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ଜାତୀୟସ୍ତରୀୟ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଜାନୁଆରୀ ୨୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀ ରଗବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍ ଟ୍ରଫିକୁ ପଡ଼ିଆରେ ସ୍ଥାପନ କରିବା ପରେ ଅଂଶଗ୍ରହଣକାରୀ ୨୪ ରାଜ୍ୟ ଦଳର ଅଧିନାୟିକାମାନେ ଜଣଙ୍କ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଅତିଥିଙ୍କ ସହ ପରିଚୟ ହେବା ପରେ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା।

ପ୍ରଥମ ଦିବସରେ ବାଳିକା ବିଭାଗ ମ୍ୟାଚ୍ ଖେଳାଯାଇଛି। ଏଥିରେ ଓଡ଼ିଶା ଦଳ ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି'ରେ ଓଡ଼ିଶା ବାଳିକା ଦଳ ୩୫-୦ରେ ଉତ୍ତରପ୍ରଦେଶକୁ ଓ ୨୮-୦ରେ ରାଜସ୍ଥାନକୁ ହରାଇଥିଲା। ପ୍ରି-କ୍ୱାର୍ଟରରେ ଓଡ଼ିଶାର ମୁକାବିଲା ଉତ୍ତରାଖଣ୍ଡ ସହ ହେବ। ଅନ୍ୟ ଦଳଗୁଡ଼ିକ ମଧ୍ୟରେ କେରଳ, ବିହାର, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ଛତିଶଗଡ଼, ଦିଲ୍ଲୀ, ରାଜସ୍ଥାନ, କର୍ଣ୍ଣାଟକ, ହରିୟାଣା, ପଶ୍ଚିମବଙ୍ଗ, ଗୁଜରାଟ, ମହାରାଷ୍ଟ୍ର. ଜମ୍ମୁ ଓ କାଶ୍ମୀର ଏବଂ ଦାଦ୍ରା ଓ ନଗର ହାବେଲୀ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ବାଳିକା ବିଭାଗ ହୋଇ ରବିବାର ଶେଷ ହେବ। ସେହିଭଳି ଜାନୁଆରୀ ୨୦ ଓ ୨୧ ତାରିଖରେ ବାଳକ ବିଭାଗ ମ୍ୟାଚ୍ ଖେଳାଯିବ।

 କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡା. ୟେଦୁଲ୍ଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଁ, ଓଡ଼ିଶା ରଗବୀ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।



# ପୁରୁଷ ଓ ମହିଳାବର୍ଗରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ

ଭୁବନେଶ୍ୱର, ୧୬ ।୧ (ସମିସ): ଡଃ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ବିଭାଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଭୁବନେଶ୍ୱରଠାରେ ଆରମ୍ଭ ହେବ। ଭୁବନେଶ୍ୱର ସିଟି କ୍ଲବ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ (ବିଏଏ)ର ମିଳିତ ଆନୁକୂଲ୍ୟରେ ଏବଂ ଡଃ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପାଲଲହଡ଼ା ବିଧାୟକ ତଥା ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ସମେତ ବିଏଏ ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଜିଲ୍ଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ବିଏଏର ଫୁଟବଲ ସମ୍ପାଦକ ଦିଲ୍ଲୀପ ଦାସ, ଭାଗ୍ୟଧର ଜଗଦେବ, ଇଂ ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଉପସଭାପତି ମହମ୍ମଦ ସହିଦ ଜବାର, କ୍ରିଷ୍ଣା ଗ୍ରୁପର ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ଣ୍ଣାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଅଷ୍ଟ୍ରେଲିଆର ବିଜୟ ଅଭିଯାନ

ୱିଣ୍ଡହୋଏକ, ୧୬ ।୧ (ଏଜେନ୍ସି): ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ର ଚଳିତ ୧୬ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ନାମିବ୍ୟା କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ୨୩୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଅଷ୍ଟ୍ରେଲିଆ ଷ୍ଟିଭେନ ହୋଗାନଙ୍କ ଶତକ ବଳରେ ୩୯.୪ ଓଭରରେ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ହୋଗାନ ୧୧୧ଟି ବଲରେ ୧୧ ଚୌକା ଓ ୧ ଛକା ସହାୟତାରେ ୧୧୫ ରନର ମ୍ୟାଚ ବିଜୟୀ ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତେଶ ସାମୁଏଲ ଅପରାଜିତ ୭୭ର ଉପଯୋଗୀ ବ୍ୟାଟିଂ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟର୍ଲାଣ୍ଡ ୭ ୱିକେଟ୍‌ରେ ୨୩୫ ରନର ସମ୍ମାନଜନକ ସ୍କୋର କରିଥିଲା। ଏଥିସହ ୨ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଖାତା ଖୋଲିଛି। ହୋଗାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଶନିବାର ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚରେ ୬ ୱିକେଟରେ ଆମେରିକାକୁ ହରାଇଥିଲା।

# ଡବ୍ଲ୍ୟୁପିଏଲ୍‌ରେ ରାଧାଙ୍କ ପ୍ରଥମ ଅର୍ଦ୍ଧଶତକ

ନଭି ମୁମ୍ବଇ, ୧୬ ।୧ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବାମହାତୀ ସ୍ପିନର ରାଧା ଯାଦବ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚରେ ରାଧା ଏହି ସଫଳତା ପାଇଛନ୍ତି। ରାଧାଙ୍କ ଅର୍ଦ୍ଧଶତକ ବଳରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ୨୦ ଓଭରରେ ୭ ୱିକେଟ ହରାଇ ୧୮୨ ରନ କରିଥିଲା। ବ୍ୟାଟିଂକ୍ରମର ୫ମ ସ୍ଥାନରେ ଆସିଥିବା ରାଧା ୪୭ ବଲରେ ସର୍ବାଧିକ ୬୬ ରନ କରିଥିଲେ। ରିଚା ଘୋଷ ୪୪, ଅଧିନାୟିକା ସ୍ମୃତି ମନ୍ଧାନା ୫ ରନ କରିଥିଲେ। ସୋଫି ଡିଭାଇନଙ୍କୁ ୩ଟି ୱିକେଟ ମିଳିଥିଲା।

# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୬ ।୧ (ସମିସ)

ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୬ତମ ସଂସ୍କରଣ ଶୁକ୍ରବାର ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଅଲ୍‌ଇଣ୍ଡିଆ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଓଡ଼ିଶା ଚେସ୍ ସଂଘ ଓ ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ମେଗା ଚେସ୍ ପ୍ରତିଯୋଗିତାରେ ଭାରତ ସମେତ ୧୪ଟି ଦେଶର ୧,୦୫୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୦ଜଣ ଗ୍ରାଣ୍ଡମାଷ୍ଟର ଓ ୧୯ଜଣ ଅନ୍ତର୍ଜାତୀୟ ମାଷ୍ଟର ରହିଛନ୍ତି। ପାଞ୍ଚଥରର କମନୱେଲ୍‌ତ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ଅଭିଜି ଗୁପ୍ତା ଟୁର୍ଣ୍ଣାମେଣ୍ଟର ଟପ୍ ସିଡ୍ ଖେଳାଳି ମାନ୍ୟତା ପାଇଛନ୍ତି।

ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। କାଟାଗୋରୀ-ଏ'ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏଥିରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି'ରେ ଭାଗନେବେ। କାଟାଗୋରୀ-ସି'ରେ ୧୭୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି' ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ। କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି' ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି।


ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନର ସମ୍ପାଦକ ଦେବବ୍ରତ ଭଟ୍ଟ, ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନିଳାଦ୍ରୀର ସଭାପତି ସୁଜିତ କୁମାର ରାଉତ, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ଜ୍ୟୋତିରଞ୍ଜନ ଦାସ, ଆଇଏମ୍ ସତ୍ୟପ୍ରଜ୍ଞ, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଜାତୀୟ ମହିଳା ଫୁଟବଲ ଦଳରେ ୩ ଓଡ଼ିଆ

କଟକ,୧୬।୧(ସମିସ): ଏଏଫସି ମହିଳା ଏସିଆ କପ୍ ପୂର୍ବରୁ ଭାରତୀୟ ମହିଳା ଫୁଟବଲ ଦଳ ଏକ୍ସପୋଜର ଟୁର୍‌ରେ ତୁର୍କୀ ଯାତ୍ରା କରିଛି। ସେଠାରେ ଏଫସି ମେଟାଲିଷ୍ଟ, ଏଫସି ଜୁରିକ ଏବଂ ଏଫସି ସିଲିରେନ୍ ବିପକ୍ଷରେ ତିନୋଟି ମ୍ୟାଚ୍ ଖେଳିବ। ତେବେ ୨୬ ଜଣିଆ ଭାରତୀୟ ଦଳରେ ତିନି ଓଡ଼ିଆଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ମିଡଫିଲ୍ଡର ଯଶୋଦା ମୁଣ୍ଡା, ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିଶାନ। ହରିୟାଣାର ଗୁରୁଗ୍ରାମରେ ତିନି ଦିନିଆ ଅଭ୍ୟାସ ସେସନ ଶେଷ କରିବା ପରେ ତିନିଜଣ ଜାତୀୟ ଦଳ ସହ ତୁର୍କୀ ଯାତ୍ରା କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଜୟ ହଜାରେ ଟ୍ରଫି

# ଲିଷ୍ଟ-ଏ'ରେ ଅନମୋଲ୍‌ପ୍ରୀତ୍‌ଙ୍କ ୮ମ ଶତକ



ବେଙ୍ଗାଲୁରୁ, ୧୬ ।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିରେ ଶୁକ୍ରବାର ସୌରାଷ୍ଟ୍ର ଓ ପଞ୍ଜାବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯାଇଛି। ଏହି ମ୍ୟାଚରେ ଟସ୍ ଜିତି ସୌରାଷ୍ଟ୍ର ଅଧିନାୟକ ହାର୍ଭିକ ଦେଶାଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଜବାବରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଆଗଧାଡ଼ିର ବ୍ୟାଟରଙ୍କ ଉପଯୋଗୀ ଇନିଂସ ବଳରେ ୫୦ ଓଭରରେ ୨୯୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଅନମୋଲ୍‌ପ୍ରୀତ୍ ସିଂହ ଶତକୀୟ ପାଳି ଖେଳିଥିବାବେଳେ ଅଧିନାୟକ ପ୍ରଭସିମରନ ସିଂହ ୮୭ ରନରେ ଆଉଟ୍ ହୋଇଥିଲେ। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ଅନମୋଲପ୍ରୀତ୍ ୧୦୫ଟି ବଲରେ ୧୦୦ ରନ କରି ଚେତନ ସାକାରିୟାଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଲିଷ୍ଟ-ଏ କ୍ରିକେଟ୍‌ରେ ଏହା ତାଙ୍କର ୮ମ ଶତକ ଥିଲା। ପ୍ରଭସିମରନ୍ ଓ ଅନମୋଲପ୍ରୀତ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ଭାଗୀଦାରୀରେ ୧୧୫ ବଲରୁ ୧୦୯ ରନ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମନଦୀପ୍ ସିଂହ ୪୨ ଓ ହର୍ନୁର ସିଂହ ୩୩ ରନର ଉପଯୋଗୀ ପାଳି ଖେଳିଥିଲେ। ସଫଳ ବୋଲର ଭାବେ ସୌରାଷ୍ଟ୍ରର ବାମହାତୀ ଦ୍ରୁତ ବୋଲର ଚେତନ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ସୌରାଷ୍ଟ୍ର ଶେଷ ଖବର ସୁଦ୍ଧା ୭ ଓଭରରେ କୌଣସି ୱିକେଟ୍ ନ ହରାଇ ୬୪ ରନ ସଂଗ୍ରହ କରିଛି। ଏହି ମ୍ୟାଚରେ ଅମ୍ପାୟରଙ୍କ ଚେତାବନୀ ସତ୍ତ୍ୱେ ପଞ୍ଜାବ ବ୍ୟାଟର୍‌ମାନେ ପିଚ୍ ଉପରେ ବାରମ୍ବାର ଦୌଡ଼ିବାରୁ ଦଳକୁ ୫ ରନ ପେନାଲ୍ଟି ଦିଆଯାଇଥିଲା। ଯେଉଁଥି ପାଇଁ ସୌରାଷ୍ଟ୍ର ପାଳି ଆରମ୍ଭ କରିବା ପୂର୍ବରୁ ୫ ରନ ହାସଲ କରିନେଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS